ପୃଷ୍ଠା–୮+୮

48

ଧରିତ୍ରୀ
DHARITRI

୪୮

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୩/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Friday, December 3/2021 | ★★

୧୭ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

ବଲିଉଡ୍‌ରେ କାମ କରିବାକୁ ନିକ୍‌ଙ୍କ ଇଚ୍ଛା

ଭଲ ଚରିତ୍ର ପାଇଁ ଅଫର ମିଳିଲେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ନିକ୍ ଜୋନାସ ବଲିଉଡ୍‌ରେ କାମ କରିବେ ବୋଲି କହିଛନ୍ତି।

୦୭

୦୮

ବାର୍ଡ ପ୍ଲେୟର ଅଫ୍ ଦି ମ୍ୟାଚ୍

ଜୁନିୟର ହକି ବିଶ୍ୱକପ୍‌ରେ ଆମେରିକା ବିପକ୍ଷ ଏକ କ୍ରସ୍ ଓଭର ମ୍ୟାଚରେ କାନାଡ଼ାର ଆଲେକ୍‌ଜାଣ୍ଡର ବାର୍ଡ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଭାରତରେ ଓମିକ୍ରନ୍

କର୍ଣ୍ଣାଟକରେ ୨ ସଂକ୍ରମିତ ଚିହ୍ନଟ

ସଂସ୍ପର୍ଶରେ ଆସିଥିବା ୫ ଜଣ କୋଭିଡ୍ ପଜିଟିଭ୍

ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୨।୧୨(ପି.ଟି.)

ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍–୧୯ ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ବର୍ତ୍ତମାନ ସୁଦ୍ଧା ୨୯ ଦେଶକୁ ବ୍ୟାପିଥିବାବେଳେ ଗୁରୁବାର ଏହା ଭାରତରେ ଚିହ୍ନଟ ହୋଇଛି। କର୍ଣ୍ଣାଟକରେ ଦୁଇଜଣଙ୍କଠାରେ ଓମିକ୍ରନ୍ ଭାରିଆଣ୍ଟ ଦେଖାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଦକ୍ଷିଣ ଆଫ୍ରିକାରୁ ଆସିଥିବାବେଳେ ଅନ୍ୟ ଜଣେ ବେଙ୍ଗାଲୁରୁର ଡାକ୍ତର ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. କେ. ସୁଧାକର ସୂଚନା ଦେଇଛନ୍ତି। ତାଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ। ଜ୍ୱର ହେବା ସହ ସେ କ୍ଲାନ୍ତ ଅନୁଭବ କରିବାରୁ କୋଭିଡ୍ ପରୀକ୍ଷା କରାଇବା ସହ ହୋମ୍ ଆଇସୋଲେଶନରେ ରହିଥିଲେ। ☞ପୃଷ୍ଠା–୪



ଓମିକ୍ରନ୍ ୫ ଗୁଣା ଅଧିକ ସଂକ୍ରାମକ

ନୂଆଦିଲ୍ଲୀ, ୨।୧୨

ନୂଆ ଓମିକ୍ରନ୍ ଭାରିଆଣ୍ଟରେ ଖରାପ୍ ସ୍ପାଇକ୍ ମ୍ୟୁଟେଶନ୍ ଡେଲ୍ଟା ଭାରିଆଣ୍ଟର ଦୁଇଗୁଣ। ଏହା ୫ ଗୁଣ ଅଧିକ ବେଗରେ ସଂକ୍ରମିତ ହେଉଥିବାରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି। କୋଭିଡ୍–୧୯ ସଂକ୍ରମଣ ମାମଲା ମଧ୍ୟ ବିଭିନ୍ନ ଦେଶରେ ବୃଦ୍ଧି ପାଉଛି। କେବଳ ୟୁରୋପରେ ୭୦ ପ୍ରତିଶତ ମାମଲା ଦେଖାଦେଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ୍ ଅଗ୍ରୱାଲ କହିଛନ୍ତି। ଜର୍ମାନୀରେ ୭୫,୦୦୦ରୁ ଊର୍ଦ୍ଧ୍ୱ ମାମଲା ଦେଖାଦେଇଥିବାବେଳେ ବ୍ରିଟେନରେ ୪୭,୦୦୦ରୁ ଅଧିକ ଏବଂ ଫ୍ରାନ୍ସରେ ୫୦,୪୭୦ରୁ ଅଧିକ ସଂକ୍ରମଣ ଦେଖାଦେଇଛି। ଏହା ତୁଳନାରେ ଭାରତ ଓ ଅନ୍ୟ ଦକ୍ଷିଣପୂର୍ବ ଏସୀୟ ଦେଶରେ ସଂକ୍ରମଣ ଯଥେଷ୍ଟ କମ୍ ରହିଛି। ଏହା ସତ୍ତ୍ୱେ ଆମକୁ ସତର୍କ ରହିବାକୁ ହେବ ଓ ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିବାକୁ ପଡ଼ିବ ବୋଲି ଅଗ୍ରୱାଲ କହିଛନ୍ତି।

ସଂକ୍ରମିତ ଦେଶରୁ ଓଡ଼ିଶା ଆସିଛନ୍ତି ୩୮୦

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

- ବିଦେଶରୁ ଆସିଲେ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ
- ବିଏମ୍‌ସି, ଝାରସୁଗୁଡ଼ା ଜିଲାପାଳଙ୍କୁ ସ୍ୱତନ୍ତ୍ର ଆଡ୍‌ଭାଇଜରି ଜାରି
- ସତର୍କତା, ଟିକାକରଣ ଉପରେ ଗୁରୁତ୍ୱ

ସାରା ବିଶ୍ୱକୁ ଏବେ କରୋନାର ନୂଆ ଭୂତାଣୁ 'ଓମିକ୍ରନ' ଭୟ ଲାଗି ରହିଥିବାବେଳେ ଓଡ଼ିଶାକୁ ମଧ୍ୟ ଚିନ୍ତା ଘାରିଲାଣି। କାରଣ ଓମିକ୍ରନ ସଂକ୍ରମିତ ଦେଶରୁ ଓଡ଼ିଶାକୁ ଏ ପର୍ଯ୍ୟନ୍ତ ୩୮୦ଜଣ ଫେରିଛନ୍ତି। ଏ ନେଇ ଗୁରୁବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇ କହିଛନ୍ତି, ନଭେମ୍ବର ୨୮ ସୁଦ୍ଧା 'ଓମିକ୍ରନ୍ ରିସ୍କ' ଦେଶରୁ ଓଡ଼ିଶାକୁ ୨୨୪ଜଣ ଆସିଥିବାବେଳେ କେବଳ ୨୯ ତାରିଖରେ ୧୫୬ଜଣ ପ୍ରବେଶ କରିଛନ୍ତି। ଏବେ ସୁଦ୍ଧା ଦୁଇଦିନର ଡାଟା ସରକାରଙ୍କ ପାଖରେ ପହଞ୍ଚିଛି। ଯେଉଁମାନେ ଏବେ ବିଦେଶରୁ ଫେରୁଛନ୍ତି ସମସ୍ତଙ୍କ ତାଲିକା ଜିଲା ପ୍ରଶାସନକୁ ଦିଆଯାଇଛି ବୋଲି ଡା. ମିଶ୍ର ସୂଚନା ଦେଇଛନ୍ତି।

ଆହୁରି ମଧ୍ୟ ସେ କହିଛନ୍ତି, ଏଥର କରୋନାକୁ ଚେକ୍ ଦେବାକୁ ଆରମ୍ଭରୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ବିଦେଶରୁ ଆସୁଥିବା ବ୍ୟକ୍ତି ସାଙ୍ଗରେ ନେଗେଟିଭ୍ ସାର୍ଟିଫିକେଟ୍ ଆଣିବା ବାଧ୍ୟତାମୂଳକ କରାଯାଇଛି। ଏୟାରପୋର୍ଟରେ ପହଞ୍ଚିବା ପରେ ବି ସେମାନଙ୍କର ପୁଣିଥରେ ଆର୍‌ଟି–ପିସିଆର୍ ଟେଷ୍ଟ କରାଯିବ। ରିପୋର୍ଟ ନେଗେଟିଭ୍ ଥିଲେ ରାଜ୍ୟରେ ପ୍ରବେଶ ଅନୁମତି ମିଳିବ। ସେମାନେ ୭ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିବେ। ଅଷ୍ଟମ ଦିନ ତାଙ୍କର ପୁଣିଥରେ ଟେଷ୍ଟ କରାଯିବ। ଯେହେତୁ ବିଦେଶ ଫେରନ୍ତା ବିମାନବନ୍ଦରରେ ଟେଷ୍ଟ କରି ଆସୁଛନ୍ତି, ତେଣୁ ସେମାନଙ୍କୁ ଟ୍ରେସ୍ କରି ନିର୍ଦ୍ଧାରିତ ଦିନରେ ଆର୍‌ଟି–ପିସିଆର୍ ଟେଷ୍ଟ କରିବାକୁ ପଦକ୍ଷେପ ନିଆଯାଇଛି। ଯଦି ଅଷ୍ଟମ ଦିନ ତାଙ୍କର ପିଜିଟିଭ ଆସିଲା ତାଙ୍କୁ ତତ୍‌କ୍ଷଣାତ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଏଥିସହ ଆଉ ୭ଦିନ ତାଙ୍କୁ ସେଲ୍ଫ ଅବ୍‌ଜରଭେଶନରେ ରଖାଯିବ। ମୋଟ ୧୪ଦିନ ତାଙ୍କୁ ସଙ୍ଗରୋଧରେ ରହିବାକୁ ହେବ। ତେବେ ରିପୋର୍ଟ ପଜିଟିଭି ଥିଲେ ସେମାନଙ୍କୁ ତତ୍‌କ୍ଷଣାତ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ସେମାନଙ୍କର ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯିବ। ସେହିଭଳି ଯେଉଁ ଯାତ୍ରୀମାନେ ବାହାରୁ ଆସିବେ ସେମାନେ କେଉଁଠୁ ଆସିଲେ, କୁଆଡ଼େ ଯିବେ ଓ କେଉଁଠି ରହିବେ, ସେ ନେଇ ସେଲ୍ଫ ଡିକ୍ଲାରେଶନ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏହା ଦ୍ୱାରା ସେମାନଙ୍କୁ ଖୋଜି ପୁଣି ପରୀକ୍ଷା କରାଯାଇପାରିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ଓମିକ୍ରନ ସଂକ୍ରାନ୍ତରେ ସେ କହିଛନ୍ତି, ବର୍ତ୍ତମାନ ଏହି ନୂଆ ଭାରିଆଣ୍ଟ ୨୬ଟି ଦେଶକୁ ବ୍ୟାପିଲାଣି। ଓଡ଼ିଶାରେ ସବୁ ପରିସ୍ଥିତିକୁ ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଆମେ ସ୍ୱତନ୍ତ୍ର ଭାବେ ଭୁବନେଶ୍ୱର ବିଏମ୍‌ସି ଏବଂ ଝାରସୁଗୁଡ଼ା ଜିଲାପାଳଙ୍କୁ ଆଡ୍‌ଭାଇଜରି ଦେଇଛୁ। ଯଦି କାହାର ଘରେ କ୍ୱାରାଣ୍ଟାଇନ ପାଇଁ ବ୍ୟବସ୍ଥା ହେଉନି, ତାଙ୍କ ପାଇଁ କ୍ୱାରାଣ୍ଟାଇନ ବ୍ୟବସ୍ଥା କରିବେ। ଯଦି ସେମାନଙ୍କ ଭିତରୁ କେହି ପିଜିଟିଭ ☞ପୃଷ୍ଠା–୪

ଭିତର ରତ୍ନଭଣ୍ଡାର ନକଲି ଚାବିକୁ ନେଇ ଦ୍ୱନ୍ଦ୍ୱ

ପୁରୀ ଅଫିସ, ୨।୧୨

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଚାବି ପ୍ରସଙ୍ଗ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ରତ୍ନଭଣ୍ଡାର ଚାବି ହଜିବା ଓ ପରେ ପୁଣି ରେକର୍ଡ ରୁମ୍‌ରୁ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ନକଲି ଚାବି ମିଳିଯିବା ଘଟଣା ନେଇ ସେସମୟରେ ଚର୍ଚ୍ଚା ଜୋର ଧରିଥିଲା। ତତ୍କାଳୀନ ଜିଲାପାଳ ମଧ୍ୟ ଏକ ବନ୍ଦ ଲଫାପାରେ ଚାବି ଥିବା କହି ଗଣମାଧ୍ୟମ ସମ୍ମୁଖରେ ଲୋକଙ୍କୁ ଦେଖାଇଥିଲେ। ☞ପୃଷ୍ଠା–୪

ଆଜିର ସମ୍ପାଦକୀୟ

ଅର୍ଥ ବ୍ୟବସ୍ଥାରେ ଡିଜିଟାଲ କରେନ୍ସି

ତପସ୍ୱିନୀ–ସୁମିତ ୭ ଦିନ ଏକାଠି ରହିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ, ୨।୧୨

ନ୍ୟାୟ ପାଇଁ ବଧୂ ତପସ୍ୱିନୀ ଦାଶ ଗଞ୍ଜାମ ଜିଲା ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ଶ୍ୱଶୁର ଘର ଆଗରେ ୧୦ ଦିନ ଧରି ଧାରଣା ଦେଇଥିଲେ। ତାଙ୍କ ଦ୍ୱାରା କୋର୍ଟରେ ରୁଜୁ ହୋଇଥିବା ପିଟିଶନ(ଏମ୍‌ସି ନଂ. ୩୪୪/୨୧)ର ଗୁରୁବାର ଶୁଣାଣି କରି ଏସ୍‌ଡିଜେଏମ୍ ସ୍ୱାମୀ, ସ୍ତ୍ରୀଙ୍କୁ ୭ଦିନ ପର୍ଯ୍ୟନ୍ତ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାମୀ ସୁମିତ ସାହୁ ଆସିକା ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଛନ୍ତି। ଏଣୁ ଆସିକାରେ ଉଭୟ ରହିବା ଲାଗି ଏସ୍‌ଡିଜେଏମ୍ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିପାଇଁ ଆସିକା ଥାନା ଅଧିକାରୀ ଏକ ଭଡାଘର ଯୋଗାଡ଼ କରି ସେଠାରେ ସେମାନଙ୍କୁ ରହିବାକୁ ଦେବେ। ସେଠାକୁ ପୁଅ ସୁମିତ କିମ୍ବା ଝିଅ ତାପସ୍ୱିନୀଙ୍କ ପରିବାର ଦେଖା କିମ୍ବା ଯୋଗାଯୋଗ କରିବେ ନାହିଁ ବୋଲି ନିର୍ଦ୍ଦେଶ ଥିବା ତପସ୍ୱିନୀଙ୍କ ଆଇନଜୀବୀ ପ୍ରଦୀପ ବେହେରା ସୂଚନା ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ତାରିଖ ଧାର୍ଯ୍ୟ ହେବା ପରେ ପୋଲିସ ଉଭୟଙ୍କୁ ପୁଣିଥରେ କୋର୍ଟରେ ହାଜର କରିବ। ଏଥିପାଇଁ ଜଣେ ପ୍ରୋଟେକ୍ସନ ଅଫିସରଙ୍କୁ ନିଯୁକ୍ତି କରାଯିବ। ସମ୍ପୃକ୍ତ ଅଧିକାରୀଙ୍କ ତଦାରଖରେ ଉଭୟେ ରହିବେ ବୋଲି ନିର୍ଦ୍ଦେଶ ରହିଛି। ☞ପୃଷ୍ଠା–୪

ସ୍ୱାଭାବିକ ହୋଇପାରୁନି ଗୃହ

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ଗମିତା ଝଡ଼

- ବିରୋଧୀଙ୍କ ହଙ୍ଗଗୋଳ, ଶୁକ୍ରବାର ଯାଏ ଗୃହ ମୁଲତବୀ
- ଦରଦାମ ବୃଦ୍ଧିକୁ ନେଇ କେନ୍ଦ୍ରକୁ ଟାର୍ଗେଟ

କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ମାମଲାକୁ ନେଇ ଗତ ୨ଦିନ ହେବ ବିଧାନସଭା ହୁଲସ୍ଥୁଲ ହେଉଛି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଇସ୍ତଫା ଏବଂ ସିବିଆଇକୁ ଏହି ଘଟଣାର ତଦନ୍ତ ଦିଆଯାଉ। ନଚେତ୍ ଗୃହ ଚଳାଇ ଦେବୁନାହିଁ। ଏଭଳି ଜିଦ୍‌ରେ ବିରୋଧୀ ଅଡ଼ି ବସିଥିବାବେଳେ ସରକାର ସେମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନାହାନ୍ତି। ଫଳରେ ଗୃହ ସ୍ୱାଭାବିକ ହୋଇପାରୁ ନାହିଁ। ବିରୋଧୀ ଭାଜପା ଓ କଂଗ୍ରେସ ମମିତା ମେହେର ମାମଲାକୁ ନେଇ ସରକାରଙ୍କୁ ଜୋରଦାର ଆକ୍ରମଣ ଜାରି ରଖିଥିବାବେଳେ ଶାସକ ବିଜେଡି ଗ୍ୟାସ୍, ଅତ୍ୟାବଶ୍ୟକ ଦର ବୃଦ୍ଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ କମ୍ ଗୃହ ମିଳିବା ଅଭିଯୋଗ ଆଣି କେନ୍ଦ୍ର ସରକାରଙ୍କୁ ଘେରିବା ଆରମ୍ଭ କରିଛି।

ବିଜେଡି ବିଧାୟକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବୁଧବାର ବିଧାନସଭାରୁ ରାଜଭବନ ପଦଯାତ୍ରା କରି ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଥିବା ବେଳେ ଗୁରୁବାର ଗୃହ ମୁଲତବୀ ପରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବିରୋଧୀଙ୍କ ପ୍ରବଳ ହଙ୍ଗଗୋଳକୁ ନେଇ ବିଧାନସଭା ଦ୍ୱିତୀୟ ଦିନ ଅଚଳ ହୋଇଯାଇଛି। ମାତ୍ର ଅଧ ମିନିଟ ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଅପରାହ୍ନ ଅଧିବେଶନରେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। କଂଗ୍ରେସ ଓ ଭାଜପା ସଦସ୍ୟମାନେ ହାତରେ ପ୍ଲାକାର୍ଡ, କଳାଗାମୁଛା ଦେଖାଇ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରି ପ୍ରବଳ ହଙ୍ଗଗୋଳ କରିଥିଲେ। ହଙ୍ଗଗୋଳ ମଧ୍ୟରେ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ନିଜ ବିଭାଗର ପେପର ଲେ କରିଥିଲେ। ହଙ୍ଗଗୋଳ ଜାରି ରହିବାରୁ ମାତ୍ର ୧୩ ମିନିଟ ପରେ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ଶୁକ୍ରବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ☞ପୃଷ୍ଠା–୪

ଭାରତୀୟ ଜୀବନ ବୀମା ନିଗମର ସମସ୍ତ ସମ୍ମାନନୀୟ ପଲିସୀଧାରକଙ୍କ ପାଇଁ ସାର୍ବଜନିକ ସୂଚନା

ଭାରତ ବାହାରେ ଥିବା କୌଣସି ବି ସ୍ଥାନକୁ ବିତରଣ ପାଇଁ ନୁହେଁ

1. ଆପଣ ହୁଏତ ପ୍ରେସ୍ ରିପୋର୍ଟରୁ ଜାଣିଥିବେ ଯେ ଭାରତ ସରକାର ଭାରତୀୟ ଜୀବନ ବୀମା ନିଗମ (**"LIC" କିମ୍ବା "ନିଗମ"**) ର ସାଧାରଣ ଶେୟାରକୁ ସାର୍ବଜନିକ ରୂପେ ଦେବା ପାଇଁ ଏବଂ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ସାଧାରଣ ଶେୟାରକୁ ସୂଚିବଦ୍ଧ କରିବା ପାଇଁ, ଅତ୍ୟନ୍ତ ଉତ୍ସୁକ ଏବଂ ଲଲୁକ ଅଟନ୍ତି ।
2. ଆପଣ ବର୍ତ୍ତମାନ ସୁଦ୍ଧା ଜାଣି ସାରିଥିବେ, କି LIC ର ପଲିସୀଧାରକଙ୍କ ସ୍ୱାର୍ଥରେ ଭାରତ ସରକାର, LIC ଅଧିନିୟମ, 1956 ରେ ଏକ ସଂଶୋଧନ ପାସ କରିଛନ୍ତି ଯାହା କର୍ପୋରେସନକୁ ଏକ ପ୍ରତିଯୋଗିତାମୂଳକ ଭିତ୍ତିରେ ସଂରକ୍ଷଣ କରିବାକୁ ଅନୁମତି ଦେଇଛି, ପଲିସୀଧାରକ ଯେକୌଣସି ସମୟରେ ଫାଇନାନ୍ସ ଆକ୍ଟ, 2021 ର ଧାରା 131 ଆରମ୍ଭ ହେବାର ପାଞ୍ଚ ବର୍ଷ ମଧ୍ୟରେ, ଅର୍ଥାତ୍ ଜୁନ 30, 2021 ରୁ ପାଞ୍ଚ ବର୍ଷ, ନିଗମ ଦ୍ୱାରା ଭବିଷ୍ୟତରେ କରାଯାଉଥିବା ଯେକୌଣସି ସାର୍ବଜନିକ ପ୍ରସ୍ତାବରେ ସଂରକ୍ଷିତ ବର୍ଗ ମଧ୍ୟରୁ ଗୋଟିଏ ଭାବରେ ଗ୍ରହଣ ହେବ ।
3. ଏହିପରି କୌଣସି ସାର୍ବଜନୀନ ଅଫର୍‌ରେ ଅଂଶଗ୍ରହଣ କରିବାକୁ, ପଲିସୀଧାରକମାନେ ନିଶ୍ଚିତ କରିବାକୁ ପଡିବ ଯେ ନିଗମର ରେକର୍ଡରେ ସେମାନଙ୍କର PAN ବିବରଣୀ ଅପଡେଟ୍ ହୋଇଛି । ଅଧିକନ୍ତୁ, ଯଦି ଆପଣଙ୍କର ଏକ ବୈଧ DEMAT ଆକାଉଣ୍ଟ ଅଛି ତେବେ ଭାରତରେ ଯେକୌଣସି ସାର୍ବଜନୀନ ଅଫରକୁ ସବସ୍କ୍ରାଇବ୍ କରିବା ସମୟ ଅଟେ – ତଦନୁସାରେ, ପଲିସୀ ଧାରକମାନେ ନିଶ୍ଚିତ କରିବା ଉଚିତ୍ ଯେ ସେମାନଙ୍କ ପାଖରେ ଏକ ସକ୍ରିୟ DEMAT ଆକାଉଣ୍ଟ ଅଛି ।
4. ଆମର ପଲିସୀଧାରକଙ୍କ ସ୍ୱାର୍ଥରେ, ଆମେ ଅତୀତରେ ଆମ ରେକର୍ଡରେ ଆପଣଙ୍କର PAN ଅପଡେଟ୍ କରିବାକୁ ବିଜ୍ଞାପନ ଦେଇଥିଲୁ । ଯଦି ଆପଣ ଏପର୍ଯ୍ୟନ୍ତ ନିଗମକୁ ଏହି ସୂଚନା ପ୍ରଦାନ କରିନାହାଁନ୍ତି, ଦୟାକରି ଏହାକୁ ଶୀଘ୍ର କରନ୍ତୁ । ଏକ KYC ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏବଂ LIC ଦ୍ୱାରା ପ୍ରସ୍ତାବିତ ଜନସାଧାରଣଙ୍କ ଅଫର୍‌ରେ ଅଂଶଗ୍ରହଣ କରିବାର କ୍ଷମତା, ଯେପରି ଏବଂ ଯେତେବେଳେ ଏହା ହୁଏ, ଆବଶ୍ୟକୀୟ ନିୟାମକ ଏବଂ ଅନ୍ୟାନ୍ୟ ଅନୁମୋଦନ ଅନୁଯାୟୀ, ଏହିପରି ସର୍ବସାଧାରଣ ଅଫର୍ ଉପରେ ପ୍ରସ୍ତାବିତ ଅଫର୍‌ରେ ଅଂଶଗ୍ରହଣ କରିବାରେ ଏହା ଆପଣଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବହୃତ ହେବ ।
5. ନିଗମ ସହିତ ଆପଣଙ୍କର PAN ବିବରଣୀ ଅପଡେଟ୍ କରିବାର ପ୍ରକ୍ରିୟା ନିମ୍ନରେ ସେଟ୍ ହୋଇଛି:
   - 5.1 ଆପଣ କର୍ପୋରେସନ୍ ୱେବସାଇଟ୍ www.licindia.in କିମ୍ବା https://licindia.in/Home/Online-PAN-Registration ଭିଜିଟ୍ କରିପାରିବେ । ଆପଣଙ୍କର ପଲିସୀ ନମ୍ବର, PAN, ଜନ୍ମ ତାରିଖ ଏବଂ ଇ–ମେଲ୍ ID ପ୍ରସ୍ତୁତ କରନ୍ତୁ, ଯାହାକି ଆପଣଙ୍କର PAN ଅପଡେଟ୍ କରିବା ସମୟରେ ଭରିବା ଆବଶ୍ୟକ ।
   - 5.2 ଆପଣ ଉପରୋକ୍ତ ଲିଙ୍କ୍ ବ୍ୟବହାର କରି ଆପଣଙ୍କର ସମସ୍ତ LIC ପଲିସୀ ପାଇଁ ରେକର୍ଡଗୁଡିକ ଅପଡେଟ୍ କରିପାରିବେ ।
   - 5.3 ଆପଣ ମଧ୍ୟ ଆପଣଙ୍କର ପଲିସୀରେ PAN ପଞ୍ଜୀକୃତ ହୋଇଛି କି ନାହିଁ ନିଗମର ୱେବସାଇଟ୍ www.licindia.in କିମ୍ବା https://linkpan.licindia.in/UIDSeedingWebApp/getPolicyPANStatus ଭିଜିଟ୍ କରି ଯାଞ୍ଚ କରିପାରିବେ ।
   - 5.4 ବୈକଳ୍ପିକ ଭାବରେ, ଆପଣ ସହାୟତା ପାଇଁ ଆପଣଙ୍କ LIC ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରିପାରିବେ ।
   - 5.5 ଯଦି ଆପଣଙ୍କୁ PAN ଆବଣ୍ଟିତ କରାଯାଇ ନାହିଁ, ଆମେ ପରାମର୍ଶ ଦେଉଛୁ ଯେ ଆପଣ ଯଥାଶୀଘ୍ର ଏଥି ପାଇଁ ଆବେଦନ କରିପାରିବେ । ଆପଣ PAN ପାଇଁ ଆବେଦନ କରିପାରିବେ, ଯେଉଁଥି ପାଇଁ https://www.incometaxindia.gov.in/Pages/tax-services/apply-for-pan.aspx ରେ ପ୍ରକ୍ରିୟା ଗୁଡ଼ିକ ଦିଆଯାଇଛି । ଥରେ ଆପଣଙ୍କ ଦ୍ୱାରା ପ୍ରାପ୍ତ ହେବାପରେ ଦୟାକରି ନିଗମ ପାଖରେ ଆପଣଙ୍କର ଥିବା ରେକର୍ଡଗୁଡିକରେ PAN ଅପଡେଟ୍ କରିବାକୁ ଭୁଲନ୍ତୁ ନାହିଁ ।
   - 5.6 DEMAT ଆକାଉଣ୍ଟ ଗୁଡ଼ିକ ସମ୍ବନ୍ଧରେ, ଯଦି ଆପଣଙ୍କ ପାଖରେ ବର୍ତ୍ତମାନ ଏକ ବୈଧ DEMAT ଆକାଉଣ୍ଟ ନାହିଁ, ତେବେ ଆପଣ ନିଜ ଇଚ୍ଛାନୁସାରେ ଏବଂ ଆପଣଙ୍କ ଖର୍ଚ୍ଚରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଚିନ୍ତା କରିବା ଉଚିତ୍ ଯଦି ଥାଏ:
     - ଏକ ଡିପୋଜିଟୋରୀ ପାର୍ଟିସିପାଣ୍ଟ (DP) ସହିତ ଯୋଗାଯୋଗ କରନ୍ତୁ ଯିଏ ଆପଣଙ୍କ ଲାଭ ପାଇଁ ଏକ DEMAT ଖାତା ଖୋଲିବାରେ ଆପଣଙ୍କୁ ସାହାଯ୍ୟ କରିପାରିବେ । DEMAT ଖାତା ଖୋଲିବା ପାଇଁ ସମ୍ପୃକ୍ତ DPକୁ ବାଛିବା ପାଇଁ ଆପଣ ନିମ୍ନଲିଖିତ ଲିଙ୍କକୁ ଅନୁସରଣ କରିପାରିବେ –
       - (i) NSDL ସହିତ ପଞ୍ଜିକୃତ DP – https://www.sebi.gov.in/sebiweb/other/OtherAction.do?doRecognisedFpi=yes&intmId=19
       - (ii) CDSL ସହିତ ପଞ୍ଜିକୃତ DP – https://www.sebi.gov.in/sebiweb/other/OtherAction.do?doRecognisedFpi=yes&intmId=18
       - ଯଦି ଆପଣଙ୍କର KYC ଏକ KRA (KYC ରେଜିଷ୍ଟ୍ରେସନ୍ ଏଜେନ୍ସି) ଯାଞ୍ଚ ହୋଇନଥାଏ, ତେବେ DEMAT ଖାତା ଖୋଲିବା ପାଇଁ ଆପଣଙ୍କୁ DPକୁ ନିମ୍ନଲିଖିତ ପ୍ରମୁଖ ଦଲିଲଗୁଡ଼ିକ ପ୍ରଦାନ କରିବାକୁ ପଡିବ:
       - • ସାମ୍ପ୍ରତିକ ଫଟୋଗ୍ରାଫ • PAN କାର୍ଡ
       - • ଠିକଣା ପ୍ରମାଣ • କ୍ୟାନସେଲ

ADMISSION FREE
SIGMA PUBLIC SCHOOL
T.L.C. Road - B.D.A. Colony Road, Khordha
Class - Nursery to Std-VIII
(English Medium, C.B.S.E. Pattern)
Contact : 9439361634, 8249457004

ଭାବା ଆଣବିକ ଗବେଷଣା କେନ୍ଦ୍ରରେ କଳାହାଣ୍ଡି ଛାତ୍ର

ଭବାନୀପାଟଣା,୨।୧୨(ସ୍ୱ.ପ୍ର.)

ବଡ଼ ହେଲେ ବୈଜ୍ଞାନିକ ହେବେ ବୋଲି ସେ ପିଲାଟି ଦିନରୁ ସ୍ୱପ୍ନ ଦେଖୁଥିଲେ। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଶେଷରେ ତାଙ୍କ ସ୍ୱପ୍ନ ପୂରଣ କରିଛନ୍ତି। ଜଣେ ସଫଳ ବୈଜ୍ଞାନିକ ଭାବେ ଏବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେ ହେଲେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ କର୍ଲାକୋଟ ଗ୍ରାମର ପ୍ରତିଭାବାନ ଛାତ୍ର ବାବାଜୀ ଚରଣ ସାହୁ। ମୁମ୍ବାଇସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ର (ଆଟୋମିକ ରିସର୍ଚ୍ଚ ସେଣ୍ଟର)ରେ ସାଇଣ୍ଟିଫିକ୍ ଅଫିସର ଭାବେ ଯୋଗ୍ୟ ବିବେଚିତ ହୋଇ ଜିଲା ପାଇଁଗୌରବ ଆଣିଛନ୍ତି। ତାଙ୍କ ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

ଗୌରବ ଆଣିଲେ ବାବାଜୀ

ବାପା ଚନ୍ଦ୍ରଶେଖର ସାହୁ ଓ ମା' ସୁକାନ୍ତିଙ୍କ ଏକମାତ୍ର ପୁଅ ବାବାଜୀ। ପ୍ରାଥମିକ ଶିକ୍ଷା ଗାଁରୁ ଆରମ୍ଭ କରି ତରାପୁର ଉଚ୍ଚ ବିଦ୍ୟାଳୟରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପଦାର୍ଥବିଜ୍ଞାନ ସମ୍ମାନ ପାଠ୍ୟକ୍ରମରେ ଅଧ୍ୟୟନ କରିଥିଲେ। ଉଭୟରେ ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ ହୋଇଥିଲେ। ସିଏସ୍‌ଆଇଆର ଦ୍ୱାରା ହୋଇଥିବା ପ୍ରବେଶିକା ପରୀକ୍ଷାରେ ୧୭୦ ସ୍ଥାନ ଓ ଜିଏଟିଇ ପରୀକ୍ଷାରେ ସର୍ବଭାରତରେ ୬୫ତମ ସ୍ଥାନ ଅଧିକାର କରିଥିଲେ। ଏହାପରେ ପଦାର୍ଥ ବିଜ୍ଞାନରେ ଡକ୍ଟରେଟ ଉପାଧି ହାସଲ ପାଇଁ ଆଇଆଇଟି ପାଟଣାରେ ରିସର୍ଚ୍ଚ ସ୍କୋଲାର ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଫେଲୋଶିପ ପାଇବା ପାଇଁ ମଧ୍ୟ ସେ ଯୋଗ୍ୟ ବିବେଚିତ ହୋଇଥିଲେ। ବର୍ତ୍ତମାନ ସେ ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟରରେ ସାଇଣ୍ଟିଫିକ୍ ଅଫିସର ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପଛରେ ମା'ବାପା, ଗୁରୁଜନଙ୍କ ତଥା ଗୁରୁମାନଙ୍କ ହାତ ରହିଥିବା ବାବାଜୀ ପ୍ରକାଶ କରିଛନ୍ତି।

ସାଇକୃପାର ଆଉ ୧୯ ଛାତ୍ରୀଛାତ୍ର ପଜିଟିଭ୍

ଢେଙ୍କାନାଳ ଅଫିସ,୨।୧୨

ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳରେ ଥିବା ସାଇକୃପା ଆବାସିକ ମହାବିଦ୍ୟାଳୟର ଆଉ ୧୯ ଛାତ୍ରୀଛାତ୍ର ଗୁରୁବାର କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏହାକୁ ମିଶାଇ ଗତ ୩ଦିନ ମଧ୍ୟରେ ମୋଟ୍ ୫୬ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଓ କର୍ମଚାରୀମାନେ କଲେଜ ସହ ହେଷ୍ଟେଲକୁ ସିଲ୍ କରିଦେଇଛନ୍ତି। ଏଥିସହ କୋଭିଡ୍ ନିୟମ ଉଲ୍ଲଂଘନ ଏବଂ ଅବହେଳା ପ୍ରଦର୍ଶନ ଅଭିଯୋଗରେ କଲେଜ ପରିଚାଳନା ପରିଷଦର ଚେୟାରମ୍ୟାନ ଅନ୍ନଦା କୁମାର ମହାନ୍ତିଙ୍କ ନାମରେ ପୌର ପରିଷଦ ପକ୍ଷରୁ ଟାଉନ ଥାନାରେ ଏକ ମାମଲା ଦାଏର କରାଯାଇଛି। ଉକ୍ତ ଅଞ୍ଚଳକୁ ୧୦ ତାରିଖ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଜିଲାପାଳ ଘୋଷଣା କରିଛନ୍ତି। ହେଲେ ପୌରସଂସ୍ଥା ପକ୍ଷରୁ ଏ ନେଇ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ

ସାଇକୃପା ଆବାସିକ ବିଜ୍ଞାନ ମହାବିଦ୍ୟାଳୟ

କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିବାରୁ କର୍ତ୍ତୃପକ୍ଷ କଲେଜକୁ ଛୁଟି ଘୋଷଣା କରିଥିଲେ। ଏହାପରେ କଲେଜ ଏବଂ ହଷ୍ଟେଲକୁ ସିଲ୍ କରାଯିବା ସହ ବାକିଥିବା ୫୦ ଛାତ୍ରୀଛାତ୍ରଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୯ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, କୋଭିଡ୍ ନିୟମ ଠିକ୍ ଭାବେ ଅନୁପାଳନ କରି ନ ଥିବାରୁ କଲେଜ ପରିଚାଳନା ପରିଷଦ ଚେୟାରମ୍ୟାନ ଓ ପ୍ରିନ୍ସିପାଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଆବାସିକ ମହାବିଦ୍ୟାଳୟର ୪ ଛାତ୍ରୀଛାତ୍ର କରୋନାରେ ଆକ୍ରାନ୍ତ ହେବା ପରେ ହଷ୍ଟେଲରେ ରହୁଥିବା ୨୬୦ ଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୧୦ ଜଣଙ୍କ ରିପୋର୍ଟ ବୁଧବାର ସନ୍ଧ୍ୟାରେ ଆସିଥିଲା। ୩୩ଜଣ

ମହାପ୍ରଭୁଙ୍କୁ ଦର୍ଶନ କଲେ ଜଲି ମୁଖାର୍ଜୀ

ପୁରୀ ଅଫିସ, ୨।୧୨: ବଲିଉଡ୍‌ର ବିଶିଷ୍ଟ ଗାୟକ ଜଲି ମୁଖାର୍ଜୀ ଓ ତାଙ୍କ ସହଧର୍ମିଣୀ ସନ୍ଧ୍ୟା ମୁଖାର୍ଜୀ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସାରି ଭିତର ବେଢ଼ାରେ ଥିବା ଦେବଦେବୀଙ୍କ ଦର୍ଶନ କରିଥିଲେ।

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଦିବସରେ ମୋର ହାର୍ଦ୍ଦିକ ଅଭିନନ୍ଦନ।

ରକମ ଚଲପତିରାଓ
ନଗର ବିଜେପି ସଭାପତି, କାଶୀନଗର(ଗଜପତି)

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଦିବସରେ ମୋର ହାର୍ଦ୍ଦିକ ଅଭିନନ୍ଦନ।
ବିଜୁ ଜନତା ଦଳ

ରଘୁରାମ ସାହୁ
ନଗର ବିଜେଡି ସଭାପତି, କାଶୀନଗର ଏନ୍‌ଏସି

'Best compliments from
Hotel Apsara Pvt Ltd
Jeypore - 764001

Founder Director : Mr Amar Kumar Sahu, Ms Padama Sahu
Mr. Vivek Kumar Sahu, Director, Ms Smriti Sahu

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଦିବସରେ ମୋର ହାର୍ଦ୍ଦିକ ଅଭିନନ୍ଦନ।

ଦୋଳଗୋବିନ୍ଦ ରାଉଳ
ଗ୍ରାମ- ସରମଙ୍ଗା, ରାନ୍ଧିଆ(ଭଦ୍ରକ)

MSSRF
M. S. Swaminathan Research Foundation (Biju Patnaik Tribal Agro-biodiversity Centre) Jeypore, Koraput
In the service of Tribal and Agrarian Communities of Southern Odisha for their Livelihood & Nutritional Security.

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଦିବସରେ ମୋର ହାର୍ଦ୍ଦିକ ଅଭିନନ୍ଦନ।

ନବକୃଷ୍ଣ ସାହୁକାର, ଅଧ୍ୟକ୍ଷ
ଅଧ୍ୟାପକ,ଅଧ୍ୟାପିକାଓକର୍ମଚାରୀବୃନ୍ଦ
ଶ୍ରୀରାମ ଜୁନିୟର କଲେଜ, କାଶୀନଗର(ଗଜପତି)

ଆଳି ଅଞ୍ଚଳର ଲୋକମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ
XAVIER INTERNATIONAL SCHOOL
MAIN ROAD - AUL, KENDRAPARA

ଶୁଭେଚ୍ଛା ସହ...
ସ୍ୱାଦ ଓ ଶୁଦ୍ଧରେ ଭରପୁର,ବ୍ୟବହାର କରନ୍ତୁ ଓ ସୁସ୍ଥ ରୁହନ୍ତୁ
MAA SPICES
ମା'ମସଲା
ମା'ସ୍ନେହ ପରି ଖାଟି

ଧରିତ୍ରୀର ଜନ୍ମବାର୍ଷିକୀ ଅବସରରେ ଆଳି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ।

ପର୍ଶୁରାମ ରାଉତରାୟ
ପୂର୍ବତନ ସରପଞ୍ଚ ଓ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି

ପ୍ରଗତି ପଥେ ମେଣ୍ଢପୁର ଗ୍ରାମପଞ୍ଚାୟତ
"ଆପଣମାନେ ମୋତେ ସେବା କରିବାର ସୁଯୋଗ ଦେଇଥିବାରୁ ମୁଁ କୃତଜ୍ଞ।"

ପ୍ରତାପ କୁମାର ସାହୁ
ସରପଞ୍ଚ
ମେଣ୍ଢପୁର ଗ୍ରାମ ପଞ୍ଚାୟତ

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଦିବସରେ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଡଃ ପ୍ରଶାନ୍ତ କୁମାର ବାନାପାଲି, ଅଧ୍ୟକ୍ଷ
ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ
ଶ୍ରୀରାମ ଡିଗ୍ରୀ କଲେଜ, କାଶୀନଗର

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୨୬,୪୦,୮୯,୫୮୪	୫୨,୪୬,୩୧୩	୨୩,୮୨,୯୬,୨୭୫
ଭାରତ	୩,୪୬,୦୬,୫୪୧	୪,୬୯,୭୨୪	୩,୪୦,୩୭,୦୫୪
ଓଡ଼ିଶା	୧୦,୪୯,୫୯୭	୮୪୧୫(+୫୩)	୧୦,୩୮,୯୭୧

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

'ସରକାରୀ କାର୍ଯ୍ୟ କରିବାକୁ ସ୍ୱୀକୃତି ମିଳୁ'

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ସରକାରୀ ଅନୁଦାନ ପ୍ରଦାନ, ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଲାଗୁ ସହ କେତେକ ଦାବି ନେଇ ବିଧାନସଭା ସମ୍ମୁଖରେ ଗତ ୨୯ ତାରିଖରୁ ରାଲି ସହିତ ଅହୋରାତ୍ର ଧାରଣାରେ ବସିଛନ୍ତି ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ। ଗୁରୁବାର ଧାରଣାସ୍ଥଳରେ ଅଧ୍ୟାପିକା ଓ ମହିଳା କର୍ମଚାରୀମାନେ ମାଣ ବସାଇ ଅଭିନବ ପ୍ରତିବାଦ କରିଛନ୍ତି। ୨୦୦୮ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ମଧ୍ୟରେ ନିଯୁକ୍ତି ପାଇଥିବା ୧୦୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ କର୍ମଚାରୀ ଧାରଣାରେ ସାମିଲ ହୋଇଛନ୍ତି।

ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ (+୨ ଏବଂ +୩) କର୍ମଚାରୀ ସଂଘ ସଭାପତି ସଭାପତି ଡ. ଦେବବିଜୟ ମିଶ୍ର ଓ ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ପ୍ରାୟ ୩ହଜାର ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ସ୍ୱଳ୍ପ ବେତନରେ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ୭ ଘଣ୍ଟାର ବାୟୋମେଟ୍ରିକ୍ ଦେଉଛନ୍ତି। ସରକାରୀ କାର୍ଯ୍ୟ ପରୀକ୍ଷା ପରିଚାଳନା, ଖାତା ମୂଲ୍ୟାୟନ, ରେଡ୍‌କ୍ରସ୍, ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ନିର୍ବାଚନ କାମରେ ନିୟୋଜିତ ହୋଇଥିଲେ ମଧ୍ୟ ସେମାନେ ଏଯାଏ ସରକାରୀ ସ୍ୱୀକୃତିର ଅଂଶୀଦାର ହୋଇନାହାନ୍ତି। ଦରମା ୩ହଜାର ଟଙ୍କା ମଧ୍ୟରେ ସୀମିତ ରଖାଯାଉଛି। ବହୁ ଚେଷ୍ଟା ପରେ ୨୦୧୮ ସେପ୍ଟେମ୍ବର ୨୦ରେ ସଂଘ ସହିତ ଆଲୋଚନା କରାଯାଇଥିଲା। ୨୭୫୦ଜଣ କର୍ମଚାରୀଙ୍କ ପାଇଁ ୧ କୋଟି ୪୨ ଲକ୍ଷ ୧୬ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ୩ବର୍ଷ ବିତିଯାଇଥିଲେ ବି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଚାକିରି ସର୍ତ୍ତାବଳୀ ସହିତ ପୂର୍ଣ୍ଣ ଅନୁଦାନ ପାଇଁ ଦୀର୍ଘଦିନ ହେବ ଦାବି କରି ଆସୁଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ସମ୍ପୃକ୍ତ ଶିକ୍ଷକ ଓ ଅଣଶିକ୍ଷକମାନେ ବାଧ୍ୟହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସଭାପତି ମିଶ୍ର କହିଛନ୍ତି।

ଭୁବନେଶ୍ୱର ପିଏମ୍‌ଜିଠାରେ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷୟିତ୍ରୀମାନେ ମାଣବସା ପୂଜା କରୁଛନ୍ତି।

ମାଣବସାଇ ଧାରଣା ଦେଲେ ଅଧ୍ୟାପକ

ମମିତା ମେହେର ହତ୍ୟାକାଣ୍ଡ
ଜାମିନ ଆବେଦନ କଲେ ଗୋବିନ୍ଦ

ବଲାଙ୍ଗୀର ଅଫିସ, ୨।୧୨

ମମିତା ମେହେର ହତ୍ୟାକାଣ୍ଡର ଅଭିଯୁକ୍ତ ଗୋବିନ୍ଦ ସାହୁ ତାଙ୍କ ଓକିଲଙ୍କ ଜରିଆରେ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଜାମିନ ଆବେଦନ କରିଛନ୍ତି। ଉକ୍ତ ଆବେଦନକୁ ଏଡିଜେ ଗ୍ରହଣ କରିଛନ୍ତି। ଆସନ୍ତା ୬ ତାରିଖରେ ଏହା ଉପରେ ଶୁଣାଣି କରାଯିବ ବୋଲି ଜଣାପଡ଼ିଛି। ଶୁଣାଣି ପାଇଁ ଆସନ୍ତା ୬ ତାରିଖ ସୁଦ୍ଧା ଉକ୍ତ ମାମଲାର କେସ୍ ଡାଇରି ଦେବାକୁ କଣ୍ଟାବାଞ୍ଜି ଏଡିଜେ କୋର୍ଟ ପକ୍ଷରୁ ବଙ୍ଗୋମୁଣ୍ଡା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗ୍ରାମର ସୁଚନ୍ଦ୍ର ମେହେରଙ୍କ ଝିଅ ମମିତା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲରେ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରୁଥିଲେ। ଗତ ଅକ୍ଟୋବର ୮ରେ ମମିତା ମହାଲିଙ୍ଗ ଅଭିମୁଖେ ଯାଇ ନିଖୋଜ ହୋଇଯାଇଥିଲେ। ପରେ ଉକ୍ତ ଘରୋଇ ସ୍କୁଲ ମାଲିକ ଗୋବିନ୍ଦ ସାହୁ ମମିତାଙ୍କୁ ଅପହରଣ କରି ହତ୍ୟା କରିଥିବା ଜଣାପଡ଼ିଥିଲା। ଅକ୍ଟୋବର ୧୯ରେ ଗୋବିନ୍ଦଙ୍କୁ ପୋଲିସ ଗିରଫ କରିଥିଲା। ସେହିଦିନରୁ ଅଭିଯୁକ୍ତ ଗୋବିନ୍ଦ ଓ ସହଅଭିଯୁକ୍ତ ରାଧେଶ୍ୟାମ ଚଣ୍ଡି ଓରଫ୍ ରାଧେଙ୍କୁ କଣ୍ଟାବାଞ୍ଜି ଉପକାରାଗାରରେ ବିଚାର ବିଭାଗୀୟ ହାଜତରେ ରଖାଯାଇଛି।

ସାତକୋଶିଆ ଗଣ୍ଡରେ ଛଡ଼ାଗଲା ୪ ଘଡ଼ିଆଳ କୁମ୍ଭୀର

ଗଣିଆ/ବନ୍ତଳା,୨।୧୨(ଡି.ଏନ୍.ଏ.)

ମହାନଦୀର ସାତକୋଶିଆ ଗଣ୍ଡରେ ଘଡିଆଳ କୁମ୍ଭୀରଙ୍କ ବଂଶବୃଦ୍ଧି ପାଇଁ ବନ୍ୟପ୍ରାଣୀ ବିଭାଗ ତରଫରୁ ଉଦ୍ୟମ ଜାରି ରହିଛି। ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଅର୍ଥାତ୍ ଗୁରୁବାର ନନ୍ଦନକାନନ ପ୍ରାଣୀଉଦ୍ୟାନରୁ ଅଣାଯାଇଥିବା ୪ ଘଡିଆଳ କୁମ୍ଭୀରକୁ ବୌଦ୍ଧ ଜିଲା କୁଶଙ୍ଗ ବନାଞ୍ଚଳ ଅଧୀନ ଶୀତଳପାଣି ଫରେଷ୍ଟ ସେକ୍ସନର ମହାନଦୀର ସୁନାଖଣିଆଠାରେ ଛଡାଯାଇଛି । ଛଡାଯାଇଥିବା ଏହି କୁମ୍ଭୀରମାନଙ୍କ ମଧ୍ୟରେ ୩ଟି ମାଈ ଓ ଗୋଟିଏ ଅଣ୍ଡିରା ଘଡିଆଳ ପ୍ରଜାତିର କୁମ୍ଭୀର ରହିଛି । ବିଶେଷକରି ସାତକୋଶିଆ ଗଣ୍ଡ ଅଞ୍ଚଳରେ ମଗର ପ୍ରଜାତିର କୁମ୍ଭୀର ଦେଖାଯାଇଥାଏ । ଘଡିଆଳ ପ୍ରଜାତିର କୁମ୍ଭୀର ସଂଖ୍ୟା କମ୍ ରହିଛି । ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଅକ୍ଷୟ କୁମାର ପଟ୍ଟନାୟକ, ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସମୀର କୁମାର ଶତପଥୀ, ନନ୍ଦନକାନନର ପ୍ରାଣୀ ବିଶେଷଜ୍ଞ ସୁଦର୍ଶନ ମହାରଣା , ରାଜେଶ କୁମାର ପଟ୍ଟନାୟକ, କୁଶଙ୍ଗ ବନାଞ୍ଚଳ ଅଧିକାରୀ ସଂସାରୀ ବର୍ଗିଆଙ୍କ ସମେତ ବନ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

ସାତକୋଶିଆ ଗଣ୍ଡରେ ଛଡାଯିବାକୁ ଆସିଥିବା ଘଡିଆଳ କୁମ୍ଭୀର ।

୨ ଯୁବକଙ୍କ ଜୀବନ ଗଲା

ଜଳେଶ୍ୱର, ୨।୧୨(ଡି.ଏନ.ଏ.)–ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥ ଜଳେଶ୍ୱର ନିକଟରେ ଡାଉନଲାଇନ୍ ବନ୍ଦ ରହିଥିବାରୁ ଅପ୍‌ଲାଇନରେ ସମସ୍ତ ଯାନବାହନ ଚଳାଚଳ କରୁଛି । ଜଳେଶ୍ୱର ଥାନା ହୋଟେଲ ରାଜପଥ ନିକଟରେ ଗୁରୁବାର ଏକ ଫଳ ରସ ପ୍ୟାକେଟ ବୋଝେଇ ଟ୍ରକ୍ ରାସ୍ତାକଡରେ ଯାଉଥିବା ଏକ ବାଇକ୍ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କଟକ ଟାଙ୍ଗି ଅଞ୍ଚଳର ଚନ୍ଦନ ପୁଷ୍ଟି ଓ ରେମୁଣା ଥାନା ରସାଳପୁର ଅଞ୍ଚଳର ରାଜେଶ ଦାସ। ଅନ୍ୟପକ୍ଷରେ ନିଶାସକ୍ତ ଡ୍ରାଇଭର କାନରେ ଇଅର୍‌ଫୋନ୍ ଲଗାଇ ଟ୍ରକ ଚଳାଉଥିବାରୁ ଏପରି ଦୁର୍ଘଟଣା ଘଟାଇ ୫୦ମିଟର ଦୂରରେ ଥିବା ନୟନଯୋରିକୁ ଓଲଟି ପଡିଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ନିଜ ମୋବାଇଲ୍ ଛାଡି ଫେରାର ହୋଇଯାଇଥିଲେ। ସେହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଏବଂ ଦୀର୍ଘଦିନ ଧରି ମରାମତି ଚଳାଇଥିବା ପ୍ରତିବାଦରେ ସ୍ଥାନୀୟ ଲୋକେ ପ୍ରାୟ ୨ଘଣ୍ଟା ଜାତୀୟ ରାଜପଥକୁ ବନ୍ଦ କରିଥିଲେ । ଆଇଆଇସି ପ୍ରଜ୍ଞା ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଉଦ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ହେବା ପରେ ଜାତୀୟ ରାଜପଥ ସ୍ୱାଭାବିକ ହୋଇଥିଲା।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
• Fluency in Odia and English essential minimum 2 years experience in sales/ marketing.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

ଡିବିଟିରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ଅରୁଣ ସାହୁ

କୃଷି କ୍ଷେତ୍ର ପ୍ରଦର୍ଶନ ସମୀକ୍ଷା ବୈଠକ

କୃଷି କ୍ଷେତ୍ର ପ୍ରଦର୍ଶନର ରୂପାୟନ ସମ୍ପର୍କିତ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରି ୫-'ଟି' ମାଧ୍ୟମରେ କର୍ମକ୍ଷେତ୍ରରେ ସ୍ୱଚ୍ଛତା ଓ କର୍ମଚାରୀଙ୍କ ଦକ୍ଷତା ଉପରେ ଗୁରୁତ୍ୱାରୋପ କରିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ସ୍ୱଚ୍ଛତାକୁ ବିଭାଗୀୟ କାର୍ଯ୍ୟକ୍ରମରେ ପ୍ରତିଫଳିତ କରିବା ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ସମସ୍ତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ଆବଶ୍ୟକ କୃଷି ସହାୟତା ଯୋଗାଇବା ପଦ୍ଧତିକୁ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତରଣ (ଡିବିଟି) ଅନ୍ତର୍ଭୁକ୍ତ କରାଯାଇଛି। ଡିବିଟି ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ୍ ଜମାଖାତାକୁ ସିଧାସଳଖ ରିହାତି ଅର୍ଥ ପ୍ରଦାନ କରାଯାଉଛି। ଏପରି ବ୍ୟବସ୍ଥାରେ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମର କାର୍ଯ୍ୟଶୈଳୀ ଉତ୍ସାହଜନକ ନୁହେଁ। ଏଥିରେ ସୁଧାର ତଥା ଅଧିକ ଅଗ୍ରଗତି ନିମନ୍ତେ ପଦାଧିକାରୀଙ୍କୁ ମନ୍ତ୍ରୀ ସାହୁ ତାଗିଦ୍ କରିବା ସହ ଆସନ୍ତା ୧୭ ତାରିଖରେ ଅନ୍ୟଏକ ସମୀକ୍ଷା ବୈଠକ ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡିବିଟିରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଉତ୍ସାହଜନକ କାର୍ଯ୍ୟଶୈଳୀ ପ୍ରଦର୍ଶନ କରୁଥିବା ଅଧିକାରୀଙ୍କୁ ପୁରସ୍କୃତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଡିବିଟିରେ ଅନ୍ତର୍ଭୁକ୍ତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ଉପରେ ମତ ରଖି ଏଥିରେ ଅଧିକ ନିଷ୍ଠା ଓ ଆନ୍ତରିକତା ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେଇଥିଲେ। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସମସ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ, କୃଷି ଜିଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ଯୋଗଦେଇଥିଲେ। ବୈଠକରେ ମଧ୍ୟ ରାଜ୍ୟ ଯୋଜନା ଓ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯାଇଥିବାବେଳେ କ୍ଷେତ୍ରୀୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଧନ୍ୟବାଦ ଦେଇଥିଲେ।

ବେଦାଙ୍ଗଦାସ ମହାନ୍ତିଙ୍କୁ 'ଇନ୍‌ଫୋସିସ୍ ପ୍ରାଇଜ୍'

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ବିଜ୍ଞାନ ଓ ଅନୁସନ୍ଧାନ କ୍ଷେତ୍ରରେ ଇନ୍‌ଫୋସିସ୍ ସାଇନ୍ସ ଫାଉଣ୍ଡେଶନ (ଆଇଏସ୍‌ଏଫ୍) ପକ୍ଷରୁ ଗୁରୁବାର ଇନ୍‌ଫୋସିସ୍ ପ୍ରାଇଜ୍-୨୦୨୧ ଘୋଷଣା କରାଯାଇଛି। ଇଞ୍ଜିନିୟରିଂ ଓ କମ୍ପ୍ୟୁଟର ସାଇନ୍ସ, ହ୍ୟୁମାନିଟିଜ୍, ଲାଇଫ୍ ସାଇନ୍ସ, ମାଥ୍‌ମେଟିକାଲ ସାଇନ୍ସ, ଫିଜିକାଲ ସାଇନ୍ସ ଓ ସୋସିଆଲ ସାଇନ୍ସରେ ବେଦାଙ୍ଗଦାସ ମହାନ୍ତି ଉତ୍ସର୍ଗୀକୃତ ଅବଦାନ ପାଇଁ ୬ଜଣଙ୍କୁ ପୁରସ୍କୃତ କରାଯାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଅଛନ୍ତି। ଭୁବନେଶ୍ୱରର ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚର ପ୍ରଫେସର ବେଦାଙ୍ଗଦାସଙ୍କୁ ପରମାଣୁ ଶକ୍ତି ଉପରେ ଅନୁସନ୍ଧାନ ତଥା ଫିଜିକାଲ ସାଇନ୍ସରେ ଉତ୍ସର୍ଗୀକୃତ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। ସୂଚନାଯୋଗ୍ୟ, ଭେଲୋରସ୍ଥିତ ଖ୍ରୀଷ୍ଟିଆନ ମେଡିକାଲ କଲେଜ ପଫ୍ରେସର ଗଗନଦୀପ୍ କାଙ୍ଗ୍ ବିଜେତାମାନଙ୍କୁ ପୁରସ୍କାର କରିଥିଲେ। ପୁରସ୍କାର ବାବଦରେ ସ୍ୱର୍ଣ୍ଣ ପଦକ, ପ୍ରମାଣପତ୍ର ଓ ୧ ଲକ୍ଷ ଡଲାର ପ୍ରଦାନ କରାଯାଇଥିଲା।

ଯୁବକଙ୍କ ପେଟରୁ ବାହାରିଲା ଦାନ୍ତ, ଚୁଟି ମିଶା ମାଂସପିଣ୍ଡୁଳା

ବାରିପଦା ଅଫିସ,୨।୧୨

ମଧୁସୂଦନ ମହାନ୍ତ

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଜଣେ ଯୁବକଙ୍କ ବିରଳ ଅସ୍ତ୍ରୋପୋଚାର ସଫଳ ହୋଇଛି। ଦୀର୍ଘ ୨୩ବର୍ଷ ହେଲା ତାଙ୍କ ପେଟରେ ବୃଦ୍ଧି ପାଉଥିବା ଏକ ମାଂସ ପିଣ୍ଡୁଳା ମଧ୍ୟରେ ରହିଥିବା ମଣିଷ ଆକୃତିର ଦାନ୍ତ ଓ ଚୁଟିକୁ ଅସ୍ତ୍ରୋପଚାର ଦ୍ୱାରା ବିଶେଷଜ୍ଞ ଡାକ୍ତର ବାହାର କରିଛନ୍ତି। ଯୁବକ ଜଣକ ହେଲେ ଟସରଡ଼ା ଗ୍ରାମର ମଧୁସୂଦନ ମହାନ୍ତ(୨୩)। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।

ସୂଚନା ଅନୁଯାୟୀ, ବର୍ଷକର ହୋଇଥିବା ବେଳେ ମଧୁସୂଦନଙ୍କ ପେଟରେ ଏକ ମାଂସ ପିଣ୍ଡୁଳା ଦେଖିବାକୁ ମିଳିଥିଲା । ଧୀରେ ଧୀରେ ଏହା ବୃଦ୍ଧି ପାଇଥିଲା। ପରିବାର ଲୋକେ ବିଭିନ୍ନ ଡାକ୍ତରଖାନାକୁ ନେଇ ତାଙ୍କର ଚିକିତ୍ସା କରିଥିଲେ। ମାତ୍ର ରୋଗର କାରଣ ଜଣା ନ ପଡ଼ିବାରୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ପେଟରେ ବୃଦ୍ଧି ପାଉଥିବା ମାଂସ ପିଣ୍ଡୁଳାରେ କ୍ୟାନ୍‌ସର ହୋଇଥିବା ନେଇ ସେଠାରେ ଡାକ୍ତର ଜଣାଇବା ପରେ ପରିବାର ଲୋକେ କ୍ୟାନ୍‌ସର ହସ୍ପିଟାଲକୁ ନେଇ ପରୀକ୍ଷା ନିରୀକ୍ଷା କରିଥିଲେ। ମାତ୍ର ଅସ୍ତ୍ରୋପଚାର ପାଇଁ ଡାକ୍ତରମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିଲେ। ତେବେ ମଧୁସୂଦନଙ୍କ ବାପା ବନମାଳୀ ମହାନ୍ତ ନିରୁପାୟ ହୋଇ ବାରିପଦାସ୍ଥିତ ଉକ୍ତ ଘରୋଇ ହସ୍ପିଟାଲ ସ୍ୱତ୍ୱାଧିକାରୀଙ୍କୁ ପୁଅର ରୋଗ ସମ୍ପର୍କରେ ଜଣାଇଥିଲେ। ପରେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷ ରୋଗର କାରଣ ବାହାର କରିବା ସହ ଅସ୍ତ୍ରୋପଚାର ମାଧ୍ୟମରେ ଯୁବକଙ୍କୁ ନୂଆ ଜୀବନ ଦେଇହେବ ବୋଲି କହିଥିଲେ। ଏସ୍‌ସିବି ମେଡିକାଲ କଲେଜର ଡା.ଦୀପକ ରଞ୍ଜନ ନାୟକ ଓ ଉକ୍ତ ଘରୋଇ ହସ୍ପିଟାଲର କର୍ମଚାରୀଙ୍କୁ ନେଇ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଅପରେଶନ ଆରମ୍ଭ ହୋଇଥିଲା। ଦୀର୍ଘ ୪ଘଣ୍ଟାର ଅସ୍ତ୍ରୋପଚାର ପରେ ମଧୁସୂଦନଙ୍କ ପେଟରେ ଥିବା ମାଂସ ପିଣ୍ଡୁଳା ମଧ୍ୟରୁ ମଣିଷାକୃତିର ମସ୍ତିଷ୍କ, ୬ଟି ଦାନ୍ତ ଓ କିଛି ଲମ୍ବା ଲମ୍ବା ଚୁଟି ବାହାରିଥିଲା। ତେବେ ଏହା ଏକ ଟେରାଟୋମା ରୋଗ। ମାତୃଗର୍ଭରେ ଯମଜ ସନ୍ତାନର ଭ୍ରୁଣ ମଧ୍ୟରୁ ଗୋଟିଏ ସନ୍ତାନର ପେଟ ମଧ୍ୟରେ ଅନ୍ୟ ଭ୍ରୁଣଟି ରହିଯାଇଥିବାରୁ ଏଭଳି ବିରଳ ଘଟଣା ଦେଖିବାକୁ ମିଳିଥିବା ସମ୍ପୃକ୍ତ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ତେବେ ଉକ୍ତ ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଆଜିର ମନ୍ତବ୍ୟ

ଗୃହରେ ଅଗଣତାନ୍ତ୍ରିକ ବ୍ୟବହାରକୁ ତିରସ୍କାର କଲେ ତାକୁ ଅଗଣତାନ୍ତ୍ରିକ କହି ନିନ୍ଦା କରାଯାଇପାରିବ ନାହିଁ।

– ଏମ୍.ଭେଙ୍କାୟା ନାଇଡୁ, ରାଜ୍ୟ ସଭା ଅଧ୍ୟକ୍ଷ

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଫୁଲ ହୋଇ ଯେବେ ନ ଥାଏ ବାସ
ଫୁଲାଣିଆ ଯେବେ ହୁଏ ନରେଶ
ଫନ୍ଦା କରି ଯେବେ କରିବ ହେଳା
କହେ ଦନାଇ ଏ ବୁଡିବ ଭେଳା।

ବାସହୀନ ଫୁଲଟି ସାଧାରଣତଃ ମନକୁ ଆକୃଷ୍ଟ ବା ସନ୍ତୁଷ୍ଟ କରିପାରି ନ ଥାଏ। ରାଜା ଯଦି ଫୁଲାଣିଆ ବା ରସିକିଆ ହୁଏ ସେ ରାଜ୍ୟ ଶାସନକୁ ଅଯୋଗ୍ୟ ବୋଲି ବିବେଚିତ ହୋଇଥାଏ। ଠିକ୍ ସେହିଭଳି ଫନ୍ଦା କରିବାକୁ ଯଦି ହେଳା କରାଯାଏ ତେବେ ସଫଳତା ମିଳିପାରି ନ ଥାଏ। ଏହାହିଁ ଶାସ୍ତ୍ରସିଦ୍ଧ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

classifieds Everyday
0674-2580101, 2549302

automobile

HIRE

JCB Machine Excavators 38T, 22T,20T,12T,10T, 8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email- kttbbsr@gmail.com. D-22404

real estate

SALE

Residential gharabari plot near English Medium School, Brahmanjharilo with boundarywall 7km. from Nakhara, Cuttack and 12km. to BBSR. Contact No.- 7809525452. D-71825

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745

Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668. D-71747

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospital ରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

6BHK duplex 52,00,000/- finishing Hanspal, ready to move simplex 34,00,000/- : 9668194157. D-70978

Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710. D-71740

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

2400sqft. (40x60) G.A. plot for sale at Bharatpur. Price 1.20cr, only genuine buyer can contact at 7978627900 (No agent). D-71512

Bhubaneswar, ନଖରା, ତ୍ରିନାଥବଜାରରେ, ପ୍ରତାପନଗରୀରେ ପିଚୁରୋଡ୍‌କୁ ଲାଗି sqft.-499/- ରେ ପ୍ଲଟ୍ ଦିଆଯାଉଛି। 9776121547. D-22297

Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117. D-71741

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

PURCHASE

ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। **Only owners to Contact: 7978991126.** D-71826

TO LET
to-let

To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211

healthcare

Refreshing your mind and body with the best therapy. 7873794731. D-71913

Newly open SPA positively health benefit with expert. Contact: 7749976301. D-71914

One hour any therapy by expert therapist @800 only. 9078484455. D-71443

Newly open full body massage ladies and gents. 8327740003. D-71824

Newly open SPA Offer Price @ 699/-, positively health benefits. 7846814019. D-71444

Newly open SPA Offer Price @ 599/-, positively health benefits. 8455987557. D-71445

LOST

ମୁଁ ଗୋକୁଳାନନ୍ଦ ଶବର, ପିତା- ଗଜେନ୍ଦ୍ର ଶବର ଲେଖି ଜଣାଉଛି କି ମୋର ମାଟ୍ରିକ ସାର୍ଟିଫିକେଟ୍ ହଜିଯାଇଛି। ରୋଲ ନମ୍ବର- 15PH102. Year of passing-2010. D-22446

AFFIDAVIT

By virtue of an affidavit dated 17.11.2021, I have changed my name from Pranayita Rana Mohapatra to Pranayita Dash. Hence, PRANAYITA RANA MOHAPATRA and PRANAYITA DASH are same and one person for all purposes. D-22447

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

ଭାରତରେ...

ରିପୋର୍ଟ ପଜିଟିଭ୍ ଆସିବା ପରେ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା, ଯେଉଁଥିରୁ ସେ ଓମିକ୍ରନ୍ ଦ୍ୱାରା ଆକ୍ରାନ୍ତ ବୋଲି ଜଣାପଡ଼ିଛି। ଦକ୍ଷିଣ ଆଫ୍ରିକାରୁ ଆସିଥିବା ୬୬ ବର୍ଷୀୟ ଯାତ୍ରୀଙ୍କଠାରେ ୨୦ ତାରିଖରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲା। ଜିନୋମ୍ ସିକ୍ୱେନ୍ସିଂ ପରେ ସେ ଓମିକ୍ରନ୍‌ରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିବା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ମୁଖ୍ୟ ଡ. ବଳରାମ ଭାର୍ଗବ କହିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ୫ ଜଣଙ୍କ ଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛି। ଚିହ୍ନଟ ୨ ସଂକ୍ରମିତଙ୍କଠାରେ ଓମିକ୍ରନ୍‌ର ସାଧାରଣ ଲକ୍ଷଣ ଦେଖାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ୍ ଅଗ୍ରୱାଲ କହିଛନ୍ତି। ଦକ୍ଷିଣ ଆଫ୍ରିକାରୁ ଆସିଥିବା ବ୍ୟକ୍ତି ଜଣକ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହେବା ପୂର୍ବରୁ ଗତ ୨୭ ତାରିଖରେ ୟୁଏଇ ପଳାଇଯାଇଛନ୍ତି। ୨୦ରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବାର ୭ ଦିନ ପରେ ସେ ଏକ ଘରୋଇ ଲାବ୍‌ରୁ ନେଭେଟିଭ୍ ରିପୋର୍ଟ ଦାଖଲ କରି ବିମାନ ଯୋଗେ ଦୁବାଇ ଚାଲିଯାଇଥିଲେ।

ବର୍ତ୍ତମାନ ସୁଦ୍ଧା ୨୯ ଦେଶରେ ମୋଟ ୩୭୩ ଓମିକ୍ରନ୍ ମାମଲା ଚିହ୍ନଟ ହେଲାଣି। ସଂକ୍ରମଣ ସ୍ଥିତି ଉପରେ ଭାରତ କଡ଼ା ନଜର ରଖିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଜନସାଧାରଣ ଭୟଭୀତ ନ ହୋଇ କୋଭିଡ୍-୧୯ ସତର୍କତା ନିୟମାବଳୀ ପାଳନ କରିବା ସହ ତୁରନ୍ତ ଟିକା ନେବା ପାଇଁ ପରାମର୍ଶ ଦିଆଯାଇଛି। ଡେଲ୍ଲା ତଥା ଅନ୍ୟ ଭାରିଆଣ୍ଟଠାରୁ ଓମିକ୍ରନ୍ ଅଧିକ ଗୁରୁତର ସଂକ୍ରମଣ କରିବ କି ବୋଲି ପ୍ରଶ୍ନର ଉତ୍ତରରେ ଅଗ୍ରୱାଲ କହିଥିଲେ, ନୂଆ ଭାରିଆଣ୍ଟ ଚିନ୍ତାଜନକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିସାରିଛି। ଗତ ସପ୍ତାହରେ ବିଶ୍ୱ କୋଭିଡ୍ ସଂକ୍ରମଣର ମାତ୍ର ୩.୧ ପ୍ରତିଶତ ଭାରତ ସମେତ ଦକ୍ଷିଣ-ପୂର୍ବ ଏସିଆରେ ଚିହ୍ନଟ ହୋଇଛି। ବର୍ତ୍ତମାନ ସୁଦ୍ଧା ଭାରତର ୮୪.୩ ପ୍ରତିଶତ ସାବାଳକ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଏବଂ ୪୯ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇଛନ୍ତି। କେରଳ ଏବଂ ମହାରାଷ୍ଟ୍ରରେ ସକ୍ରିୟ ମାମଲା ସଂଖ୍ୟା ୧୦,୦୦୦ରୁ ଅଧିକ ରହିଛି। ଅନ୍ୟ ୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସକ୍ରିୟ ମାମଲା ସଂଖ୍ୟା ୧,୦୦୦ରୁ ୧୦,୦୦୦ ମଧ୍ୟରେ ରହିଛି।

ନୂଆ ଭାରିଆଣ୍ଟ ଓମିକ୍ରନ୍ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଥିବାବେଳେ ସଂକ୍ରମଣ ରୋକିବା ଲାଗି ବିଭିନ୍ନ ଦେଶ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। କଣ୍ଟେନ୍‌ମେଣ୍ଟ କଟକଣାକୁ କଡ଼ାକଡ଼ି କରିବା ସହ ସଂକ୍ରମିତ ଦେଶରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖାଯାଇଛି। ସେମାନଙ୍କର କୋଭିଡ୍ ପରୀକ୍ଷା ଏବଂ ଜିନୋମ ସିକ୍ୱେନ୍ସିଂ କରାଇବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣରେ ସାମିଲ କରିବା ଲାଗି କୁହାଯାଇଛି। ଏଥିସହିତ ଜନସାଧାରଣ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା କରିବା ଆଦି କୋଭିଡ୍ ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରବିବାର ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ସଂକ୍ରମଣର ହଟ୍‌ସ୍ପଟ୍ ଉପରେ ନଜର ରଖିବା, ଆବଦ୍ଧାଞ୍ଚଳ କଟକଣାକୁ ଜୋର୍‌ଦାର କରିବା, ପରୀକ୍ଷା ବଢ଼ାଇବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ବଢ଼ାଇବାକୁ କହିଥିଲେ। ଡିସେମ୍ବର ୧୫ରୁ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବାକୁ ଥିବାବେଳେ ଓମିକ୍ରନ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି।

ସଂକ୍ରମିତ ଦେଶରୁ...

ବାହାରିଲେ, ତେବେ କିଛି ନିର୍ଦ୍ଦିଷ୍ଟ ମେଡିକାଲରେ ବ୍ୟବସ୍ଥା କରିବାକୁ ବନ୍ଦୋବସ୍ତ ଚାଲିଛି। କାରଣ ଏମାନେ ଅନ୍ୟ କୋଭିଡ୍ ରୋଗୀଙ୍କଠାରୁ ଅଲଗା ହୋଇ ଚିକିତ୍ସିତ ହେବେ। ଏବେଠାରୁ ସର୍ଭିଲାନ୍ସ ଆହୁରି ବଢ଼ିବ। ବିଶେଷକରି ବିଦେଶ ଫେରନ୍ତାଙ୍କ ଉପରେ ଆମେ ତୀକ୍ଷ୍ଣ ନଜର ରଖୁଛୁ ବୋଲି ଡା. ମିଶ୍ର କହିଛନ୍ତି।

ସେପଟେ କରୋନାର ଏହି ନୂଆ ଭୂତାଣୁ ସଂକ୍ରମଣ କରିବା ପୂର୍ବରୁ ସତର୍କ ରହିବା ସହ ଟିକାକରଣ କରିନେବା ଆବଶ୍ୟକ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪ କୋଟି ୩୮ ଲକ୍ଷ ୨୧ ହଜାର ୭୦୮ ଟିକା ଦିଆସରିଲାଣି। ଏଥିମଧ୍ୟରୁ ୮୬ ପ୍ରତିଶତ ଅର୍ଥାତ୍ ୨ କୋଟି ୭୯ ଲକ୍ଷ ୬ ହଜାର ୪୬୬ଜଣ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଓ ୪୯ ପ୍ରତିଶତ ଅର୍ଥାତ୍ ୧ କୋଟି ୫୯ ଲକ୍ଷ ୧୫ ହଜାର ୨୪୨ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୪୬ ଲକ୍ଷ ହିତାଧିକାରୀ ପ୍ରଥମ ଡୋଜ୍ ନେଇନାହାନ୍ତି। ସେହିପରି ୩୧ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି। ଯେଉଁମାନଙ୍କର ଟିକା ନେବାର ସମୟ ହୋଇଛି, ସେମାନେ ଯଥାଶୀଘ୍ର ଆସି ଟିକା ନେଇଯାଆନ୍ତୁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

ଭିତର ରତ୍ନଭଣ୍ଡାର...

ତେବେ ବାସ୍ତବରେ ସେହି ଲଫାପାରେ ଚାବି ରହିଥିଲା କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନ ବଳରେ ୨୦୧୮ ଅଗଷ୍ଟ ୬ରେ ତତ୍କାଳୀନ ଜିଲାପାଳ ପୁରୀ ଜିଲା କୋଷାଗାର କାର୍ଯ୍ୟାଳୟକୁ ଲେଖିଥିବା ଚିଠି ହସ୍ତଗତ ହୋଇଛି। ନକଲି ଚାବି ଜିଲା ଟ୍ରେଜେରିରେ ଦାଖଲ କରିବା ଉଦ୍ଦେଶ୍ୟରେ ଜିଲାପାଳ ଟ୍ରେଜେରିକୁ ଏହି ଚିଠି (ନଂ.୨୨୨୨/ଜିଆଇ) ଲେଖିଥିଲେ। ଏହି ଚିଠିରେ ଉଲ୍ଲେଖ ରହିଛି, ଶ୍ରୀମନ୍ଦିର ଏବଂ ରତ୍ନଭଣ୍ଡାର ସମ୍ପର୍କିତ ମୂଲ୍ୟବାନ ସାମଗ୍ରୀ ଓ ଦସ୍ତାବିଜ ଟ୍ରେଜେରିରେ ଦାଖଲ କରାଗଲା। ସମ୍ପୃକ୍ତ ମୂଲ୍ୟବାନ ସାମଗ୍ରୀ ନିର୍ଦ୍ଧାରିତ ଟିମ୍ ଦ୍ୱାରା ଖୋଜାଖୋଜି ପରେ ଜିଲା ରେକର୍ଡ ରୁମ୍‌ରୁ ୨୦୧୮ ଜୁନ ୧୩ ତାରିଖରୁ ମିଳିଥିବା ଚିଠିରେ ଉଲ୍ଲେଖ ରହିଛି। ଜିଲା ପ୍ରଶାସନ ସମ୍ପୃକ୍ତ ତାରିଖରେ ଭିତର ରତ୍ନଭଣ୍ଡାର ନକଲି ଚାବି ଖୋଜିଥିବା ନେଇ ପୂର୍ବରୁ ଦାବି କରିଥିବା ବେଳେ ଚିଠିରେ ଚାବି କିମ୍ବା ନକଲି ଚାବି ଦାଖଲ କରିଥିବା ସମ୍ପର୍କରେ ଉଲ୍ଲେଖ କରି ନ ଥିଲେ। ଚିଠିରେ ନକଲି ଚାବିକୁ କାହିଁକି ମୂଲ୍ୟବାନ ସାମଗ୍ରୀ ବୋଲି ଲେଖାଗଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ରେକର୍ଡ ରୁମ୍‌ରୁ ଚାବି ମିଳିବା ପରେ ସେ ଏହାକୁ ଜିଲା ଟ୍ରେଜେରିରେ ଦାଖଲ କରିଥିଲେ। ମାତ୍ର ଦାଖଲ କରିବା ବେଳେ ସେ ଯେଉଁ ଚିଠି ଟ୍ରେଜେରିକୁ ଲେଖିଲେ ସେଥିରେ ଚାବି ଶବ୍ଦ ଉଲ୍ଲେଖ ନାହିଁ। ବାସ୍ତବରେ ଯଦି ଚାବି ଥିଲା ତେବେ ଚାବି ବୋଲି ନ ଲେଖି ମୂଲ୍ୟବାନ ସାମଗ୍ରୀ ଲେଖାଯିବାର କ'ଣ ଆବଶ୍ୟକତା ପଡ଼ିଲା ତାହା ବୁଝାପଡୁନାହିଁ। ମନେହେଉଛି ଜିଲାପାଳ ସେସମୟରେ ପ୍ରଶାସନର ଦୋଷ ଘୋଡ଼ାଇବା ପାଇଁ ଚାପର ବଶବର୍ତ୍ତୀ ହୋଇ ଏଭଳି କରିଥାଇପାରନ୍ତି। ଏନେଇ ତଦନ୍ତ ହେବା ଉଚିତ। ସେହିପରି କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା କହିଛନ୍ତି, ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଅନେକ ମିଛ କୁହାଯାଇଥିବା ଅନୁମାନ ହେଉଛି। ଚାବି ହଜିବା ନାଟକ କରି ରାଜ୍ୟ ସରକାର ଜଗନ୍ନାଥପ୍ରେମୀଙ୍କ ଭାବନା ସହ ଖେଳୁଛନ୍ତି। କିଏ ସତ କହୁଛି ତାହା ଜାଣିବା କଷ୍ଟକର ହେଲାଣି। ରାଜ୍ୟ ସରକାର ସମସ୍ତ ଦ୍ୱନ୍ଦ୍ୱ ଦୂର କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ପରିକ୍ରମା ଯୋଜନା କରି ରାଜ୍ୟବାସୀଙ୍କ ପ୍ରଶଂସା ସାଉଁଟୁଥିବା ସରକାର ରତ୍ନଭଣ୍ଡାର ଖୋଲିବାରେ କୁଣ୍ଠାବୋଧ ନ କରିବା ଦରକାର। ରତ୍ନଭଣ୍ଡାର ଛାତ ଓ କାନ୍ଥ ନଷ୍ଟ ହେବା ସହ ଲୁହାରଡ଼ ଦେଖାଯାଉଛି। ରତ୍ନଭଣ୍ଡାର ମରାମତି ଆବଶ୍ୟକ ଥିବା ୨୦୧୮ରେ ଉଭୟ ପ୍ରାଧିକୃତ କମିଟି ଏବଂ ଏଏସ୍‌ଆଇ ଟିମ୍ ପ୍ରସ୍ତାବ ଦେଇସାରିଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିଛି। ଅନ୍ୟପକ୍ଷରେ ଚଳିତ ବିଧାନସଭା ଶୀତକାଳୀନ ଅଧିବେଶନରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ରତ୍ନଭଣ୍ଡାର ସମ୍ପର୍କରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଅଣତାରକା ପ୍ରଶ୍ନ ପଚାରିଛନ୍ତି। ରତ୍ନଭଣ୍ଡାର ମରାମତି ସମ୍ପର୍କରେ ସରକାରଙ୍କ ସଂପୃକ୍ତି କ'ଣ, ଏଏସ୍‌ଆଇ କି ପଦକ୍ଷେପ ନେଇଛି, ଏଏସ୍‌ଆଇ ଓ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପ୍ରଶାସନ କ'ଣ ପରାମର୍ଶ ଦେଇଛି ଏବଂ ଅଗଣିତ ଭକ୍ତଙ୍କ ଭାବବେଗ ଦୃଷ୍ଟିରୁ ସରକାର କ'ଣ ନିଷ୍ପତ୍ତି ନେବେ ବୋଲି ପ୍ରଶ୍ନ କରାଯାଇଛି। ସେହିପରି ଚଳିତ ଶୀତ ଅଧିବେଶନରେ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାଇବେ ବୋଲି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି।

ସ୍ୱାଭାବିକ ହୋଇପାରୁନି...

ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିବା ମାତ୍ରେ ଆରମ୍ଭ ହୋଇଯାଇଥିଲା ହଙ୍ଗାମା। ଭାଜପା ସଦସ୍ୟ ମୋହନ ଚରଣ ମାଝି, ମୁକେଶ ମହାଲିଙ୍ଗ, ବିଷ୍ଣୁଚରଣ ସେଠୀଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ିଆସି ହଙ୍ଗାମା ଓ ନାରାବାଜି କରିଥିଲେ। ଭାଜପା ସହିତ ତାଳଦେଇ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ତାରା ବାହିନୀପତି, ରମେଶ ଜେନା, ସୁରେଶ କୁମାର ରାଉତରାୟଙ୍କ ସମେତ ଦଳର ଅନ୍ୟ ସଦସ୍ୟ ହାତରେ ପୋଷ୍ଟର ବ୍ୟାନର ଧରି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ହଙ୍ଗାମା ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚେଷ୍ଟା କରି ବିଫଳ ହେବାରୁ ବାଧ୍ୟ ହୋଇ ପ୍ରଥମେ ମାତ୍ର ଅଧମିନିଟ ପରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ପୁଣି ହଙ୍ଗାମା କରିଥିଲେ। ଭାଜପା ସଦସ୍ୟମାନେ କଳାଗାମୁଛା ଦେଖାଇବାବେଳେ କଂଗ୍ରେସ ସଦସ୍ୟମାନେ ବ୍ୟାନର ଧରି ପ୍ରତିବାଦ କରିଥିଲେ। ପାଟିତୁଣ୍ଡ ମଧ୍ୟରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ନିଜ ବିଭାଗର ପେପର ବିଧାନସଭାରେ ଉପସ୍ଥାପନ କରିଥିଲେ। ଏଥିସହିତ ଗୃହରେ କାର୍ଯ୍ୟ ପରାମର୍ଶଦାତା କମିଟି ରିପୋର୍ଟ, ଓଡ଼ିଶା ଲୋକାୟୁକ୍ତଙ୍କ ୨୦୨୦ ବାର୍ଷିକ ରିପୋର୍ଟ ମଧ୍ୟ ଗୃହରେ ଉପସ୍ଥାପିତ ହୋଇଥିଲା। ପ୍ରବଳ ହଙ୍ଗାମାକୁ ଦେଖି ବାଚସ୍ପତି ଗୃହକୁ ଶୁକ୍ରବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ।

ଅନ୍ୟପକ୍ଷରେ ବିଧାନସଭା ଅଚଳକୁ ନେଇ ଉଭୟ ବିରୋଧୀ ଓ ଶାସକ ଦଳ କାଦୁଅ ଫିଙ୍ଗାଫିଙ୍ଗି ହେଉଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି ଯେ ମମିତା ମେହର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଛି। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ପାଇଁ ଆମେ ଦାବି କରି ଆସୁଛୁ । ସରକାର ତାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଏହି ଘଟଣାର ସିବିଆଇ ତଦନ୍ତ ହେବା ଦରକାର। କଂଗ୍ରେସ ସଦସ୍

ବିଜୁ ଯୁବ ଜନତା ଦଳ ସମ୍ପାଦକ ନିଲମ୍ବିତ

ଭୁବନେଶ୍ୱର,(ବ୍ୟୁରୋ): ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ଦୀପକ କୁମାର ସାହୁଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି। ଏନେଇ ଗୁରୁବାର ବିଜୁ ଯୁବ ଜନତା ଦଳର ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

ତୈଳ ଓ ଗ୍ୟାସ ଦରବୃଦ୍ଧିକୁ ପ୍ରତିବାଦ କରି ଗୁରୁବାର କେନ୍ଦ୍ର ବିରୋଧରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି।

ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ବିଧାନସଭାରେ ଭାଜପା ବିଧାୟକମାନେ ପ୍ଲାକାର୍ଡ ପ୍ରଦର୍ଶନ କରି ବିକ୍ଷୋଭ କରୁଛନ୍ତି।

ମମିତା ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବିରେ କଂଗ୍ରେସ ବିଧାୟକମାନେ ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ ଅଫିସରେ ଡିଜି ଅଭୟଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି।

ଗଣତାନ୍ତ୍ରିକ ଉପାୟରେ ସ୍ଥିର ହେଉ ବିରୋଧୀ ନେତୃତ୍ୱ

ନେତୃତ୍ୱ ନେବା ଜଣେ ବ୍ୟକ୍ତିଙ୍କ ଈଶ୍ୱରୀୟ ଅଧିକାର ନୁହେଁ: ପ୍ରଶାନ୍ତ କିଶୋର

କୋଲକାତା/ନୂଆଦିଲ୍ଲୀ,୨।୧୨

ବିରୋଧୀ ଦଳଗୁଡ଼ିକର ନେତୃତ୍ୱ କିଏ ନେବ ତାକୁ ନେଇ କଂଗ୍ରେସ ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ ବିବାଦ ଘନେଇବାରେ ଲାଗିଥିବାବେଳେ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଏକ ମନ୍ତବ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାନ୍ତ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଇଙ୍ଗିତ କରି କହିଛନ୍ତି, ବିଗତ ଦଶନ୍ଧିରେ ଲଢ଼ିଥିବା ପ୍ରାୟ ସବୁ ନିର୍ବାଚନରେ ପରାଜିତ ଦଳର ନେତୃତ୍ୱ ଜଣେ ବ୍ୟକ୍ତିଙ୍କ ଈଶ୍ୱରୀୟ ଅଧିକାର ନୁହେଁ। ବିରୋଧୀ ନେତୃତ୍ୱ ଗଣତାନ୍ତ୍ରିକ ପଦ୍ଧତିରେ ସ୍ଥିର କରାଯିବା ଉଚିତ।

ପ୍ରଶାନ୍ତ କିଶୋରଙ୍କ ମତରେ କଂଗ୍ରେସ ଯେଉଁ ବିଚାର ଓ ସ୍ଥାନର ପ୍ରତିନିଧିତ୍ୱ କରୁଛି, ତାହା ଏକ ମଜଭୁତ ବିପକ୍ଷ ପାଇଁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ଦଳ ଗତ ୧୦ ବର୍ଷ ମଧ୍ୟରେ ୯୦%ରୁ ଊର୍ଦ୍ଧ୍ୱ ନିର୍ବାଚନରେ ହାରିଯାଇଛି। ତେଣୁ ଗଣତାନ୍ତ୍ରିକ ଉପାୟରେ ବିରୋଧୀ ନେତା ବଛାଯାଉ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ଆଉ ନାହିଁ କହି କଂଗ୍ରେସର ଅସ୍ତିତ୍ୱକୁ

ପ୍ରଶାନ୍ତ କିଶୋର

ନେଇ ପ୍ରଶ୍ନ ଉଠାଇବାର ଦିନକ ପରେ ତାଙ୍କ ରଣନୀତିକାର ପ୍ରଶାନ୍ତ ଟୁଇଟରରେ ଏହି କଥା କହିଛନ୍ତି। ଏହାର ଜବାବରେ କଂଗ୍ରେସ ମୁଖପାତ୍ର ପବନ ଖେରା ଟୁଇଟ୍ କରିଛନ୍ତି, ଏଠାରେ ଯେଉଁ ବ୍ୟକ୍ତିଙ୍କ ସମ୍ପର୍କରେ ଆଲୋଚନା କରାଯାଉଛି ସେ ଭାରତୀୟ ଗଣତନ୍ତ୍ରକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ଠାରୁ ବଞ୍ଚାଇବା ପାଇଁ ଲଢ଼ି ନିଜ ଈଶ୍ୱରୀୟ କର୍ତ୍ତବ୍ୟ ପାଳନ କରୁଛନ୍ତି। ବିଚାରଗତ ପ୍ରତିଶ୍ରୁତିବଦ୍ଧତା ନ ଥିବା ଜଣେ ପ୍ରଫେସନାଲ ଦଳଗୁଡ଼ିକୁ ଓ ବ୍ୟକ୍ତିମାନଙ୍କୁ କିପରି ନିର୍ବାଚନ ଲଢ଼ିବାକୁ ହୁଏ ସେନେଇ ଉପଦେଶ ଦେବା ପାଇଁ ମୁକ୍ତ। କିନ୍ତୁ ସେ ଆମ ରାଜନୀତିର କାର୍ଯ୍ୟସୂଚୀ ସ୍ଥିର କରିପାରିବେ ନାହିଁ। ଅନ୍ୟପକ୍ଷେ କଂଗ୍ରେସ ଅସନ୍ତୁଷ୍ଟ ଗୋଷ୍ଠୀ 'ଜି-୨୩'ର ପ୍ରମୁଖ ନେତା କପିଲ ସିବଲ ମଧ୍ୟ ବିରୋଧୀ ଏକତା ପାଇଁ ଆହ୍ୱାନ ଦେଇ କହିଛନ୍ତି, କଂଗ୍ରେସକୁ ବାଦ୍ ଦେଇ ଉପାର ପରିକଳ୍ପନା ଆତ୍ମାରହିତ ଶରୀର ସଦୃଶ।

ପ୍ରଶାନ୍ତ ଓ ତାଙ୍କ ଆଇ-ପିଏସି ଟିମ୍ ପଶ୍ଚିମବଙ୍ଗରେ ଗତ ବିଧାନସଭା ନିର୍ବାଚନ ପରଠାରୁ ଶାସକ ଟିଏମ୍‌ସି ପାଇଁ କାମ କରୁଛନ୍ତି। ଜାତୀୟ ରାଜନୀତିରେ ମମତାଙ୍କ ଦଳର ପରିସର ବୃଦ୍ଧି ସକାଶେ ସେ ବର୍ତ୍ତମାନ ଉଦ୍ୟମରତ। ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଭାଜପାକୁ ଘେରିବା ପାଇଁ କଂଗ୍ରେସକୁ ଅନୁସରଣ ନ କରି ଭିନ୍ନ ଆଭିମୁଖ୍ୟ ନେଇ ଚାଲିବାକୁ ଟିଏମ୍‌ସି ଉଦ୍ୟମ କରୁଥିବାବେଳେ ପ୍ରଶାନ୍ତ କିଶୋର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପାରିବାପଣିଆ ଉପରେ ଏମିତି ଢଙ୍ଗରେ ପ୍ରଶ୍ନ ଉଠାଇଛନ୍ତି। ପ୍ରକାଶ ଯେ, କିଛି ମାସ ତଳେ ପ୍ରଶାନ୍ତ କଂଗ୍ରେସରେ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସେ ରାହୁଲଙ୍କୁ ଭେଟି ଏନେଇ ଆଲୋଚନା ମଧ୍ୟ କରିଥିଲେ। କିନ୍ତୁ ପ୍ରଶାନ୍ତ ଚାହୁଁଥିବା ବଡ଼ ଭୂମିକା କଂଗ୍ରେସରେ ନ ମିଳିବାରୁ ସେ ବିମୁଖ ହୋଇଯାଇଥିଲେ।

୯ ରେ ବିଧାନସଭା ଘେରାଉ କରିବ ଭାଜପା ଯୁବମୋର୍ଚ୍ଚା

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରୁଛନ୍ତି। ମମିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଭାଜପା ଯୁବ ମୋର୍ଚ୍ଚା ଚଳାଇଥିବା ଆନ୍ଦୋଳନକୁ ବ୍ୟାପକ କରିବ। ଏଥିଲାଗି ଆସନ୍ତା ୯ରେ ବିଧାନସଭା ଘେରାଉ କରାଯିବ ବୋଲି ଗୁରୁବାର ରାଜ୍ୟ କାର୍ଯ୍ୟାଳୟ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି।

କଂଗ୍ରେସର ଅଭିଯୋଗ

ଫାସିବାଦୀ ଶକ୍ତିକୁ ସହାୟତା କରୁଛନ୍ତି ମମତା

ନୂଆଦିଲ୍ଲୀ, ୨।୧୨

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଂଗ୍ରେସ ସୁବିଧାବାଦୀ ରାଜନେତ୍ରୀ ବୋଲି କହିଛନ୍ତି। ଦେଶର ସର୍ବପୁରାତନ ଦଳ ବିରୋଧରେ ଲଢ଼ି ସେ ଫାସିଦାଦୀ ଶକ୍ତିକୁ ସହାୟତା କରୁଥିବା କଂଗ୍ରେସ ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଅଭିଯୋଗ କରିଛନ୍ତି। କଂଗ୍ରେସ ସତ୍ୟ ପାଇଁ ଲଢ଼େଇ କରୁଥିବାବେଳେ ତୃଣମୂଳ କଂଗ୍ରେସ ନେତ୍ରୀ ରାଜନୈତିକ ସୁବିଧାବାଦୀ ଭାବେ କାର୍ଯ୍ୟ କରୁଛନ୍ତି। ସୁବିଧାବାଦ କେତେଜଣଙ୍କ ପାଇଁ କିମ୍ବା କେତେକ ଦଳ ପାଇଁ ଭଲ ହୋଇପାରେ କିନ୍ତୁ କଂଗ୍ରେସ ପାଇଁ ଦେଶ, ଗଣତନ୍ତ୍ର ଓ ଭ୍ରାତୃଭାବ ଆଗ। ଏଥିରୁ ଦଳ କେବେ ବିଚ୍ୟୁତ ହେବନାହିଁ ବୋଲି ସୁର୍ଜେୱାଲା କହିଛନ୍ତି। ଟିଏମ୍‌ସି ଅଧକ୍ଷା ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଭାଷା କହୁଛନ୍ତି। ସେ କେତେବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ତ ପୁଣି କେତେବେଳେ ଉପା ଆଡ଼କୁ ଢଳୁଛନ୍ତି। ତାଙ୍କର ଉଚ୍ଚାକାଂକ୍ଷା ପୂରଣ ପାଇଁ ସେ ଏଭଳି ସୁବିଧାବାଦୀ ଭୂମିକା ଗ୍ରହଣ କରୁଛନ୍ତି। କିନ୍ତୁ ଭାଜପା ଓ ଆର୍‌ଏସ୍‌ଏସ୍ ବିରୋଧରେ ଲଢ଼େଇ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କଂଗ୍ରେସ ମୁଖପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ମମତା ଏନ୍‌ସିପି ନେତା ଶରଦ ପାୱାରଙ୍କୁ ଭେଟିବା ପରେ ମିଳିତ ପ୍ରଗତିଶୀଳ ମେଣ୍ଟ (ଉପା) ଆଉ ନାହିଁ ବୋଲି କହିଥିଲେ। ଏହା ପୂର୍ବରୁ ସେ ଶିବସେନା ନେତା ସଞ୍ଜୟ ରାଉତ୍ ଓ ଆଦିତ୍ୟ ଠାକ୍‌ରେଙ୍କୁ ମଧ୍ୟ ଭେଟିଥିଲେ।

ପେଟ୍ରୋଲ, ଡିଜେଲ ଦର ବୃଦ୍ଧି: ବିଜେଡିର ବିରୋଧ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ଆଜି ରନ୍ଧନଗ୍ୟାସ୍ ଦରବୃଦ୍ଧିର ପ୍ରତିବାଦ କରିବ ମହିଳା ବିଜେଡି

ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲ ଓ ଖାଦ୍ୟଗ୍ରୀର ଦରବୃଦ୍ଧି ସହିତ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ନ ଦେବାକୁ ହୋଇଥିବା ଷଡ଼ଯନ୍ତ୍ର ଏବଂ ବେକାରି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ବିରୋଧରେ ବିଜେଡିର ଆନ୍ଦୋଳନ ଜାରି ରହିଛି। ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନକୁ ନେଇ ଆନ୍ଦୋଳନ କରାଯାଇଥିବା ବେଳେ ଗୁରୁବାର ପେଟ୍ରୋଲ ଓ ଡିଜେଲର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ତଥା ସାଧାରଣ ସମ୍ପାଦକ (ଯୁବଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଯୁବ ଛାତ୍ର ନେତାମାନେ କେନ୍ଦ୍ର ସରକାର ଯଦି ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପେଟ୍ରୋଲ, ଡିଜେଲ ଦର ନ କମାନ୍ତି ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କହିଥିଲେ। କେନ୍ଦ୍ର ବିରୋଧରେ ଚାଲିଥିବା ଏହି ଆନ୍ଦୋଳନ କାର୍ଯ୍ୟକ୍ରମରେ ଶୁକ୍ରବାର ବିଜୁ ମହିଳା ଜନତା ଦଳ ପକ୍ଷରୁ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ନେଇ ଜୋରଦାର ପ୍ରତିବାଦ କରାଯିବ ଏବଂ ୪ ତାରିଖରେ ବେକାରି ସମସ୍ୟା ନେଇ ଯୁବ ଓ ଛାତ୍ର ସଂଗଠନ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମକୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ ଓ ବିଜୁଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିଲେ । ପ୍ରତିବାଦ କାର୍ଯ୍ୟକ୍ରମରେ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଓ ଯୁବ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

କଂଗ୍ରେସ ଜିତିବନି ୨୦୨୪ ନିର୍ବାଚନ

ଗୁଲାମନବୀ ଆଜାଦଙ୍କ ଭବିଷ୍ୟବାଣୀ

ଶ୍ରୀନଗର/ନୂଆଦିଲ୍ଲୀ,୨।୧୨

୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ୩୦୦ ଆସନ ଜିତିପାରିବ ନାହିଁ। ଜି-୨୩ ଗୋଷ୍ଠୀର ନେତା ଗୁଲାମନବୀ ଆଜାଦ ଜମ୍ମୁ-କଶ୍ମୀରର ଏକ ସଭାକୁ ସମ୍ବୋଧନ ବେଳେ ଏହି ଭବିଷ୍ୟବାଣୀ କରିଛନ୍ତି। କଂଗ୍ରେସରେ ନେତୃତ୍ୱ ପ୍ରସଙ୍ଗକୁ ନେଇ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିଥିବାବେଳେ ନିଜ ଦଳ ପ୍ରତି ଏହାର ଜଣେ ବରିଷ୍ଠ ନେତାଙ୍କ ଏପରି ମନ୍ତବ୍ୟ ଅଡୁଆ ସୃଷ୍ଟିର କାରଣ ସାଜିଛି।

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ ବୁଧବାର ପୁଞ୍ଚରେ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ଆଗାମୀ ସାଧାରଣ ନିର୍ବାଚନରେ କଂଗ୍ରେସ ୩୦୦ ଆସନରେ ବିଜୟୀ ହେବ ବୋଲି ସେ ଦେଖୁନାହାନ୍ତି। ୨୦୧୯ରେ ଉଚ୍ଛେଦ କରାଯାଇଥିବା ସମ୍ବିଧାନର

ଅନୁଚ୍ଛେଦ ୩୭୦ କୋର୍ଟରେ ରହିଛି। ତେଣୁ କେବଳ ଲୋକଙ୍କୁ ଖୁସି କରିବା ପାଇଁ ନିଜ ହାତରେ ନ ଥିବା ବିଷୟରେ ସେ କହିବେ ନାହିଁ। ତାରା ଓ ଜହ୍ନ ଆଣିଦେବୁ ବୋଲି ପ୍ରତିଶ୍ରୁତି ଦେଇପାରିବେ ନାହିଁ। କୋର୍ଟଙ୍କୁ ବାଦ୍‌ଦେଲେ ୩୭୦ ଉଚ୍ଛେଦ ପାଇଁ ଦାୟୀ ସରକାର ହିଁ ଏହା ଉପରେ କିଛି କରିପାରିବେ। ଆମର ୩୦୦ ଏମ୍‌ପି ନିଅଣ୍ଟ ହେଉଛି। ୨୦୨୪ରେ କଂଗ୍ରେସର ୩୦୦ ଏମ୍‌ପି ଜିତିଲେ ଆମେ କିଛି କରିପାରିବୁ। ଭଗବାନଙ୍କ ଇଚ୍ଛାର ବିଜୟ ହେବ। କିନ୍ତୁ ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଏପରି ହେବା ଭଳି ମନେହେଉନାହିଁ। ତେଣୁ ସେ ମିଥ୍ୟା ପ୍ରତିଶ୍ରୁତି ଦେବେ ନାହିଁ ବୋଲି ଆଜାଦ କହିଥିଲେ। ସୂଚନାଯୋଗ୍ୟ, ଆଜାଦ ହେଉଛନ୍ତି ଗତବର୍ଷ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଦଳରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଚିଠି ଲେଖିଥିବା ଅସନ୍ତୁଷ୍ଟ ଗୋଷ୍ଠୀ 'ଜି-୨୩'ର ସଦସ୍ୟ। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ମୁମ୍ବାଇରେ ବୁଧବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କୁ ଭେଟିବା ପରେ କଂଗ୍ରେସର ସାମ୍ପ୍ରତିକ ସ୍ଥିତିକୁ ନେଇ ପ୍ରଶ୍ନ କରିଥିଲେ। ଏହାର ଦିନକ ପରେ ଆଜାଦଙ୍କ ମନ୍ତବ୍ୟ କଂଗ୍ରେସ ପାଇଁ ଏକ ସତର୍କଘଣ୍ଟି ବୋଲି ବିଶ୍ଳେଷକମାନେ ବିବେଚନା କରୁଛନ୍ତି।

ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର

ଦୀର୍ଘମିଆଦୀ ଲିଜ୍ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା 5724 ତାରିଖ 02.12.2021

ଏତଦ୍ୱାରା ସର୍ବସାଧାରଣରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ସୈରାତ ଉସଗୁଡିକର ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬ (O.M.M.C. Rules, 2016) ମୁତାବକ ପାଞ୍ଚବର୍ଷ ନିମନ୍ତେ ୨୦୨୧-୨୨ ଆର୍ଥିକବର୍ଷଠାରୁ ୨୦୨୫-୨୬ ଆର୍ଥିକବର୍ଷ ପର୍ଯ୍ୟନ୍ତ ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା- ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.subarnapur.nic.inରେ ଉପଲବ୍ଧ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ତତ୍‌ସହିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦା ଲଫାପାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ଡାକ ଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରପାରିବେ ।

ସ୍ୱା./- ତହସିଲଦାର, ସୋନପୁର

ଗଜପତି ଜିଲ୍ଲାରେ କୃଷି ବିଭାଗ ତରଫରୁ କୃଷକମାନଙ୍କ ନିମନ୍ତେ ସୂଚନା

୧. ଚଳିତବର୍ଷ ରବି ଋତୁରେ ଗଜପତି ଜିଲ୍ଲାରେ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ସୂର୍ଯ୍ୟମୁଖୀ ୨୫୦ ହେକ୍ଟର, ଚିନାବାଦାମ ୧୦୦ ହେକ୍ଟର, ସୋରିଷ ୧୦୦ ହେକ୍ଟରର ପ୍ରଦର୍ଶନୀ କ୍ଷେତ୍ରରେ ଯୋଜନା କରାଯାଇଛି। ୨. ଚଳିତ ବର୍ଷ ଓଡ଼ିଶା କ୍ଷୁଦ୍ର ଶସ୍ୟ ଯୋଜନା ମାଧ୍ୟମରେ ୨୫ ନଭେମ୍ବରଠାରୁ ମଣ୍ଡି ଦ୍ୱାରା ମାଣ୍ଡିଆ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯିବାର ବ୍ୟବସ୍ଥା କରାଯାଉଛି। ଗଜପତି ଜିଲ୍ଲାରେ ୧୫୦୦୫ ବ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯିବାର ଯୋଜନା ଧାର୍ଯ୍ୟ କରାଯାଇଛି। ୩. ଚଳିତ ରବି ଋତୁରେ ଧାନ, ଚିନାବାଦାମ, ମୁଗ ଏବଂ ବିରି ଚାଷକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିପାଇଁ ଚାଷୀମାନେ ନିଜର ଫସଲକୁ ବୀମାଭୁକ୍ତ କରିପାରିବେ। (ପି.ଏମ୍.ଏଫ୍.ବି.ୱାଇ.)ରେ ସାମିଲ ହେବା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କୋପରେଟିଭି ସୋସାଇଟି କିମ୍ବା ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ। ଏହାର ଧାର୍ଯ୍ୟ ସୀମା ୩୧ ଡିସେମ୍ବର ଅଟେ। ୪. ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ (ବି.ପି.ଏଚ.) ଚକଡ଼ା ଦେଖାଦେବେ ତୁରନ୍ତ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ବ୍ଲକ କୃଷି ଅଧିକାରୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ଆଲଓମିପୋଲ୍ଟାମ ୨୫ ଡବ୍ଲ୍ୟୁ ବି ଏକର ପ୍ରତି ୮୦ ଗ୍ରାମ ହିସାବରେ ୨୦୦ ଲିଟର ପାଣିରେ ଦ୍ରବଣ କରି ସିଞ୍ଚନ କରନ୍ତୁ। ୫. ଭୂମିହୀନ, ଭାଗଚାଷୀ, ଚମି ଥିବା ଚାଷୀ, ଉଦ୍ୟାନ କୃଷି ଜଙ୍ଗଲଜମି ଉପରେ ନିର୍ଭରଶୀଳ ଚାଷୀ, ମତ୍ସ୍ୟ, ପଶୁ ପାଳନ ଚାଷୀ ଏବଂ କୃଷି ଶ୍ରମିକମାନଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକକ ପରିଚୟ ପତ୍ର ପ୍ରଦାନ କରାଯିବ। ଏ ସଂକ୍ରାନ୍ତରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ କୃଷକ ଓଡ଼ିଶା କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଗଜପତି ଜିଲ୍ଲାରେ ୧୦୬୮୩୮ ଜଣ. ଚାଷଚାଷୀଙ୍କ ନବୀକରଣ ଲକ୍ଷ୍ୟ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ବକଲ କୃଷକ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯିବ। ୬. କୃଷି ଯାନ୍ତ୍ରୀକରଣ - ବିଭିନ୍ନ ଓ ପମ୍ପସେଟ ରିହାତି ଦରରେ ପାଇବା ପାଇଁ agrisnetodisha.ori.nic.in websiteରେ ଆବେଦନ କରିପାରିବେ। ୭. ସୌର ଜଳନିଧି ଯୋଜନାରେ ଯେଉଁ ଚାଷୀମାନଙ୍କର (କୂଅ ପୋଖରୀ) ଅଛି ଓ ପାଖରେ ବିଦ୍ୟୁତ୍ ସୁବିଧା ନାହିଁ ସେମାନଙ୍କୁ ଖଚଡ଼କ୍ଷା ୯୦ଭାଗ ରିହାତିରେ ସୌରଶକ୍ତି ଦ୍ୱାରା ଚାଳିତ ପମ୍ପସେଟ୍ ଯୋଗାଇବା ପାଇଁ ବ୍ୟବସ୍ଥା ଅଛି। ଏହା ଜିଲ୍ଲାପାଳଙ୍କ ଅନୁମୋଦନ ପରେ (ଓଆରଇଡିଏ) ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ୮. ବର୍ଷ ୨୦୨୧-୨୨ ପାଇଁ ବକଲାମ ଯୋଜନାରେ ଜିଲ୍ଲାରେ ସର୍ବମୋଟ ୬୬୪ ଗ୍ରୁପ କରି ଭାଗଚାଷୀଙ୍କୁ କୃଷି ଋଣ ଧାର୍ଯ୍ୟ କରାଯାଇଛି। ୯. ରାଜ୍ୟ ସରକାରଙ୍କ ଯୋଜନା ମାଧ୍ୟମରେ ରବି ଋତୁରେ ଚାଷ କରାଯାଇଥିବା ଫସଲରେ ପୋକ ଲାଗିଲେ ତାକୁ ଦମନ କରିବା ପାଇଁ ଆବଶ୍ୟକୀୟ ଔଷଧ ଖଚଡ଼କ୍ଷା ୫୦% ରିହାତି ନାମମାତ୍ର ଡି.ବି.ଟି. ମାଧ୍ୟମରେ

ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତୁରି ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। –ଶ୍ରୀମା

ଅର୍ଥ ବ୍ୟବସ୍ଥାରେ ଡିଜିଟାଲ କରେନ୍ସି

ଶାଙ୍ଗ୍–ଜିନ୍ ୱି

ଟେସ୍‌ଲା ସିଇଓ ଏଲନ୍ ମସ୍କ ଡୋଜ୍‌କଏନ ଏବଂ ବିଟ୍‌କଏନ ଭଳି କ୍ରିପ୍ଟୋକରେନ୍ସିଗୁଡ଼ିକୁ ପ୍ରୋତ୍ସାହିତ କରୁଥିବାରୁ ତାହାର ମୂଲ୍ୟ ଖୁବ୍ ଶୀଘ୍ର ବୃଦ୍ଧିପାଉଛି। ଏହି ପ୍ରାଇଭେଟ ଡିଜିଟାଲ୍ ମନି ବା ବେସରକାରୀ ଭର୍ଚୁଆଲ ମୁଦ୍ରାଗୁଡ଼ିକୁ ଗ୍ରହଣ ନ କରି କେତେକ ଦେଶ ଏହାର ଗତିକୁ ଲକ୍ଷ୍ୟ କରିବା ସହ ପରିଣାମକୁ ଦେଖିବାକୁ ଅପେକ୍ଷା କରିଛନ୍ତି। ହେଲେ ଏଲ୍‌ସାଲ୍‌ଭାଡର ବିଟ୍‌କଏନକୁ ସରକାରୀ ମୁଦ୍ରା ଭାବେ ଗ୍ରହଣ କରିସାରିଛି। ନ୍ୟୁୟର୍କ ଷ୍ଟେଟ୍ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସେସ୍ (ଏନ୍‌ୱାଇଡିଏଫ୍‌ଏସ୍) କିଛି ପାଦ ଆଗକୁ ବଢିଛି। ଯେଉଁମାନେ କ୍ରିପ୍ଟୋକେରନ୍ସିଗୁଡ଼ିକ ସୃଷ୍ଟି କରି ଏହାର କାରବାର କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଏହା ଲାଇସେନ୍ସ ପ୍ରଦାନ କରୁଛି। କିନ୍ତୁ ଚାଇନା ବିପରୀତ ଦିଗରେ ଯାଉଛି ଓ ନିକଟରେ ଉଭୟ କ୍ରିପ୍ଟୋକରେନ୍ସି ମାଇନିଂ ଏବଂ ଶେୟାର ବଜାରର କାରବାରର ମାଧ୍ୟମ ଭାବେ ତାହାର ବ୍ୟବହାରକୁ ବନ୍ଦ କରିଦେଇଛି। ଡିଜିଟାଲ କରେନ୍ସି ବା ଭର୍ଚୁଆଲ ମୁଦ୍ରାକୁ ନେଇ ବିଭିନ୍ନ ଦେଶର ବିପରୀତ ପ୍ରତିକ୍ରିୟା ରହିଥିବାରୁ ଭିନ୍ନ ଭିନ୍ନ କ୍ରିପ୍ଟୋକରେନ୍ସିଗୁଡ଼ିକର ସାମାଜିକ କ୍ଷତି କିମ୍ବା ଉପକାର ସମ୍ପର୍କରେ ଜାଣିବା ଆମ ପାଇଁ ମୁସ୍କିଲ। ତେବେ ବିନା ଆଇନଗତ ବାଧାରେ କୌଣସି ବ୍ୟବସ୍ଥା ଅଧୀନରେ ନରହି ମୁକ୍ତ ଭାବେ ବଜାରରେ ଚାଲୁଥିବା କ୍ରିପ୍ଟୋକରେନ୍ସି, ଷ୍ଟେବଲ୍‌କଏନ୍ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ୍ ଡିଜିଟାଲ କେରନ୍ସିଗୁଡ଼ିକ(ସିବିଡିସି) ସମ୍ପର୍କରେ ଆଲୋଚନା କରିବା । ଶେୟାର ବଜାରରେ ଚାଲୁଥିବା ଏଭଳି କ୍ରିପ୍ଟୋକରେନ୍ସିଗୁଡ଼ିକର ମୂଲ୍ୟ ବୃଦ୍ଧିର ଦୃଷ୍ଟାନ୍ତ ହେଉଛି ବିଟ୍‌କଏନ। ତାହାର ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ, ଏହା ମନେରଖିବାକୁ ହେବ ଯେ, କ୍ରିପ୍ଟୋକରେନ୍ସିର କୌଣସି ଗୁରୁତ୍ୱପୂର୍ଣ୍ଣ ମୌଳିକ ମୂଲ୍ୟ ନାହିଁ ଓ ଏହାଦ୍ୱାରା ମୂଲ୍ୟ ହ୍ରାସ ଘଟିବାର ବହୁ ସମ୍ଭାବନା ରହିଛି। ଏବେ ପ୍ରଚଳିତ କ୍ରିପ୍ଟୋକରେନ୍ସିର ମୂଲ୍ୟକୁ ଲକ୍ଷ୍ୟକଲେ ସପ୍ତଦଶ ଶତାବ୍ଦୀର ନେଦରଲାଣ୍ଡର ଟୁଲିପ ପ୍ରାଇସ୍ ବବଲ ଘଟଣା ମନେପଡ଼ିଯାଏ। ଶେୟାର ବଜାରରେ ଏହାର ପ୍ରାରମ୍ଭିକ ମୂଲ୍ୟ ବୃଦ୍ଧି ହେବା ଫଳରେ ଏହା ମାର୍କେଟକୁ ଅଧିକ କ୍ରେତାଙ୍କୁ ଆକର୍ଷିତ କରିଥିଲା ଓ ମୂଲ୍ୟ ବୃଦ୍ଧି କରିଚାଲିଥିଲା। କିନ୍ତୁ ଟୁଲିପ ମାନିଆ ବେଶି ଦିନ ରହିଲା ନାହିଁ। ସେ କ୍ଷେତ୍ରରେ ଯେଭଳି ଘଟିଥିଲା ଭବିଷ୍ୟତରେ କ୍ରପ୍ଟୋକରେନ୍ସି ବୃଦ୍ଧିରେ ଆକସ୍ମିକ ଭାବେ ପୂର୍ଣ୍ଣଚ୍ଛେଦ ପଡ଼ିପାରେ । ଏବେକାର କ୍ରପ୍ଟୋକରେନ୍ସି ସୃଷ୍ଟିକର୍ତ୍ତାମାନେ ଅଧିକ ସଂଖ୍ୟାରେ ଶେୟାର ବଜାର ଛାଡ଼ିଗଲା ପରେ ଏହାର ମୂଲ୍ୟ ନିମ୍ନଗାମୀ ହେବା ନିଶ୍ଚିତ।

ନିବେଶକ ଏବଂ ଶେୟାର କ୍ରୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ କ୍ରିପ୍ଟୋକରେନ୍ସିଗୁଡ଼ିକର ଆକର୍ଷଣ ରହିଛି। ସେମାନେ ଏହାକୁ ଏକ ଲଟେରି ଟିକେଟ ଭାବେ ଦେଖୁଛନ୍ତି। ଏହା ପାଇଁ ଯାହା ଦେବ ସେଥିରେ ଅଧିକ କ୍ଷତି ହେବନାହିଁ ବରଂ ଅତ୍ୟଧିକ ଲାଭ ହେବ ବୋଲି ସେମାନେ ବିଚାର କରୁଛନ୍ତି। କେଉଁମାନେ କ୍ରିପ୍ଟୋକରେନ୍ସି କାରବାର କରୁଛନ୍ତି ସେ ସମ୍ପର୍କିତ ଠିକ୍ ତଥ୍ୟ ଆମ ପାଖରେ ନାହିଁ। ଗବେଷଣାରୁ ଜଣାପଡ଼ିଛି, ସ୍ୱଳ୍ପ ଧନୀ ନିବେଶକମାନେ କ୍ରିପ୍ଟୋକରେନ୍ସି ମାର୍କେଟ ପ୍ରତି ଆକର୍ଷିତ ହେବା ସମ୍ଭାବନା ରହିଛି। ଏକ ସୁରକ୍ଷିତ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଡିଜିଟାଲ କରେନ୍ସିର ଷ୍ଟୋରିଂ, ଟ୍ରାନ୍ସଫରିଂ ଏବଂ କାରବାର ଯେଭଳି ସୁରକ୍ଷିତ ରହିପାରୁଛି ସେହିଭଳି କ୍ରିପ୍ଟୋ ଏକ୍ସଚେଞ୍ଜରେ ଲଟେରି ଟିକେଟ କିଣିବାଠାରୁ ଆହୁରି ସହଜରେ କ୍ରିପ୍ଟୋକରେନ୍ସି କାରବାର ବ୍ୟବସ୍ଥା କରାଯାଉଛି। ଏଥିରେ ସର୍ବନିମ୍ନ ୨ ଡଲାରରୁ କାରବାର କରାଯାଇପାରୁଛି। ଅପରପଟେ ବିନା ବୈଧାନିକ ବାଧାରେ ଚାଲୁଥିବା କ୍ରିପ୍ଟୋକରେନ୍ସିକୁ ଆମେରିକୀୟ ଡଲାର କିମ୍ବା ଜାପାନିଜ ୟେନ୍ ହେଉ କିମ୍ବା ସୁନା ଅବା ତେଲ ଭଳି ମୂଲ୍ୟବାନ୍ ଜିନିଷ ହେଉ ;ଏହା ସହ କ୍ରିପ୍ଟୋକରେନ୍ସିର ମୂଲ୍ୟକୁ ଗୋଟିଏ ସ୍ତରରେ ଫିକ୍ସ କରାଯାଇ ଷ୍ଟେବଲ୍‌କଏନ୍ ଡିଜାଇନ କରାଯାଇଛି। ଏହାର ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ କରାଯାଉଛି। ଏହାଦ୍ୱାରା କରେନ୍ସିଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇଛି। କିନ୍ତୁ ଷ୍ଟେବଲ୍‌କଏନ ଜାରିକର୍ତ୍ତା ନିବେଶକଙ୍କ ସମ୍ପତ୍ତିର ଅନୁରୂପ କଏନ ମୂଲ୍ୟକୁ ପୂର୍ଣ୍ଣ ସହଯୋଗ କରୁଛନ୍ତି କି ନାହିଁ ତାହା ସେମାନେ ବୁଝିବା ଦରକାର। ଅନ୍ୟଥା ଷ୍ଟେବଲ୍‌କଏନର ମୂଲ୍ୟଜନିତ ବିପଦ ଦେଖାଦେବ। ଶେୟାର ବଜାରରେ ଆଖିଦୃଶିଆ ହ୍ରାସ ଘଟିଲେ କଏନ ପ୍ରୋଭାଇଡର୍ ବା ପ୍ରଦାତାଙ୍କ ନିକଟରେ ପର୍ଯ୍ୟାପ୍ତ କଏନ ରହି ନ ପାରେ। ଫଳରେ ସେ ପ୍ରଦାନ କରିଥିବା ମୂଲ୍ୟ ନ କମାଇଲେ ତାଙ୍କର ସବୁ କଏନକୁ ଉଚ୍ଚ ମୂଲ୍ୟଯୁକ୍ତ ଆସେଟ୍‌କୁ ବଦଳାଇକୁ ସକ୍ଷମ ହେବେ ନାହିଁ। ଏଣୁ ସମ୍ପୂର୍ଣ୍ଣ ଗ୍ୟାରେଣ୍ଟି ବା ସିକ୍ୟୁରିଟି ଜାରି ରଖିବାକୁ ପ୍ରତିଶ୍ରୁତି ଷ୍ଟେବଲ୍‌କଏନ ପ୍ରଦାତାମାନେ ସେମାନଙ୍କ ଗଚ୍ଛିତ କଏନକୁ ନିୟମିତ ଏବଂ ସ୍ୱତନ୍ତ୍ର ଭାବେ ସମୀକ୍ଷା କରିବା ଉଚିତ। ଏନ୍‌ୱାଇଡିଏଫ୍‌ଏସ୍ ଭଳି ସଂସ୍ଥାଗୁଡ଼ିକ କଏନ ପ୍ରଦାତାଙ୍କୁ କାର୍ଯ୍ୟ କରିବା ଲାଗି ଲାଇସେନ୍ସ ପ୍ରଦାନ କରୁଛନ୍ତି। ହେଲେ ସେମାନେ ଏଭଳି କାର୍ଯ୍ୟ କରୁନାହାନ୍ତି।

ଉଚ୍ଚ ମୁଦ୍ରାସ୍ଫୀତି ରହିଥିବା ଲାଟିନ ଆମେରିକା ଏବଂ ଆଫ୍ରିକାରେ ଷ୍ଟେବଲ୍‌କଏନକୁ ଏକ୍ସଚେଞ୍ଜର ମାଧ୍ୟମ ଭାବେ ବ୍ୟବହାର କରାଯାଇପାରେ। କିନ୍ତୁ ଉତ୍ତମ ମୁଦ୍ରା ନୀତି ପ୍ରବନ୍ଧନ କରାଯାଇଥିବା ଅଧିକାଂଶ ଦେଶ ଲାଗି ଷ୍ଟେବଲ୍‌କଏନଗୁଡ଼ିକ ଆର୍ଥିକ ନୀତିର ପ୍ରଭାବକୁ ଦୁର୍ବଳ କରିଦେବ। ଯେଉଁଠି ଅର୍ଥବ୍ୟବସ୍ଥାରେ ସେଣ୍ଟ୍ରାଲ ବ୍ୟାଙ୍କ୍‌ର କମ୍ ନିୟନ୍ତ୍ରଣ ରହୁଛି ସେହି କ୍ଷେତ୍ରରେ ଏହା ଦେବାଳିଆ ସ୍ଥିତି ଉପୁଜାଇ ଆର୍ଥିକ ନୀତିକୁ ଭୁଶୁଡାଇଦେବ। ତେବେ ଏଭଳି ସ୍ଥିତିରେ ଉଭୟ ଷ୍ଟେବଲ୍‌କଏନ ଓ ବିନା ବାଧାରେ ଚାଲୁଥିବା କ୍ରିପ୍ଟୋକରେନ୍ସିଗୁଡ଼ିକୁ କଳାଟଙ୍କା ଏବଂ ଅନ୍ୟ ଅବୈଧ ଆର୍ଥିକ କାରବାର ପାଇଁ ବ୍ୟବହାର କରାଯିବା ଆଶଙ୍କା ରହି। ଏବେ ବି ଏଭଳି ବେଆଇନ କାର୍ଯ୍ୟ ଚାଲୁରହିଛି। ଏହାଦ୍ୱାରା ଦେଶର ସ୍ୱାର୍ଥରେ ବାଧା ଆସୁଛି ଓ ଆଗକୁ ଆସିବ ମଧ୍ୟ। ଡିସେମ୍ବର୨୦୨୦ରେ ଏନ୍‌ୱାଇଡିଏଫ୍‌ଏସ୍ ୟେନ ସହ ଜଡ଼ିତ ଷ୍ଟେବଲ୍‌କଏନ(ଜିୱାଇଇଏନ୍)କୁ ଅନୁମୋଦନ ଦେଇଛି। ଜିୱାଇଏନ୍‌କୁ ଏକ ଡିଜିଟାଲ ଫାଇନାନ୍ସିଂ ଅଭିନବତ୍ୱ, ଯାହା ରାଜ୍ୟ ଲାଗି ଅଧିକ ରେଭିନ୍ୟୁ ଓ ରୋଜଗାର ସୃଷ୍ଟି କରିବ ବୋଲି ନ୍ୟୁୟର୍କ ଷ୍ଟେଟ୍ ବିଚାର କରୁଛି। କିନ୍ତୁ ଏହି ଷ୍ଟେବଲ୍‌କଏନ ଜାପାନ ଶେୟାର ବଜାରରେ ଯଦି ଏକ ପ୍ରମୁଖ ମାଧ୍ୟମ ଭାବେ ଉଭା ହୁଏ ତେବେ ଜାପାନର ପ୍ରଭୂତ କ୍ଷତି ହେବ। ଏହା ସେଠାକାର ଆର୍ଥିକ ନୀତିର ପ୍ରଭାବ ହ୍ରାସ କରିବା ସହ ରାଜସ୍ୱରେ ବ୍ୟାପକ କ୍ଷତି ଘଟାଇବ।

ସେଣ୍ଟ୍ରାଲ ବ୍ୟାଙ୍କ୍ ଡିଜିଟାଲ କରେନ୍ସି (ସିବିଡିସି) ଏହା ଠାରୁ ଯଥେଷ୍ଟ ଭଲ। ସିବିଡିସି ଉପଯୋଗରେ ନୋଟ୍ ଏବଂ କଏନ୍‌ର ପ୍ରସ୍ତୁତି, ବଣ୍ଟନ ଓ ପରିଚାଳନାରୁ ମୁକ୍ତି ମିଳିବ । ଫଳରେ ସରକାରଙ୍କର ବହୁ ବିଲିୟନ ଡଲାର ବଞ୍ଚିବ। ନିକଟରେ ଆମେରିକା କଏନ୍ ଓ ନୋଟ ପ୍ରସ୍ତୁତ ପ୍ରକ୍ରିୟାରେ ଏବଂ ତାହାକୁ ସଞ୍ଚାଳନ କରିବାରେ ୧ ବିଲିୟନ ଡଲାରରୁ ଅଧିକ ବ୍ୟୟ କରିଛି। ବଡ଼ କଥା ହେଉଛି,ସରକାରୀ ସ୍ତରରେ ଏକ ଡିଜିଟାଲ ଡଲାର ବ୍ୟବହାର ଆରମ୍ଭ କଲେ ବହୁ ଅର୍ଥ ସଞ୍ଚିତ ହେବ। ଏହାକୁ ଅନ୍ୟ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକରେ ବିନିଯୋଗ କରାଯାଇପାରିବ। ୩୧.୧ ମିଲିୟନ ଆମେରିକୀୟ, ଯେଉଁମାନେ ଚିକିତ୍ସା ବୀମା ଯୋଜନା ଅନ୍ତର୍ଭୁକ୍ତ ହୋଇନାହାନ୍ତି ସେମାନଙ୍କୁ ମାଗଣାରେ ଚିକିତ୍ସା ସହାୟତା ଯୋଗାଇହେବ କିମ୍ବା ନ୍ୟାଶନାଲ ଏଣ୍ଡାଓମେଣ୍ଟ ଫର୍ ଆର୍ଟସ୍‌ର ପାଣ୍ଠି ୫ଗୁଣ ବୃଦ୍ଧି କରାଯାଇପାରିବ। ସିବିଡିସି ପେମେଣ୍ଟ ବା ଦେୟ ର ଏକ ମାଧ୍ୟମ ହୋଇଥିବା ଯୋଗୁ ଏହାକୁ କ୍ରେଡିଟ୍ କାର୍ଡ ଭାବେ ବ୍ୟବହାର କରାଯାଇପାରିବ। ଏବକାର ଦେୟ ପ୍ରଦାତାଙ୍କୁ ସକ୍ରିୟ ହେବା ଲାଗି ଚାପ ପକାଇବ ଏବଂ ସେମାନଙ୍କ କାରବାର ସମ୍ପର୍କିତ ଫିଂଗୁଡ଼ିକୁ ହ୍ରାସ କରିବ। ଫଳରେ ଉପଭୋକ୍ତା ଏବଂ ବିଜ୍‌ନେସ୍ ସମାନ ଭାବେ ଲାଭବାନ୍ ହେବେ।

ତେବେ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ଦ୍ୱାରା ଡିଜିଟାଲ କରେନ୍ସି ଜାରି କରାଯାଉଥିବାରୁ ସେମାନେ ଆର୍ଥିକ ନୀତିଗୁଡ଼ିକର ପ୍ରଭାବ ହ୍ରାସ ହେବା ଭଳି କାର୍ଯ୍ୟ କରିବେ ନାହିଁ। ସମସ୍ତ ଡିଜିଟାଲ ପେମେଣ୍ଟ ଓ କାରବାର ପ୍ରକ୍ରିୟାରେ ଡାଟା ଏବଂ ବ୍ୟକ୍ତିଗତ ତଥ୍ୟ ସୁରକ୍ଷାର ପ୍ରଶ୍ନ ଉଠୁଥିବାବେଳେ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକର ସିବିଡିସି ଏକ ଉତ୍ତମ ବିକଳ୍ପ ଭାବେ ଏହି ସବୁ ସମସ୍ୟାକୁ ସମାଧାନ କରିପାରିବ। ସିବିଡିସି ଆର୍ଥିକ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରୁଥିବାବେଳେ କୌଣସି ବ୍ୟବସ୍ଥା ଅଧୀନରେ ରହୁ ନ ଥିବା କ୍ରିପ୍ଟୋକରେନ୍ସିଗୁଡ଼ିକର ଭବିଷ୍ୟତ ଭଲ ନୁହେଁ। ଏହା ଆର୍ଥିକ ଅସ୍ଥିରତା ସୃଷ୍ଟି କରିବ। ଷ୍ଟେବଲକଏନ୍‌ଗୁଡ଼ିର ପରିଣାମ ମଧ୍ୟ ଏତେ ଭଲ ନୁହେଁ। ଏହିସବୁ କାରଣ ଲାଗି ଆଗାମୀ କିଛି ବର୍ଷ ମଧ୍ୟରେ ଅନେକ ଦେଶ ଏକ୍ସଚେଞ୍ଜର ମାଧ୍ୟମ ଭାବେ ବ୍ୟବହୃତ କଟକଣାମୁକ୍ତ କ୍ରିପ୍ଟୋକରେନ୍ସିଗୁଡ଼ିକ ବନ୍ଦ କରି ସରକାରୀ ସ୍ତରରେ ଏକ ବୈଧ ଡିଜିଟାଲ କରେନ୍ସି ଆରମ୍ଭ କରିବେ। ଏହା ସହ ସବୁ ଷ୍ଟେବଲ୍‌କଏନ ଉପରେ କଡ଼ା ନିୟମ ମଧ୍ୟ ଲାଗୁ କରାଯିବ।

ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ୍

ସମ୍ଭାବ୍ୟ ବାତ୍ୟା ଓ ଚାଷୀ

ପ୍ରଦୋଷ କୁମାର ଦାସ

ଚଳିତ ବର୍ଷ ବିଳମ୍ବିତ ମୌସୁମୀର ଆଗମନ, ସ୍ୱଳ୍ପ ବୃଷ୍ଟିପାତ, ଲଗାଣ ବର୍ଷା, ଚକଡ଼ା ପୋକ ପରେ ଏବେ ମାଡ଼ିଆସୁଛି ବାତ୍ୟା 'ଜୱାଦ'। ତଥାପି ଜୟ ଯବାନ ପରି ଜୟ କିଷାନ ଓଡ଼ିଶାର କୃଷକ ଭାଇଙ୍କ ପାଇଁ ଅମଳ ରତରତ ଫସଲ ସୁରକ୍ଷା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ବାହ କରିବାରେ ଆସନ୍ନ ଏହି ବାତ୍ୟା ଏକ ପ୍ରକାର ଅଗ୍ନିପରୀକ୍ଷା ସଦୃଶ ।

ମାତ୍ର ଦୁଇମାସର ବ୍ୟବଧାନରେ ପୁଣି ଆମ ରାଜ୍ୟ ଓଡ଼ିଶାକୁ ଏକ ବାତ୍ୟାର ସାମ୍ନା କରିବାକୁ ପଡିବ! ଏହି ବାତ୍ୟା ପ୍ରଭାବରେ ୩ ତାରିଖରୁ ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହିସବୁ ଜିଲାରେ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଉପରୋକ୍ତ ଜିଲା ସମେତ ନୟାଗଡ଼, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର ଆଦି ଜିଲାରେ ଅତିପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ଏଠାରେ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତେବେ ଓଡ଼ିଶା ପାଣିପାଗ ବିଭାଗର ଆକଳନ ଅନୁଯାୟୀ ବାତ୍ୟା ପବନ ଅପେକ୍ଷା ଓଡ଼ିଶାର ଉପରୋକ୍ତ ଜିଲାଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରଖୁଛି। ଅନେକ ସ୍ଥାନରେ ଅତି ବର୍ଷିବା ଆଶଙ୍କା ପ୍ରକାଶ ପାଉଛି। ଓଡ଼ିଶାର ସମସ୍ତ ଉପକୂଳବର୍ତ୍ତୀ ଜିଲା ଓ ଆଖପାଖ ଅଞ୍ଚଳ ଆଗାମୀ ଲଘୁଚାପ ବର୍ଷାରେ ପ୍ରାୟ ବେହାଲ ହେବାର ପୂର୍ବାନୁମାନ କରାଯାଉଛି।

ଏହାକୁ ଲକ୍ଷ୍ୟ କଲେ ଓଡ଼ିଶା ଚାଷୀଙ୍କ ଅମଳ ହେବାକୁ ଥିବା ଧାନ ଫସଲର ସୁରକ୍ଷା ଚିନ୍ତା ଏବେ ବଢିଯାଇଛି। ଚଳିତ ଖରିଫ ଧାନ ଫସଲ ବିହନ ବୁଣା, ରୁଆ, ବଛା, ଖେଳୁଆ ବେଳକୁ ଆବଶ୍ୟକ ବର୍ଷାର ଘୋର ଅଭାବ ଦେଖାଦେଇଥିଲା। ବିଳମ୍ବରେ ବର୍ଷା ପରେ ଚାଷ କାର୍ଯ୍ୟ ଆଗେଇଲା ବେଳକୁ ଓଡ଼ିଶା ଚାଷୀ ବିଲରେ ଆବଶ୍ୟକ ସାର ଆଦିର ସଙ୍କଟରେ ଯୁଝି ହୋଇଥିଲେ। ଏପରି ସ୍ଥିତିରେ ଯତପରୋନାସ୍ତି ଚାଷ ଆଗେଇନେଇ ଏବେ ଫସଲ ଅମଳ ଆସନ୍ନ ହେଲାବେଳକୁ ବାତ୍ୟା ଭୟରେ ଚାଷୀ ସନ୍ତୁଳି ହେଉଛି।

ସୀମାରେ ଶତ୍ରୁକୁ ପ୍ରତି ମୁହୂର୍ତ୍ତରେ ସମ୍ଭାବ୍ୟ ଯୁଦ୍ଧର ସାମ୍ନା କରିବାକୁ ସତତ ଦୃଢ଼ମନା ଯବାନ ପରି ଚାଷୀଭାଇ ନିଜ ଚାଷର ସୁରକ୍ଷା ପାଇଁ ମନ ଦୃଢ଼ କରିବାକୁ ପଡ଼ିବ । ଆସନ୍ନ ବାତ୍ୟାକୁ ଡର ନ ଯାଇ ନଜର ଅମଳ ରତରତ ଧାନ ଫସଲର ସୁରକ୍ଷା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରି ପଦକ୍ଷେପ ନେବା ଆବଶ୍ୟକ।

ସୂଚନାରୁ ପ୍ରକାଶ, ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଶତକଡ଼ା ୯୦ ଭାଗ ଧାନ ଏବଂ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଶତକଡ଼ା ୫୦ ଭାଗ ଧାନ କଟା ହେବାକୁ ବାକି ରହିଛି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ କୁହାଯାଇଛି ଯେ, ଶତକଡ଼ା ୮୫ ଭାଗ ପାଚିଯାଇଥିବା ଧାନକୁ ତୁରନ୍ତ କାଟି ସୁରକ୍ଷିତ ତଥା ଉଚ୍ଚ ସ୍ଥାନକୁ ନେଇ ପଲିଥିନ ଘୋଡ଼ାଇ ରଖାଯିବା ଉଚିତ। ସମ୍ଭବ ହେଲେ ସେସବୁକୁ ତତ୍କାଳ ବେଙ୍ଗଳା ବା ବିଲରୁ ଥ୍ରେସର ମେଶିନରେ ଅମଳ କରି ପବନ ଚଳାଚଳ ଥିବା ଶୁଖିଲା ଘରେ ସୁରକ୍ଷିତ ରଖିପାରିଲେ ଭଲ ହେବ। ଅତ୍ୟାବଶ୍ୟକ ହେଲେ ଧାନ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା ତୁରନ୍ତ କରାଇନେବା ଜରୁରୀ। ଧାନ ଗଛ ଶୋଇ ଯାଇଥିଲେ ତାକୁ ସଳଖି ଠିଆ କରାଇ ଦିଅନ୍ତୁ। କଟାଧାନ ବିଲରେ ରଖନ୍ତୁ ନାହିଁ। ବର୍ଷା ସମୟରେ କୌଣସି କୀଟନାଶକ ସିଞ୍ଚନ ନ କରି ମୁଗ, ବିରି, ପନିପରିବା ଫସଲ ହୋଇଥିବା ବିଲରୁ ସିଆର କରି ପାଣି କାଟିବା ବ୍ୟବସ୍ଥା କରନ୍ତୁ। ବର୍ଷା ପରବର୍ତ୍ତୀ ସମୟରେ ରୋଗପୋକ ସର୍ବେକ୍ଷଣ କରି ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିହାତି ଜରୁରୀ। ଏହି ସମୟରେ କପା ଫସଲରେ ପାକଳ ହୋଇଥିବା ବକରାଗୁଡିକୁ ତୋଳି ସୁରକ୍ଷିତ ସ୍ଥାନକୁ ନେଇଯିବା ଦରକାର। ବର୍ଷାର ପରବର୍ତ୍ତୀ ୩/୪ ଦିନ ଏହାକୁ ଶୁଖାଇ ରଖିବା ଉଚିତ। ସମସ୍ତ ପ୍ରକାର ରବି ଫସଲ ବିଶେଷକରି ଆଳୁ ଲଗାଇବାକୁ ସାମୟିକ ସ୍ଥଗିତ ରଖିବାକୁ ହେବ। ସର୍ବୋପରି ଆଳୁ ଆଦି ପନିପରିବା ଓ ଅନ୍ୟାନ୍ୟ ରବି ଫସଲରେ ଜଳ ନିଷ୍କାସନ ପାଇଁ ତୁରନ୍ତ ବ୍ୟବସ୍ଥା କରାଇନେବା ଉଚିତ। କୃଷିବିଭାଗର ଉପରୋକ୍ତ ପରାମର୍ଶ ସମେତ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କଲେ ଅଧିକ କ୍ଷତି ଦେବ ନାହିଁ।

ନାବୁଣୀ, ଖୋର୍ଦ୍ଧା
ମୋ:୬୩୭୦୪୯୫୯୪୪

ଏଇ ଭାରତରେ

ଲକ୍‌ଡାଉନରେ ହାଇଦ୍ରାବାଦର ଏଚ୍‌ଆର୍ ମ୍ୟାନେଜର ଦୋସାପତି ରାମୁଙ୍କ ଜୀବନର ମୋଡ଼ ବଦଳିଯାଇଛି। ସେ ଏକ ରାଇସ୍ ଏଟିଏମ୍ ଖୋଲି ଗରିବଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ରାମୁ ତାଙ୍କ ଏଲ୍‌ବି ନଗର ସ୍ଥିତ ଘର ନିକଟରେ ଏହି ରାଇସ୍ ଏଟିଏମ୍ ରଖିଛନ୍ତି। ଲକ୍‌ଡାଉନ ସମୟରୁ ଏଯାବତ୍ ସେ ଏ ବାବଦରେ ନିଜ ପକେଟରୁ ୫୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଲେଣି। ଏଥିପାଇଁ ସେ ତାଙ୍କ ପ୍ରୋଭିଡେଣ୍ଟ ଫଣ୍ଡରୁ ଟଙ୍କା ଉଠାଇବା ସହ ଏକ ଜମି ମଧ୍ୟ ବିକ୍ରି କରିଛନ୍ତି। ଲକ୍‌ଡାଉନ ସମୟରେ ଆରମ୍ଭ କରାଯାଇଥିବା ଉକ୍ତ ଏଟିଏମ୍‌ରୁ ଏବେ ବି ଗରିବମାନଙ୍କୁ ସେ ଖାଦ୍ୟ ଯୋଗାଉଛନ୍ତି। ତାଙ୍କ ଆୟର ୭୫% ଏଥିରେ ବ୍ୟୟ କରିବାକୁ ସଂକଳ୍ପ ନେଇଛନ୍ତି। ରାମୁଙ୍କ ସ୍ତ୍ରୀ ଜଣେ ଗଣିତ ଶିକ୍ଷକ। ଏବେ ସୁଦ୍ଧା ତାଙ୍କ ରାଇସ୍ ଏଟିଏମ୍‌ରୁ ୨୫,୦୦୦ ଲୋକ ଉପକୃତ ହୋଇ ସାରିଲେଣି। ଆଗକୁ ଏହାକୁ ଚଳାଇବା ତାଙ୍କ ପକ୍ଷେ ହୁଏତ କଷ୍ଟକର ହୋଇପାରେ, ତଥାପି ରୋଜଗାର ଥିବାଯାଏ ଭୋକିଲାମାନଙ୍କୁ ଖାଲି ପେଟରେ ଶୋଇବାକୁ ଦେବେ ନାହିଁ ବୋଲି କହନ୍ତି ରାମୁ।

୨୫ ବର୍ଷ ତଳର ଧରିତ୍ରୀ

୩ ଡିସେମ୍ବର ୧୯୯୬

- ଦ୍ୱିପାକ୍ଷିକ ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ଅର୍ଥନୈତିକ ସହଯୋଗ କ୍ଷେତ୍ରରେ ଉନ୍

ସଂକ୍ଷେପରେ

୧୫୦ କୋଟି ଟଙ୍କାର ଇଥାନଲ ପ୍ରକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର,୨।୧୨: ରପ୍ତାନି ଭିତ୍ତିକ ଟିଙ୍ଗୁଡି ପ୍ରକ୍ରିୟାକରଣକାରୀ କୋଷ୍ଟାଲ କର୍ପୋରେସନ ତାହାର ଇଥାନଲ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ କରିଥିବା ସୂଚନା ମିଳିଛି। ୧୫୦ କୋଟିର ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ଜରିଆରେ ଏହାର ଉଦଘାଟନ କରିଥିଲେ। ଓଡ଼ିଶାର ଗଜପତି ଜିଲାର ମାରିଙ୍ଗା ଗ୍ରାମରେ ଉକ୍ତ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟ କରାଯାଇଛି। କୋଷ୍ଟାଲ କର୍ପୋରେସନ ଲିମିଟେଡର ପୂର୍ଣ୍ଣ ମାଲିକାନାଧୀନ ଏକ ସହଯୋଗୀ କମ୍ପାନୀ କୋଷ୍ଟାଲ ବାୟୋଟେକ ପ୍ରାଇଭେଟ ଲିମିଟେଡ ଉକ୍ତ ଇଥାନଲ ପ୍ରକଳ୍ପ ସ୍ଥାପନ କରିବ ଏବଂ ଏହାର ସ୍ଥାପିତ କ୍ଷମତା ୧୯୮୦୦୦ କେଏଲ ପିଡି ହେବ ବୋଲି ଜଣାପଡିଛି। ଏହି ପ୍ରକଳ୍ପ ୧୫୦ କୋଟି ଟଙ୍କା ବ୍ୟୟରେ ୩୦ ଏକର ପରିମିତ ଜମିରେ ବିକାଶ କାର୍ଯ୍ୟ କରାଯାଉଛି। ଏହି ପ୍ରକଳ୍ପରୁ ୨୦୨୩ ମାର୍ଚ୍ଚ ସୁଦ୍ଧା ଉତ୍ପାଦନ ଆରମ୍ଭ ହେବାର ସମ୍ଭାବନା ରହିଛି। ଏ ସମ୍ପର୍କରେ କୋଷ୍ଟାଲ କର୍ପୋରେସନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ଭାଇସ ଚେୟାରମ୍ୟାନ ଟି.ଭଲସାରାଜ କହିଛନ୍ତି 'ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଇଥାନଲ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହେବା ଆମପାଇଁ ଗୌରବର ବିଷୟ। ଦେଶର ବିକାଶ ଦିଗରେ ଆମ ପ୍ରତିବଦ୍ଧ ଏବଂ ସେ ଦିଗରେ କାର୍ଯ୍ୟ କରୁଛୁ। କାରଣ ଇଥାନଲ ମିଶ୍ରିତ ପେଟ୍ରୋଲ (ଇବିପି) ପ୍ରୟାସ କେବଳ ଦେଶର ତୈଳ ଆମଦାନୀ ଖର୍ଚ୍ଚ ଏବଂ ଅଙ୍ଗାକାମ୍ଳ ନିର୍ଗମନ ହ୍ରାସ କରିବାକୁ ଉଦ୍ଦିଷ୍ଟ ନୁହେଁ, ତାହା ସହିତ ଏହା ଶକ୍ତି ସୁରକ୍ଷା ଏବଂ ଆତ୍ମନିର୍ଭରତା ପ୍ରୟାସରେ ମଧ୍ୟ ଉନ୍ନତି ଆଣିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ବ୍ୟାଙ୍କ ଘରୋଇକରଣକୁ ସଂଘର ବିରୋଧ

ଭୁବନେଶ୍ୱର,୨।୧୨: କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁଭଳି ସହଯୋଗ ମିଳିବା କଥା ତା' ନ ମିଳିବାରୁ ସାରା ଦେଶର ବ୍ୟାଙ୍କର୍ସ ଆଗାମୀ ଦିନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିଶେଷକରି ଦୁଇ ସରକାରୀ ବ୍ୟାଙ୍କର ପ୍ରସ୍ତାବିତ ଘରୋଇକରଣ ବିରୋଧରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ଚଳିତ ମାସ ୧୬ ଓ ୧୭ ତାରିଖରେ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ବର୍ତ୍ତମାନ ୟୁଏଫ୍‌ବିୟୁ ଅଧୀନରେ ବ୍ୟାଙ୍କଗୁଡ଼ିକର ୯ ସଂଗଠନ କାର୍ଯ୍ୟ ଓ ସହଯୋଗ କରି ଆସୁଛି।

ବିଶ୍ୱ ଅର୍ଥନୀତିକୁ ବିପଦ ଓମିକ୍ରନ୍

ନୂଆଦିଲ୍ଲୀ, ୨।୧୨

- ପ୍ରଭାବିତ ହେବ ଯୋଗାଣ ଶୃଙ୍ଖଳ
- ୨୦୨୩ରେ ଗ୍ଲୋବାଲ ଜିଡିପି ୩.୨% ହ୍ରାସ ଆଶଙ୍କା।

କରୋନା ମହାମାରୀବେଳେ ତଳମୁହାଁ ହୋଇପଡ଼ିଥିବା ବିଶ୍ୱ ଅର୍ଥନୀତି ମୁଣ୍ଡ ଟେକିବାକୁ ଅଣ୍ଟା ଭିଡୁଥିବାବେଳେ କୋଭିଡ୍ ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ଯୋଗୁ ଏହା ପୁଣି ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଟିକା ଏହା ବିରୋଧରେ ପ୍ରଭାବୀ ନ ହୋଇପାରେ ବୋଲି ବୈଜ୍ଞାନିକ ତଥା ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଓମିକ୍ରନ୍‌କୁ 'ଚିନ୍ତାଜନକ ଭାରିଆଣ୍ଟ' ତାଲିକାରେ ରଖିବା ସହ ବିଭିନ୍ନ ଦେଶରେ ପୁଣି କଡ଼ା କଟକଣା ଫେରିଛି। ଏହାର ସିଧାସଳଖ ପ୍ରଭାବ ଅର୍ଥନୀତି ଉପରେ ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଦକ୍ଷିଣ ଆଫ୍ରିକାରେ ଓମିକ୍ରନ୍ ଚିହ୍ନଟ ହେବା ପରେ ଭାରତ ସମେତ ଅନେକ ଦେଶ ସେମାନଙ୍କ ଯାତ୍ରା ଗାଇଡ୍‌ଲାଇନ୍ ଘୋଷଣାକୁ ସ୍ଥଗିତ ରଖିଛନ୍ତି। ଓମିକ୍ରନ୍ ଉପରେ ଅଧିକ ଗବେଷଣା ଚାଲିଥିବାବେଳେ ଏହା ବିଶ୍ୱ ବାଣିଜ୍ୟ ଏବଂ ଅର୍ଥନୀତିରେ ଆସିଥିବା ସୁଧାରକୁ କିପରି ପ୍ରଭାବିତ କରିବ ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ସଂକ୍ରମଣ ନିୟନ୍ତ୍ରଣରେ ବିଫଳ ହେଲେ ବିଶ୍ୱସ୍ତରରେ ବହୁ ସଂଖ୍ୟାରେ ଲୋକ ଏଥିରେ ଆକ୍ରାନ୍ତ ହେବେ। ଟିକାକରଣ ହାର କମ୍ ଥିବା ଦେଶର ଜନସାଧାରଣ ଅଧିକ ପ୍ରଭାବିତ ହେବେ ଏବଂ ଡାକ୍ତରଖାନାରେ ଲୋକଙ୍କ ଗହଳି ବଢ଼ିବ। ଇକୋନୋମିକ୍ ଥିଙ୍କ୍‌ଟ୍ୟାଙ୍କ୍ ଅର୍ଥନୈତିକ ସହଯୋଗ ଏବଂ ବିକାଶ ସଙ୍ଗଠନ (ଓଇସିଡି) ମୁତାବକ, ଯଦି ଓମିକ୍ରନ୍ ଭାରିଆଣ୍ଟ ଏକ ବିଶ୍ୱସ୍ତରୀୟ ମନ୍ଥରତା ସୃଷ୍ଟି କରେ ତେବେ ପାଶ୍ଚାତ୍ୟ ସରକାର ବ୍ୟବସାୟ ଓ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଜରୁରିକାଳୀନ ଆର୍ଥିକ ସହାୟତା ଆଣିବାକୁ ବାଧ୍ୟ ହୋଇପାରନ୍ତି। ଯୋଗାଣ ଶୃଙ୍ଖଳ ପୁଣି ପ୍ରଭାବିତ ହୋଇପାରେ। ଏଥିଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ଜନିତ ସଙ୍କଟ ବଢ଼ିପାରେ, ଯାହା ଦ୍ୱାରା ବିଶ୍ୱ ଅର୍ଥନୀତିର ପୁନରୁଦ୍ଧାର ଆହୁରି କଷ୍ଟକର ହୋଇପଡ଼ିବ। ଦେଶଗୁଡ଼ିକରେ କଡ଼ା କଟକଣା ଲାଗୁ ହେଲେ ଦ୍ରବ୍ୟ ଏବଂ ସେବା ଚାହିଦା ପ୍ରଭାବିତ ହେବ। ଏଥିଯୋଗୁ ଶିଳ୍ପଜଗତ ବ୍ୟାପକ କ୍ଷତିଗ୍ରସ୍ତ ହେବ। ଜରୁରୀସ୍ଥିତିରେ ସରକାର ଏମର୍ଜେନ୍ସି ଫଣ୍ଡ ବ୍ୟବହାର କରିବାକୁ ବାଧ୍ୟ ହେବେ ବୋଲି ଓଇସିଡିର ପ୍ରମୁଖ ଅର୍ଥନୀତିଜ୍ଞ ଲୌରେନ୍ସ ବୋନେ କହିଛନ୍ତି।

ଗ୍ଲୋବାଲ ଜିଡିପି ଉପରେ ଓଇସିଡି ଏକ ରିପୋର୍ଟ ମଧ୍ୟ ପ୍ରକାଶ କରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ବିଶ୍ୱ ଜିଡିପି ୫.୬ % ବୃଦ୍ଧି ପାଇବାକୁ ଥିବାବେଳେ ୨୦୨୨ରେ ୪.୫ % ଏବଂ ୨୦୨୩ରେ ଏହା ୩.୨% ହ୍ରାସ ପାଇବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ମହାମାରୀ ଆରମ୍ଭରୁ ଜି-୨୦ ଗ୍ରୁପ୍‌ର ଦେଶଗୁଡ଼ିକ ଏମର୍ଜେନ୍ସି ସହାୟତା ଭାବେ ୧୦ ଟ୍ରିଲିୟନ ଡଲାର (୭୪,୯୪,୭୨,୫୦,୦୦,୦୦,୦୦୦ ଟଙ୍କା) ଖର୍ଚ୍ଚକରିସାରିଛନ୍ତି। ଯଦିବିଶ୍ୱବ୍ୟାପୀ ଟିକାକରଣ ସୁନିଶ୍ଚିତ ହୋଇଥାନ୍ତା ତେବେ ଏଥିପାଇଁ ମାତ୍ର ୫୦ ବିଲିୟନ ଡଲାର (୩୭,୪୭,୩୬,୨୫,୦୦,୦୦୦ ଟଙ୍କା) ଲାଗିଥାନ୍ତା ବୋଲି ବୋନେ କହିଛନ୍ତି।

ରୁଚିର ଇଣ୍ଡିଆ ବେଷ୍ଟ ହୋମ୍ ସେଫ୍

ଭୁବନେଶ୍ୱର,୨।୧୨: ରୁଚି ଉଦ୍ୟୋଗ ପକ୍ଷରୁ ମହିଳାମାନଙ୍କୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଏକ ରୋଷେଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହାର ଅନ୍ତିମ କାର୍ଯ୍ୟକ୍ରମ ଗୁରୁବାର ମଧ୍ୟପାଟଣାସ୍ଥିତ ଫ୍ରୋଜିଟ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲୋକପ୍ରିୟ ସେଫ୍ ସୁନୀଲ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ରୁଚି-ଫ୍ରୋଜିଟ୍ ଇଣ୍ଡିଆ ବେଷ୍ଟ ହୋମ୍ ସେଫ୍-୨୦୨୧ର ପୁରସ୍କାର ବିତରଣୀ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରୁଚିର ମାର୍କେଟିଂ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ଫ୍ରୋଜିଟ୍‌ର ଫାଇନାନ୍ସ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୁନୀଲ ପ୍ରାରମ୍ଭିକ ଅଭିଭାଷଣ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଦୁବାଇ, ଇଣ୍ଡୋନେସିଆ ଓ ମସ୍କାଟ୍ ସମେତ ଭାରତର ୧୫ଟି ରାଜ୍ୟରୁ ୧୦୦ଜଣ ପ୍ରତିଯୋଗୀଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ମଧୁସ୍ମିତା ସୋରେନ୍ ପ୍ରଥମ, ସୋନାଲି ରେ ଦ୍ୱିତୀୟ ଏବଂ ବନଜା ପାତ୍ର ଓ ରାଜସ୍ଥାନର ଗାୟତ୍ରୀ ରତନ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରିଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ଯଥାକ୍ରମେ ୫୦୦୦, ୩୦୦୦ ଓ ୨୦୦୦ ଟଙ୍କାର ଅର୍ଥରାଶି ସହ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରୁଚିର ଉଲ୍ଲାସ ଚନ୍ଦ୍ର ବେହୁରା ସଂଯୋଜନା କରିଥିବା ବେଳେ ଦେବସ୍ମିତା ମିଶ୍ର, ଅମୃତରଂଜନ ଦାଶ, କୃଷ୍ଣଚନ୍ଦ୍ର ଦାଶ, ଜ୍ଞାନରଂଜନ ରାୟ, ସନ୍ତୋଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ଏନ୍‌ଏଚ୍‌ଏଆଇ ସହ ବେଦାନ୍ତର ସହଭାଗିତା

ଭୁବନେଶ୍ୱର,୨।୧୨: ଓଡ଼ିଶାରେ ସବୁଜ ରାଜପଥ ନିର୍ମାଣ ପାଇଁ ଫ୍ଲାଏ ଆଶ୍ ଯୋଗାଣ ଲାଗି ବେଦାନ୍ତ ଲିମିଟେଡ୍‌ର ଝାରସୁଗୁଡ଼ା ୟୁନିଟ ପକ୍ଷରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ସହିତ ଦୀର୍ଘ ମିଆଦୀ ସହଭାଗିତା ସ୍ଥାପନ କରାଯାଇଛି। କମ୍ପାନୀର ତାପଜ ବିଦ୍ୟୁତ୍ କାରଖାନାରୁ ସୃଷ୍ଟି ହେଉଥିବା ଏକ ଉପ ଉତ୍ପାଦ ଫ୍ଲାଏ ଆଶ୍‌କୁ ରାଜପଥ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରିବା। ଏହି ସହଭାଗିତାର ଲକ୍ଷ୍ୟ ହେଉଛି ରାଜ୍ୟରେ ସବୁଜ ସଡ଼କ ଜରିଆରେ ଏକ ସଂଯୋଗୀକରଣ ଅର୍ଥନୀତି ସୃଷ୍ଟି କରିବା ଏବଂ ଅର୍ଥନୀତି କ୍ଷେତ୍ରରେ ଶିଳ୍ପର ଉପ ଉତ୍ପାଦର ଅର୍ଥପୂର୍ଣ୍ଣ ବ୍ୟବହାରକୁ ନିଶ୍ଚିତ କରିବା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା ୟୁନିଟ)ର ଡେପୁଟି ସିଇଓ ଦୀପକ ପ୍ରସାଦ କହିଛନ୍ତି, ବେଦାନ୍ତ ଓ ଏନ୍‌ଏଚ୍‌ଏଆଇ ମଧ୍ୟରେ ହୋଇଥିବା ଦୀର୍ଘମିଆଦୀ ସହଭାଗିତା କେବଳ ବ୍ୟବସ୍ଥାରୁ ଉଲ୍ଲେଖନୀୟ ପରିମାଣର ବର୍ଜ୍ୟ ଦୂର କରିବ ନାହିଁ ବରଂ ଜାତୀୟ ରାଜପଥ ନିର୍ମାଣ ପ୍ରକଳ୍ପ ଲାଗି ଗୁଣାତ୍ମକ, ନିରନ୍ତରତା ଓ ଖର୍ଚ୍ଚ ଲାଭ ଥିବା ସୁବିଧା ପ୍ରଦାନ କରିବ।

ପେନ୍‌ସନ୍‌ଭୋଗୀଙ୍କ ପାଇଁ ବଢ଼ିଲା ସମୟ

ଭୁବନେଶ୍ୱର,୨।୧୨: କେନ୍ଦ୍ର ସରକାରଙ୍କ କାର୍ମିକ, ଜନ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ପେନ୍‌ସନଭୋଗୀଙ୍କ ଲାଇଫ ସାର୍ଟିଫିକେଟ ଦାଖଲ ସମୟ ସୀମାକୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବ ନୋଟିସ ଅନୁସାରେ ଏହା ଚଳିତ ବର୍ଷ ନଭେମ୍ବର ୩୦ ଶେଷ ତାରିଖ ଥିଲା। ଏହି ସମୟ ସୀମା ମଧ୍ୟରେ ଯେଉଁମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରି ନ ଥିଲେ ସେମାନେ ଏହି ସମ୍ପ୍ରସାରିତ ଅବଧିରେ ଦାଖଲ କରିପାରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମନ୍ତ୍ରଣାଳୟର ଏହି ନିଷ୍ପତ୍ତି ଅନୁସାରେ ଯେଉଁ ପେନ୍‌ସନଭୋଗୀ ନଭେମ୍ବର ୩୦ ତାରିଖ ମଧ୍ୟରେ ତାଙ୍କ ପ୍ରମାଣପତ୍ର ଦାଖଲ କରିପାରି ନାହାନ୍ତି, ଡିସେମ୍ବର ପହିଲାରେ ସେମାନଙ୍କ ପେନ୍‌ସନ ବନ୍ଦ କରାଯାଇ ନାହିଁ। ଅନେକ ପେନ୍‌ସନଭୋଗୀ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କ ଲାଇଫ ସାର୍ଟିଫିକେଟ ଜମା କରିପାରି ନ ଥିଲେ।

ନଭେମ୍ବରରେ ଓଡ଼ିଶାର ଜିଏସ୍‌ଟି ସଂଗ୍ରହ ୪୧୩୬ କୋଟି

ଭୁବନେଶ୍ୱର,୨।୧୨

ଓଡ଼ିଶାର ଜିଏସ୍‌ଟି ସଂଗ୍ରହରେ ୬୪% ଅଭିବୃଦ୍ଧି ହୋଇଛି। ଚଳିତ ବର୍ଷ ନଭେମ୍ବରରେ ଓଡ଼ିଶାର ୪,୧୩୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ଏହି ମାସରେ ରାଜ୍ୟର ଜିଏସ୍‌ଟି ସଂଗ୍ରହ ୬୪% ଅଭିବୃଦ୍ଧି କରିଛି। ଗତବର୍ଷ ନଭେମ୍ବରରେ ୨,୫୨୮ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। କ୍ରମାଗତ ୩ୟ ମାସ ପାଇଁ ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଜିଏସ୍‌ଟି ସଂଗ୍ରହ ସର୍ବାଧିକ ହୋଇଥିବାବେଳେ ଜିଏସ୍‌ଟି ପ୍ରଚଳନ ପରଠାରୁ ଏହା ହେଉଛି ଓଡ଼ିଶାର ସର୍ବାଧିକ ଅଭିବୃଦ୍ଧି। ଚଳିତ ଆର୍ଥିକ ବର୍ଷରେ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟ ମୋଟ ଜିଏସ୍‌ଟି ସଂଗ୍ରହ ୨୮୦୩୨.୯୮ କୋଟି ଟଙ୍କା ହୋଇଥିବା ବେଳେ ୨୦୨୦-୨୧ ନଭେମ୍ବର ପର୍ଯ୍ୟନ୍ତ ଏହା ଥିଲା ୧୭୨୨୯.୨୬ କୋଟି ଟଙ୍କା। ଫଳରେ ଏ କ୍ଷେତ୍ରରେ ୬୨.୭୧% ଅଭିବୃଦ୍ଧି ଘଟିଛି। ୨୦୧୯-୨୦ ଆର୍ଥିକ ବର୍ଷର ନଭେମ୍ବର ପର୍ଯ୍ୟନ୍ତ ଏହି ସଂଖ୍ୟା ଥିଲା ୧୯୩୬୬.୯୫ କୋଟି ଟଙ୍କା। ଚଳିତ ନଭେମ୍ବରରେ ରାଜ୍ୟ ଜିଏସ୍‌ଟି ବାବଦରେ ଓଡ଼ିଶା ୧୧୫୭.୬୯ କୋଟି ଟଙ୍କା ସଂଗ୍ରହ କରିଛି, ଯାହାକି ଗତ ବର୍ଷ ଏହି ସମୟରେ ୬୮୧.୯୬ କୋଟି ରହିଥିଲା। ଏ କ୍ଷେତ୍ରରେ ୬୯.୭୬% ଅଭିବୃଦ୍ଧି ଘଟିଛି। ନଭେମ୍ବରର ଜିଏସ୍‌ଟି ସଂଗ୍ରହ ଜିଏସ୍‌ଟି ଆଇନ ପ୍ରଚଳନ ପରଠାରୁ ସର୍ବାଧିକ ରହିଛି ବୋଲି ଜିଏସ୍‌ଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷର ନଭେମ୍ବର ପର୍ଯ୍ୟନ୍ତ ମୋଟ ରାଜ୍ୟ ଜିଏସ୍‌ଟି ବାବଦରେ ଓଡ଼ିଶା ୭୯୭୭.୬୦ କୋଟି ଟଙ୍କା ସଂଗ୍ରହ କରିଛି, ଯାହାକି ୨୦୨୦-୨୧ ବର୍ଷର ଏହି ସମୟ ପର୍ଯ୍ୟନ୍ତ ୬୦୧୩.୫୦ କୋଟି ଟଙ୍କା ଆଦାୟ ହୋଇଥିଲା। ଏ କ୍ଷେତ୍ରରେ ମଧ୍ୟ ୫୯.୧୨ % ଅଭିବୃଦ୍ଧି ହାସଲ କରିପାରିଛି। ୨୦୧୯-୨୦ ଆର୍ଥିକ ବର୍ଷର ନଭେମ୍ବର ମାସ ପର୍ଯ୍ୟନ୍ତ ମୋଟ ରାଜ୍ୟ ଜିଏସ୍‌ଟି ୫୬୬୧.୧୮ କୋଟି ଟଙ୍କା ରହିଥିଲା। ସର୍ବଭାରତୀୟ ସ୍ତରରେ ନଭେମ୍ବରରେ ୧,୩୧,୫୨୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ୨୦୧୭ ଜୁଲାଇରେ ଜିଏସ୍‌ଟି ଲାଗୁ ହେବା ପରଠାରୁ ଏହା ଦ୍ୱିତୀୟ ସର୍ବାଧିକ ମାସିକ ସଂଗ୍ରହ। ଏହା ପୂର୍ବରୁ ଚଳିତ ବର୍ଷ ଏପ୍ରିଲରେ ସର୍ବକାଳୀନ ସର୍ବାଧିକ ୧,୩୯,୭୦୮ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଥିଲା। ଏହି ସମୟସୀମା ମଧ୍ୟରେ ୨୩,୯୭୮ କୋଟି ଟଙ୍କାର କେନ୍ଦ୍ରୀୟ ଜିଏସ୍‌ଟି, ୩୧,୧୨୭ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି, ୬୬,୮୧୫ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି ଏବଂ ୯,୬୦୬ କୋଟି ଟଙ୍କାର ସେସ୍ ସଂଗ୍ରହ କରାଯାଇଛି। ଲଗାତର ଦ୍ୱିତୀୟ ମାସ ଲାଗି ୨୦୨୧ ନଭେମ୍ବରରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ ୩୦ ହଜାର କୋଟି ଟଙ୍କାରୁ ଅଧିକ ରହିଛି।

ଫୁରସତ୍

ସଫଳତା ଆଣିଦିଏ ଦୃଢ଼ ମନୋବଳ

ଆଜି ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

ସଫଳତା ପାଇବାରେ ଦିବ୍ୟାଙ୍ଗତା ବାଧା ସୃଷ୍ଟି କରି ନ ଥାଏ। ମନୋବଳ ଦୃଢ଼ ଥିଲେ ଜୀବନ ଯୁଦ୍ଧରେ ବି ବିଜୟ ମିଳେ। ଦିବ୍ୟାଙ୍ଗଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି ସହିତ ସେମାନଙ୍କ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ଲାଗି ପ୍ରତିବର୍ଷ ଡିସେମ୍ବର ୩ରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଥାଏ।

୧୯୮୧ରେ ମିଳିତ ଜାତିସଂଘରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଏହା ଅନ୍ତର୍ଗତ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ସୁଯୋଗ ପ୍ରଦାନରେ ସମାନତା, ପୁନର୍ବାସ ଏବଂ ଅକ୍ଷମତା ରୋକିବା ଉପରେ ଗୁରୁତ୍ୱ ଦେବା ଲାଗି ଆହ୍ୱାନ ଦିଆଯାଇଥିଲା। ସମାଜରେ ଦିବ୍ୟାଙ୍ଗଙ୍କ ଜୀବନ ତଥା ବିକାଶ ପାଇଁ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡିସେମ୍ବର୧୯୮୨ରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଗ୍ରହଣ କରାଯାଇଥିବା କେତେକ ପ୍ରସ୍ତାବ ଆଧାରରେ ଦିବ୍ୟାଙ୍ଗଙ୍କ ବିକାଶ କାର୍ଯ୍ୟକ୍ରମ ୧୯୮୩ରୁ ୧୯୯୩ ପର୍ଯ୍ୟନ୍ତ ଏକ ଦଶନ୍ଧି ଧରି ଚାଲିଥିଲା। ଜାତିସଂଘ ସାଧାରଣ ସଭାରେ ଆମେରିକାର ଶିକ୍ଷା ବିଭାଗର ସହକାରୀ ସଚିବ ରବର୍ଟ ଆର୍ ଡାଭିଲା ଡିସେମ୍ବର ୩ରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଲାଗି ପ୍ରସ୍ତାବ ଦେଇଥିଲେ। ଏହାପରେ ୧୯୯୨ଠାରୁ ପ୍ରତିବର୍ଷ ଡିସେମ୍ବର ୩ରେ ଏହି ଦିବସ ପାଳିତ ହୋଇଆସୁଛି। ଏହି ଦିବସ ପାଳନ ଅବସରରେ ଦିବ୍ୟାଙ୍ଗଙ୍କ ଅଧିକାର ଏବଂ ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଲାଗି ସଚେତନତା ସୃଷ୍ଟି କରାଯାଇଥାଏ।

Invitation to become a Health Partner of
TATA 1mg
Join India's trusted e-Health platform to spread the message of Tata 1mg to your community and earn on every order you help generate.
Visit: 1mg.com/healthpartner to know more & apply
9311124394
affiliate@1mg.com

CLASSIFIED DISPLAY
MORE SPACE • SAME PRICE
TARIFF

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

GST 5%
ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱ ରେବତି ହରିଚନ୍ଦନ
ସ୍ୱାମି- ଡ଼ା.ବିମଳଚନ୍ଦ୍ର ହରିଚନ୍ଦନ
ସିଜୁଆ, ପାଟ୍ରପଡା, ଭୁବନେ

ଧରିତ୍ରୀ

www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୩/ ୨୦୨୧ Sambalpur, Friday, December 3/ 2021

ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତା

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଏବେ ଚାଲିଛି ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ। ଏହି ମେଗା ପ୍ରତିଯୋଗିତା ୫ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ତେବେ ସମ୍ଭାବ୍ୟ ବାତ୍ୟା 'ଜୱାଦ'କୁ ନେଇ ଚିନ୍ତା ବଢ଼ିଛି। ବାତ୍ୟା କେଉଁଠି ଲ୍ୟାଣ୍ଡଫଲ୍ କରିବ ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ଶୁକ୍ରବାରଠାରୁ ବର୍ଷା ସହ ମଧ୍ୟରାତ୍ରିରୁ ପବନର ବେଗ ବଢ଼ିବା ସମ୍ଭାବନା ରହିଛି। ଏପରିକି ଘଣ୍ଟାପ୍ରତି ୧୦୦ କି.ମି. ବେଗରେ ମଧ୍ୟ ପବନ ହେବା ଆକଳନ କରାଯାଉଛି। ଏପରି କ୍ଷେତ୍ରରେ କଳିଙ୍ଗ ଷ୍ଟାଡିୟମରେ ମ୍ୟାଚକୁ ନେଇ ଚିନ୍ତା ବଢ଼ିଛି। କାରଣ ୩ ତାରିଖ ଅର୍ଥାତ୍ ଶୁକ୍ରବାର ୪ଟି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ୧୦ଟା ୩୦ ଓ ଅପରାହ୍ନ ୧ଟା ୩୦ରେ ୨ଟି କ୍ଲାସିଫିକେଶନ ମ୍ୟାଚ ସହ ଅପରାହ୍ନ ୪ଟା ୩୦ ଓ ରାତି ୭ଟା ୩୦ରେ ୨ଟି ସେମିଫାଇନାଲ ମ୍ୟାଚ ଖେଳାଯିବ। ଭାରତ ଓ ଜର୍ମାନୀ ସେମିଫାଇନାଲ ମ୍ୟାଚ ୭ଟା ୩୦ରେ ଅନୁଷ୍ଠିତ ହେବ। ୪ ତାରିଖରେ ମଧ୍ୟ ୪ଟି ମ୍ୟାଚ ଖେଳାଯିବ। ଏହା ବ୍ୟତୀତ ୫ ତାରିଖ ରାତି ୭ଟା ୩୦ରେ ଫାଇନାଲ ସହ ଅପରାହ୍ନ ୪ଟା ୩୦ରେ ବ୍ରୋଞ୍ଜ ପଦକ ପାଇଁ ମ୍ୟାଚ ଏବଂ ପୂର୍ବାହ୍ନ ୧୦ଟା ୩୦ ଓ ଅପରାହ୍ନ ୧ଟା ୩୦ରେ ୨ଟି କ୍ଲାସିଫିକେଶନ ମ୍ୟାଚ ଖେଳାଯିବ। ତେବେ ପବନ ସହ ବର୍ଷା ହେଲେ କିପରି ଖେଳ ହେବ ତା'କୁ ନେଇ ଚିନ୍ତା ରହିଛି। ବାତ୍ୟା ହେଲେ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଅନ୍ତର୍ଜାତୀୟ ହକି ଫେଡେରେଶନ କିମ୍ବା ହକି ଇଣ୍ଡିଆ ପକ୍ଷରୁ କୌଣସି ନିଷ୍ପତ୍ତି ନିଆ ଯାଇନାହିଁ।

୫ରୁ ୮ସ୍ଥାନ ପାଇଁ କ୍ରସ୍ ଓଭର

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି): ଜୁନିୟର ହକି ବିଶ୍ୱକପ୍‌ରେ ଶୁକ୍ରବାର ୫ରୁ ୮ମ ସ୍ଥାନ ପାଇଁ ୨ଟି କ୍ରସ୍ ଓଭର ମ୍ୟାଚ ଅନୁଷ୍ଠିତ ହେବ। କ୍ୱାର୍ଟରରେ ପରାଜିତ ୪ ଦଳ ଏହି ୨ଟି ମ୍ୟାଚ ଖେଳିବେ। ପୂର୍ବାହ୍ନ ୧୦ଟା ୩୦ରେ ବେଲଜିୟମ-ସ୍ପେନ ଏବଂ ଅପରାହ୍ନ ୧ଟା ୩୦ରେ ମାଲେସିଆ-ନେଦରଲାଣ୍ଡ ମଧ୍ୟରେ ମୁକାବିଲା ହେବ। କ୍ୱାର୍ଟରରେ ଭାରତଠାରୁ ବେଲ୍‌ଜିୟମ, ଜର୍ମାନୀଠାରୁ ସ୍ପେନ, ଫ୍ରାନ୍ସ ନିକଟରୁ ମାଲେସିଆ ଓ ଆର୍ଜେଣ୍ଟିନାଠାରୁ ନେଦରଲାଣ୍ଡ ପରାଜିତ ହୋଇଥିଲା।

୨୦ ବର୍ଷ ପରେ ଭାରତ-ଜର୍ମାନୀ ଭେଟ

ଭୁବନେଶ୍ୱର,୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ୨ଟି ଯାକ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଫ୍ରାନ୍ସ-ଆର୍ଜେଣ୍ଟିନା ଓ ଦ୍ୱିତୀୟ ସେମିଫାଇନାଲରେ ଭାରତ ଓ ଜର୍ମାନୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟର ଇତିହାସରେ ଜର୍ମାନୀ ସବୁଠାରୁ ସଫଳ ଏବଂ ଭାରତ ଦ୍ୱିତୀୟ ସଫଳ ଦଳ। ତେଣୁ ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଜର୍ମାନୀ ୫, ଭାରତ ୩

ରେକର୍ଡ ଅନୁସାରେ ଭାରତ ଓ ଜର୍ମାନୀ ମଧ୍ୟରେ ଏହା ପୂର୍ବରୁ ମୋଟ ୧୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସେଥିରୁ ଜର୍ମାନୀ ୫ଟିରେ ବିଜୟୀ ହୋଇଥିବାବେଳେ ଭାରତ ୩ଟି ମ୍ୟାଚ ଜିତିଛି ଏବଂ ଅବଶିଷ୍ଟ ୬ଟି ମ୍ୟାଚ ଡ୍ର ରହିଛି। ଶେଷଥର ପାଇଁ ଭାରତ ଓ ଜର୍ମାନୀ ମଧ୍ୟରେ ୨୦୦୧ ମସିହାରେ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ସେଥିରେ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ୨ୟ ମିନିଟରେ କନୱଲପ୍ରୀତ ସିଂ, ୨୩ ମିନିଟରେ ଇନ୍ଦରଜିତ ସିଂ ଏବଂ ୩୪ ମିନିଟରେ ଅର୍ଜୁନ ହଲାପ୍ପା ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତକୁ ୩-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଜର୍ମାନୀ ପ୍ରଭାବୀ ପ୍ରଦର୍ଶନ କରି ୨ଟି ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲା। ଏହି ଦଳର ଫ୍ଲୋରିଆନ କେଲର ୫୨ ଓ ମାଥିଆସ ୱିଥାଉସ ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଫାଇନାଲରେ ଭାରତ ୬-୧ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ଚାମ୍ପିୟନ ହୋଇଥିଲା। ଏହାପରେ ୨୦୦୫, ୨୦୦୯, ୨୦୧୩ ଓ ୨୦୧୬ ବିଶ୍ୱକପ୍‌ରେ ଆଉ ଭାରତ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହୋଇନାହିଁ। ତେଣୁ ଦୀର୍ଘ ୨୦ ବର୍ଷ ବ୍ୟବଧାନରେ ଭାରତ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବାକୁ ଯାଉଛି।

ଭାରତୀୟ ଦଳର ଅଭ୍ୟାସ।

ଆଜି ସେମିଫାଇନାଲ

ସଫଳ ଦଳ ଜର୍ମାନୀ

ଟୁର୍ନାମେଣ୍ଟ ଇତିହାସ ଦେଖିଲେ ଜର୍ମାନୀ ସବୁଠାରୁ ସଫଳ ଦଳଭାବେ ଉଭା ହୋଇଛି। ପ୍ରତିଯୋଗିତାର ଗତ ୧୧ ସଂସ୍କରଣ ମଧ୍ୟରୁ ଜର୍ମାନୀ ୬ ଥର ଚାମ୍ପିୟନ ହୋଇଛି। ଏହି ଦଳ ୧୯୮୨, ୧୯୮୫, ୧୯୮୯, ୧୯୯୩, ୨୦୦୯ ଓ ୨୦୧୩ରେ ଟାଇଟଲ ହାସଲ କରିଛି। କେବଳ ସେତିକି ନୁହେଁ ଏହି ଦଳ ୧୯୭୯ରେ ରନର୍ସଅପ୍ ହେବା ସହିତ ୧୯୯୭, ୨୦୦୧ ଓ ୨୦୧୬ରେ ବ୍ରୋଞ୍ଜ ପଦକ ହାସଲ କରିଛି। ଅର୍ଥାତ୍ ୧୧ ସଂସ୍କରଣରୁ ଜର୍ମାନୀ ୧୦ଥର ପୋଡିୟମ ମଣ୍ଡନ କରିଛି। କେବଳ ୨୦୦୫ରେ ଏହି ଦଳ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ସେହି ତୁଳନାରେ ଦେଖିବାକୁ ଗଲେ ଭାରତ ବହୁ ପଛରେ ରହିଛି। ଭାରତ ୨୦୦୧ ଓ ୨୦୧୬ରେ ଚାମ୍ପିୟନ ହୋଇଥିବାବେଳେ ୧୯୯୭ରେ ରନର୍ସଅପ୍ ହୋଇଛି। ୨୦୦୫ରେ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ ହେଁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଭାରତ ୧୯୭୯, ୧୯୮୨, ୧୯୮୫ରେ ୫ମ, ୨୦୦୫ରେ ଚତୁର୍ଥ, ୨୦୦୯ରେ ୯ମ ଏବଂ ୨୦୧୦ରେ ୧୦ମ ସ୍ଥାନରେ ରହିଥିଲା।

୨୦୨୧ ପ୍ରଦର୍ଶନ

ଟୁର୍ନାମେଣ୍ଟର ଚଳିତ ସଂସ୍କରଣରେ ଜର୍ମାନୀ ପୁଲ୍ 'ଡି'ରେ ପାକିସ୍ତାନକୁ ୫-୨, ଆର୍ଜେଣ୍ଟିନାକୁ ୩-୨ ଓ ଇଜିପ୍ଟକୁ ୧୧-୦ ଗୋଲରେ ହରାଇ ଅପରାଜେୟ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସ୍ପେନ ବିପକ୍ଷ ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଜର୍ମାନୀ ଶୁଟ୍‌ଆଉଟ ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ପୁଲ୍ 'ବି'ରେ ଖେଳିଥିବା ଭାରତ ପ୍ରଥମ ମ୍ୟାଚରେ ଫ୍ରାନ୍ସ ନିକଟରୁ ପରାଜୟ ସ୍ୱାଦ ଚାଖିଥିଲା। ମାତ୍ର ପରବର୍ତ୍ତୀ ୨ଟି ମ୍ୟାଚରେ ୱାଇଲ୍ଡକାର୍ଡଧାରୀ କାନାଡାକୁ ୧୩-୧ ଓ ପୋଲାଣ୍ଡକୁ ୮-୨ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଘରୋଇ ଦଳ ୧-୦ ଗୋଲରେ ବେଲଜିୟମକୁ ପରାସ୍ତ କରି ସେମିଫାଇନାଲ ଖେଳିବାକୁ ଯାଉଛି। ଭାରତ ପକ୍ଷରୁ ସଞ୍ଜୟ ୮ଟି ଗୋଲ ଦେଇ ତାଲିକାର ତୃତୀୟ ସର୍ବାଧିକ ଗୋଲ ସ୍କୋରର ସ୍ଥାନରେ ରହିଛନ୍ତି। ନେଦରଲାଣ୍ଡର ମାଇଲ୍ସ ବୁକେନ୍ସ ୧୧ ଓ ଫ୍ରାନ୍ସର ଟିମୋଥି କ୍ଲିମେଣ୍ଟ ୧୧ ଗୋଲ ଦେଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।



କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ଚିଲି-ଇଜିପ୍ଟ କ୍ରସ୍‌ଓଭର ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଆମେରିକାକୁ ହରାଇଲା କାନାଡା

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ କ୍ରସ୍‌ଓଭର ମ୍ୟାଚରେ କାନାଡା ୪-୦ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ କାନାଡାର ଏହାଥିଲା

କ୍ରସ୍ ଓଭର ମ୍ୟାଚ

ପ୍ରଥମ ବିଜୟ। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ୨୦ତମ ମିନିଟରେ ଅଧିନାୟକ ଖ୍ରିଷ୍ଟୋଫର ଟର୍ଡଫ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରି କାନାଡାକୁ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ଆଲେକଜାଣ୍ଡର ବାର୍ଡ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ କାନାଡା ୨-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଟିଏ ଗୋଲ ହୋଇଥିଲା। ୩୮ତମ ମିନିଟରେ କାନାଡାର ଫ୍ଲିନ ମ୍ୟାକକୁଲୋକ ଗୋଟିଏ ଗୋଲ ଦେଇଥିଲେ। ଏହି ଗୋଲଟି ପେନାଲ୍ଟି କର୍ନରରୁ ଆସିଥିଲା। ଅନ୍ତିମ କ୍ୱାର୍ଟରରେ ମଧ୍ୟ କାନାଡା ଗୋଟିଏ ଗୋଲ ସ୍କୋର କରିଥିଲା। ୫୨ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ କନଭର୍ସନ ସମୟରେ ଆମେରିକା ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ କାନାଡାକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆଯାଇଥିଲା। ବାର୍ଡ ଏହାକୁ ଗୋଲରେ ପରିଣତ କରିଥିଲେ। ଫଳରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରିଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୫ ଓ ୧୬ ସ୍ଥାନ ପାଇଁ ହେବାକୁଥିବା ମ୍ୟାଚରେ ଆମେରିକା ସହିତ ଇଜିପ୍ଟର ମୁକାବିଲା ହେବ। ୧୩ ଓ ୧୪ତମ ସ୍ଥାନ ପାଇଁ ଚିଲିକୁ ଭେଟିବ କାନାଡ଼ା।

ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଆଲେକଜାଣ୍ଡର ବାର୍ଡ।

ଫ୍ରାନ୍ସ-ଆର୍ଜେଣ୍ଟିନା ତୃତୀୟ ମୁକାବିଲା

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି): ଜୁନିୟର ହକିବିଶ୍ୱକପ୍‌ରେ ଶୁକ୍ରବାର ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ଆର୍ଜେଣ୍ଟିନା ଥରେ ଚାମ୍ପିୟନ ହୋଇଥିବାବେଳେ ଫ୍ରାନ୍ସ କେବେହେଲେ ଟାଇଟଲ ସ୍ୱାଦ ଚାଖିନାହିଁ। ଜୁନିୟର ହକିବିଶ୍ୱକପ୍‌ରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ମୋଟ ୨ ଥର ଭେଟ ହୋଇଛି। ଏହା ମଧ୍ୟରୁ ଫ୍ରାନ୍ସ ଗୋଟିଏ ଓ ଆର୍ଜେଣ୍ଟିନା ଗୋଟିଏ ମ୍ୟାଚରେ ବିଜୟୀ ହୋଇଛି। ତେଣୁ ଆଗାମୀ ମୁକାବିଲା ରୋଚକ ହେବା ଆଶା କରାଯାଉଛି। ଚଳିତ ଟୁର୍ନାମେଣ୍ଟରେ ଫ୍ରାନ୍ସ ଉତ୍ସାହୀ ପ୍ରଦର୍ଶନ କରି ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ପୁଲ୍ ପର୍ଯ୍ୟାୟରେ ଦଳ ଏହାର ପ୍ରଥମ ମ୍ୟାଚରେ ଭାରତକୁ ହରାଇବା ପରେ ମନୋବଳ ଖୁବ୍ ଉଚ୍ଚାରେ ରହିଛି। ପରବର୍ତ୍ତୀ ୨ଟି ମ୍ୟାଚରେ ପୋଲାଣ୍ଡ ଓ କାନାଡାକୁ ହରାଇଥିବା ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ ମାଲେସିଆକୁ ୪-୦ ଗୋଲରେ ପରାସ୍ତ କରିଛି। ଅନ୍ୟପକ୍ଷରେ ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚରେ ୧୪-୦ ଗୋଲରେ ଇଜିପ୍ଟକୁ ହରାଇବା ପରେ ଜର୍ମାନୀଠାରୁ ୨-୩ ଗୋଲରେ ପରାସ୍ତ ହୋଇଥିଲା। ତେବେ ଅନ୍ତିମ ଲିଗ୍‌ରେ ପାକିସ୍ତାନକୁ ୪-୩ ଗୋଲରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲା ଏବଂ ନେଦରଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଥିଲା।

ଚିଲିର ପ୍ରଥମ ବିଜୟ

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ ଏକ କ୍ରସ୍‌ଓଭର ମ୍ୟାଚରେ ଚିଲି ୧-୦ ଗୋଲରେ ଇଜିପ୍ଟକୁ ହରାଇ ଦେଇଛି। ଚଳିତ ଟୁର୍ନାମେଣ୍ଟରେ ଚିଲିର ଏହାଥିଲା ପ୍ରଥମ ବିଜୟ। ୪୬ତମ ମିନିଟରେ ଚିଲିର ରାଇମୁଣ୍ଡୋ ଭାଲେନଜୁଇଲା ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଭାଲେନଜୁଇଲାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଚିଲି ପୁଲ୍ ପର୍ଯ୍ୟାୟରେ ମାଲେସିଆଠାରୁ ୧-୨, ଦକ୍ଷିଣ ଆଫ୍ରିକାଠାରୁ ୧-୫ ଓ ବେଲଜିୟମଠାରୁ ୦-୩ ଗୋଲରେ ହାରିଥିଲା।

ଶୁଟ୍ ଆଉଟରେ ହାରିଲା ପାକିସ୍ତାନ

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ କ୍ଲାସିଫିକେଶନ କ୍ରସ୍ ଓଭର ମ୍ୟାଚରେ ପାକିସ୍ତାନ ଶୁଟ୍‌ଆଉଟ ୧-୪ ଗୋଲରେ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଛି। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୦ରେ ଅଗ୍ରଣୀ ଥିଲେ ହେଁ ପାକିସ୍ତାନ ଏହାର ଫାଇଦା ଉଠାଇ ପାରି ନ ଥିଲା। ଦ୍ୱିତୀୟାର୍ଦ୍ଧରେ ସଫଳ ପ୍ରତ୍ୟାବର୍ତ୍ତନ କରି ଦକ୍ଷିଣ ଆଫ୍ରିକା ମ୍ୟାଚକୁ ନିର୍ଦ୍ଧାରିତ ସମୟରେ ୩-୩ ଗୋଲରେ ଡ୍ର ରଖିଥିଲା। ପାକିସ୍ତାନ ପକ୍ଷରୁ ୫ମ ମିନିଟରେ ଆବୁଜାର, ୨୫ମିନିଟରେ ଅବଦୁଲ ଶହୀଦ ଓ ୩୭ ମିନିଟରେ ଅବଦୁଲ ରହମନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୩ଟି ଯାକ ଫିଲ୍ଡ ଗୋଲ ଥିଲା। ଦକ୍ଷିଣ ଆଫ୍ରିକାର ସେଞ୍ଜୱିସ୍‌ଲେ ଏନ୍‌ଗୁବାନେ ୩୨, ଅଧିନାୟକ ଗୟ ମୋର୍ଗାନ ୩୭ ଓ ଇଦ୍ରିସ ଅବଦୁଲା ୩୮ ମିନିଟରେ ଗୋଲ ସ୍କୋର କରିଥିଲେ। ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ଗୋଲ ସ୍କୋର କରିପାରି ନ ଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାର କାମେରନ ଲି ଫର୍ଷ୍ଟର, ଟ୍ରେଭର ଡି'ଲୋରା, ମର୍ଭିନ ସିମନ୍ସ ଓ ସେଞ୍ଜୱିସ୍‌ଲେ ଏନ୍‌ଗୁବାନେ ଗୋଲ ଦେଇଥିଲେ। ପାକିସ୍ତାନ ପକ୍ଷରୁ କେବଳ ଆଦିଲ ଲତିଫ ଗୋଲ ଦେଇଥିବାବେଳେ ମୋଇନ ଶକିଲ ଓ ଅବଦୁଲ ରାଣା ବିଫଳ ହୋଇଥିଲେ। ଲତିଫ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲଟି ଦେଇଥିଲେ। ଦକ୍ଷିଣ ଆଫ୍ରିକା ଗୋଲକିପର ଟେନ ବାର୍ଡ ପାକିସ୍ତାନ ଖେଳାଳିଙ୍କୁ ଚକ୍‌ମା ଦେବାରେ ସଫଳ ହୋଇଥିଲେ। ନିର୍ଦ୍ଧାରିତ ସମୟରେ ଓ ଶୁଟ୍‌ଆଉଟ ପର୍ଯ୍ୟାୟରେ ଗୋଲ ଦେଇଥିବା ସେଞ୍ଜୱିସ୍‌ଲେ ଏନ୍‌ଗୁବାନେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପରାଜୟ ଯୋଗୁ ପାକିସ୍ତାନ ୧୧ ଓ ୧୨ତମ ସ୍ଥାନ ପାଇଁ ଏବଂ ବିଜୟୀ ଦକ୍ଷିଣ ଆଫ୍ରିକା ୯ମ ଓ ୧୦ମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ ଖେଳିବ।

ଶୁଟ୍ ଆଉଟରେ ପାକିସ୍ତାନକୁ ହରାଇବାପରେ ଉଲ୍ଲସିତ ଦକ୍ଷିଣ ଆଫ୍ରିକା ଦଳର ଖେଳାଳି।

ଦକ୍ଷିଣ କୋରିଆ ବିଜୟୀ

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ କ୍ରସ୍ ଓଭର ମ୍ୟାଚରେ ଦକ୍ଷିଣ କୋରିଆ ୩-୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଫଳରେ କୋରିଆ ୯ ଓ ୧୦ମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ସେହିପରି ପୋଲାଣ୍ଡ ୧୧ ଓ ୧୨ତମ ସ୍ଥାନ ପାଇଁ ହେବାକୁଥିବା ମ୍ୟାଚରେ ପାକିସ୍ତାନ ସହ ମୁକାବିଲା କରିବ। ୪ ତାରିଖରେ ଏହି ମ୍ୟାଚ ଦୁଇଟି ଅନୁଷ୍ଠିତ ହେବ।

କୋରିଆ ମ୍ୟାଚର ୧୨ତମ ମିନିଟରେ ହୋଙ୍ଗ୍ ଜିନ୍‌ୟଙ୍ଗଙ୍କ ଗୋଲ ସହାୟତାରେ ଅଗ୍ରଣୀ ନେଇଥିଲେ ହେଁ ପୋଲାଣ୍ଡ ୨୧ ଓ ୨୬ତମ ମିନିଟରେ ୨ଟି ଗୋଲ ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୨ଟି ଯାକ ଗୋଲ ଓଜଚିକ୍ ରୁଟ୍‌କୋୱସ୍କି ସ୍କୋର କରିଥିଲେ। ୨୧ତମ ମିନିଟରେ ସେ ଫିଲ୍ଡ ଗୋଲ ଦେଇଥିବାବେଳେ ୨୬ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ତେବେ ଏହାର ୧ ମିନିଟ ପରେ ଅର୍ଥାତ୍ ୨୭ତମ ମିନିଟରେ କୋରିଆର କିମ୍ ହ୍ୟୁନ୍‌ଉ (ଫିଲ୍ଡ ଗୋଲ) ଗୋଲଟି ପରିଶୋଧ କରିଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୩୩ତମ ମିନିଟରେ ହ୍ୟୁନ୍‌ଉ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୩ୟ ଗୋଲ ଦେଇ କୋରିଆକୁ ଅଗ୍ରଣୀ କରାଇଥିଲେ। ଅବଶିଷ୍ଟ ୨୭ ମିନିଟ ଜୋରଦାର ସଂଘର୍ଷ ହୋଇଥିଲେ ହେଁ ପୋଲାଣ୍ଡ ଗୋଲଟି ପରିଶୋଧ କରିପାରି ନ ଥିଲା। କୋରିଆର ଡବଲ ଗୋଲ ସ୍କୋରର ହ୍ୟୁନ୍‌ଉ ପ

ପୃଷ୍ଠା-୮+୮ 48

ଧରିତ୍ରୀ
DHARITRI

୪୮

ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୩/୨୦୨୧ (୮+୮=୧୬ ପୃଷ୍ଠା) Sambalpur, Friday, December 3/2021 | ପୃଷ୍ଠା-୧

ଅଞ୍ଜୁ ବବି ଜର୍ଜ ପୁରସ୍କୃତ

ଭାରତର କିମ୍ବଦନ୍ତୀ ଲଙ୍ଗ୍ ଜମ୍ପର ଅଞ୍ଜୁ ବବି ଜର୍ଜ ୱାର୍ଲ୍ଡ ଆଥଲେଟିକ୍ସ ଦ୍ୱାରା ଦିଆଯାଉଥିବା 'ଓମ୍ୟାନ ଅଫ୍ ଇୟର'ପୁରସ୍କାର ଜିତିଛନ୍ତି।

୦୮

୦୩

ପ୍ରିଭେସି ଲଢ଼େଇ ଜିତିଲେ ମେଘାନ

ନିଜ ପ୍ରିଭେସି ବଜାୟ ପାଇଁ ଅଦାଲତରେ ଚାଲିଥିବା ଲଢ଼େଇ ଜିତିଛନ୍ତି ଡଚେସ୍ ଅଫ୍ ସକ୍ସେସ୍ ମେଘାନ ମର୍କେଲ।

୧୦୦ ବେଗରେ ବହିପାରେ ପବନ

ଦାରିଙ୍ଗବାଡ଼ିରେ ୭ ଡିଗ୍ରୀକୁ ଖସିଲା ପାରଦ

ଦାରିଙ୍ଗବାଡି,୨।୧୨(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ଗତ ୩ଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି। ଗୁରୁବାର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସକୁ ହ୍ରାସ ପାଇଛି, ଯାହାକି ଚଳିତ ବର୍ଷର ଏ ପର୍ଯ୍ୟନ୍ତ ସବୁଠାରୁ କମ୍ ତାପମାତ୍ରା ବୋଲି ବିଡିଓ ଗଦାଧର ପାତ୍ର ସୂଚନା ଦେଇଛନ୍ତି। ଗତ ମଙ୍ଗଳ ଓ ବୁଧବାର ତାପମାତ୍ରା ୮ ଡିଗ୍ରୀ ରହିଥିଲା। ଦାରିଙ୍ଗବାଡିର ୨୫ ପଞ୍ଚାୟତ ସମେତ ସମଗ୍ର ଜିଲାରେ ଏବେ ଅସହ୍ୟ ଶୀତ ଯୋଗୁ ଲୋକଙ୍କ ଦୈନନ୍ଦିନ ଚଳନି ପ୍ରଭାବିତ ହେଉଛି। କେବଳ ରାତି ନୁହେଁ ଦିନରେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି। କୋହଲା ପବନ ଯୋଗୁ ଶୀତ ଦ୍ୱିଗୁଣିତ ହୋଇଛି। ଅନ୍ୟପକ୍ଷରେ ପର୍ଯ୍ୟଟକମାନେ ଶୀତର ମଜା ନେବାପାଇଁ ଦାରିଙ୍ଗବାଡି ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଭିଡ଼ ଜମାଉଛନ୍ତି।

୩ ନିର୍ବାହୀ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

୨

ଅବପାତ ରୂପ ନେଲା ଲଘୁଚାପ

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ସମ୍ଭାବ୍ୟ ବାତ୍ୟା 'ଜୱାଦ' ଆସିଲେ ଘଣ୍ଟା ପ୍ରତି ସର୍ବାଧିକ ୧୦୦ କି.ମି. ବେଗରେ ପବନ ହେବ। ଏହାଠାରୁ ଆଉ ଅଧିକ ହେବାର ସମ୍ଭାବନା ନାହିଁ ବୋଲି ଗୁରୁବାର ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଗୁରୁବାର ସକାଳେ ୱେଲ୍-ମାର୍କଡ୍ ଲୋ-ପ୍ରେସରରେ ପରିଣତ ହେବା ସହ ଅପରାହ୍ନ ସାଢ଼େ ୫ଟାରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତର ରୂପ ନେଇଛି। ୨୪ ଘଣ୍ଟାରେ ଏହା ଘୂର୍ଣ୍ଣିଝଡ଼ର ରୂପ ନେବାର ସମ୍ଭାବନା ରହିଛି। ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତିକରି ୪ ତାରିଖ ସକାଳେ ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ନିକଟ ସମୁଦ୍ରରେ କେନ୍ଦ୍ରୀଭୂତ ହେବ। ଏହାପରେ ଏହା ଦିଗ ପରିବର୍ତ୍ତନ କରିବ। ତେବେ ବାତ୍ୟା କେଉଁଆଡ଼େ ମୁହାଁଇବ, କେଉଁଠି ଲ୍ୟାଣ୍ଡ୍‌ଫଲ୍ କରିବ ସେନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନି। ଡିପ୍ରେସନରେ ପରିଣତ ହେବା ପରେ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'ଜୱାଦ'



- **ସ୍ପଷ୍ଟ ହୋଇପାରୁନି ଲ୍ୟାଣ୍ଡ୍‌ଫଲ୍ ସ୍ଥିତି**
- **ଦକ୍ଷିଣ ଓଡ଼ିଶାରୁ ଉତ୍ତରକୁ ମୁହାଁଇବ ବର୍ଷା, ପବନ**
- **ସତର୍କ କଲେ ରାଜ୍ୟ ସରକାର, ସୁରକ୍ଷିତ ସ୍ଥାନାନ୍ତର ନିର୍ଦ୍ଦେଶ**

ପ୍ରଭାବରେ ୩ ତାରିଖ ଶୁକ୍ରବାରଠାରୁ ବର୍ଷା ଆରମ୍ଭ ହେବ। ପ୍ରଥମେ ଦକ୍ଷିଣ ଓଡ଼ିଶା ଓ ତା'ପରେ ଉତ୍ତର ଓଡ଼ିଶା ଆଡ଼କୁ ବର୍ଷା, ପବନ ଗତି କରିବ। ଶୁକ୍ରବାର ମଧ୍ୟରାତ୍ରି ପରେ ପବନ ବେଗ ବଢ଼ିବାକୁ ଲାଗିବ। ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ଆରମ୍ଭ ହୋଇ ୪ ତାରିଖ ଶନିବାର ଅପରାହ୍ନ ବେଳକୁ ୭୦ରୁ ୯୦ କି.ମି. ପର୍ଯ୍ୟନ୍ତ ବଢ଼ିବ ବୋଲି ସୂଚନା ଦିଆଯାଇଛି।

ଏପଟେ ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି, ସ୍ଥିତିର ମୁକାବିଲା ପାଇ ୬୦ଟି ଓଡ୍ରାଫ, ୧୭ଟି ଏନ୍‌ଡିଆର୍‌ଏଫ୍ ଟିମ୍ ଓ ୧୭୨ଟି ଅଗ୍ନିଶମ ଟିମ୍ ମଧ୍ୟ ପ୍ରସ୍ତୁତ ଅଛନ୍ତି। ସେହିପରି ବାତ୍ୟା ନେଇ ମତ୍ସ୍ୟ ବିଭାଗ ଓ କୃଷି ବିଭାଗକୁ ସତର୍କ ମଧ୍ୟ ସତର୍କ କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ମତ୍ସ୍ୟଜୀବୀ ସମୁଦ୍ର ଭିତରେ ନାହାନ୍ତି। ଚିଲିକାରେ କିଛି ମତ୍ସ୍ୟଜୀବୀ ରହିଛନ୍ତି, ସେମାନଙ୍କୁ ଶୁକ୍ରବାର ସୁଦ୍ଧା ଫେରାଇ ଆଣିବାକୁ ଚେଷ୍ଟା ଚାଲିଛି। ସେହିପରି ଅମଳ ଶସ୍ୟକୁ ଯଥାଶୀଘ୍ର ଆଣିବାକୁ ଚାଷୀମାନଙ୍କୁ କୁହାଯାଇଛି। କଚ୍ଚା ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର କୂଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି। ପାନୀୟ ଜଳ ପାଇଁ ଜିଲାପାଳଙ୍କୁ ସତର୍କ କରାଯାଇଛି। ୨ଦିନ ପାଇଁ ପାନୀୟ ଜଳ ଗଚ୍ଛିତ ରଖିବାକୁ ଲୋକଙ୍କୁ ନିବେଦନ କରାଯାଇଥିବା ପ୍ରଦୀପ ଜେନା ସୂଚନା ଦେଇଛନ୍ତି।

ସେହିପରି ବାତ୍ୟାଜନିତ କ୍ଷତିରୁ ମତ୍ସ୍ୟଜୀବୀଙ୍କ ସୁରକ୍ଷା ନିମନ୍ତେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୁରୁବାର ନିର୍ଦ୍ଦେଶନାମା ଜାରି ହୋଇଛି। ସାରା ରାଜ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଚିଲିକାରେ ମାଛଧରାକୁ ବାରଣ କରାଯାଇଛି। ମତ୍ସ୍ୟଜୀବୀଙ୍କ ଜୀବନକୁ ଗୁରୁତ୍ୱ ଦେଇ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଏସବୁ ସ୍ଥାନରେ ମାଛ ଧରିବାକୁ ବାରଣ କରାଯାଇଛି।

ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଆସନ୍ତା ୪ ତାରିଖରେ ସାମୁଦ୍ରିକ ଝଡ଼ ଜୱାଦ ଆନ୍ଧ୍ର ପ୍ରଦେଶ-ଓଡ଼ିଶା ଉପକୂଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଥିବାବେଳେ ଦୁଇ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ବାତ୍ୟା ସ୍ଥିତି ଓ ମୁକାବିଲା ନିମନ୍ତେ ରାଜ୍ୟ, କେନ୍ଦ୍ର ମନ୍ତ୍ରଣାଳୟ ଏବଂ ସମ୍ବନ୍ଧିତ ଏଜେନ୍ସିଗୁଡ଼ିକର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି। ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ସୁରକ୍ଷିତ ଭାବେ ☞ପୃଷ୍ଠା-୬

୨୪ ଘଣ୍ଟାରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରସ୍ତାବ ଆଣ

ନୂଆଦିଲ୍ଲୀ, ୨।୧୨(ପି.ଟି.)

ଦିଲ୍ଲୀ ତଥା ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ମାନ ଖରାପ ହେବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ଗୁରୁବାର ଅସନ୍ତୋଷ ବ୍ୟକ୍ତ କରିବା ସହ ୨୪ ଘଣ୍ଟା ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ପ୍ରସ୍ତାବ ଆଣିବାକୁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ୟା ସମାଧାନ ପାଇଁ ସରକାର ଅଦାଲତ କାନ୍ଧରେ ବନ୍ଧୁକ ରଖି ଫୁଟାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ପ୍ରଶାସନର ଉଦ୍ଦେଶ୍ୟ ଜଣାପଡୁନାହିଁ। ସରକାର ଯଦି ପ୍ରଦୂଷଣ ନିୟନ୍ତ୍ରଣରେ ବିଫଳ ହୁଅନ୍ତି, ତେବେ ଆମକୁ କିଛି କରିବାକୁ ପଡ଼ିବ

କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

- **ଦିଲ୍ଲୀରେ ପୁଣି ବନ୍ଦ ହେଲା ସ୍କୁଲ**

ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ପ୍ରଦୂଷଣ ସ୍ତରକୁ ହ୍ରାସ କରିବାକୁ ହେଲେ ଗମ୍ଭୀରତାର ସହ ପଦକ୍ଷେପ ଗ୍ରହଣ କରାଯିବା ଆଶା କରାଯାଉଛି ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସୂର୍ଯ୍ୟ କାନ୍ତଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରଦୂଷଣ ବଢ଼ିଚାଲିଥିବାରୁ ସରକାର କିଛି କରୁ ନ ଥିବା ଭଳି ଜଣାପଡୁଛି। ଆମେ କେବଳ ସମୟ ନଷ୍ଟ କରୁଛୁ। ଏବେ ୨୪ ଘଣ୍ଟା ସମୟ ଦିଆଯାଉଛି। ସ୍ଥିତିର ଗମ୍ଭୀରତାକୁ ଚାହିଁ ଏହାର ସମାଧାନର ସୂତ୍ର ବାହାର କରିବାକୁ ଖଣ୍ଡପୀଠ ଉଭୟ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ କହିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେତା ଗୋଟିଏ ଦିନ ସମୟ ମାଗିବାରୁ ଖଣ୍ଡପୀଠ କହିଥିଲେ, ୨୪ ଘଣ୍ଟା ସମୟ ଦିଆଯାଉଛି। ଏହି ସମୟ ମଧ୍ୟରେ ଗୁରୁତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆମେ ପଦକ୍ଷେପ ନେବୁ।

ପ୍ରଦୂଷଣ ବଢୁଥିବାବେଳେ ଦିଲ୍ଲୀ ସରକାର ସ୍କୁଲ ଖୋଲିଥିବାରୁ ଖଣ୍ଡପୀଠ ଭର୍ତ୍ସନା କରିଥିଲେ। ☞ପୃଷ୍ଠା-୬

ସମ୍ଭାବ୍ୟ ବାତ୍ୟା 'ଜୱାଦ' ଯୋଗୁ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯିବା ପରେ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ କୂଳକୁ ଫେରିଥିବା ମତ୍ସ୍ୟଜୀବୀଙ୍କ ଜାଲରେ ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ପଡ଼ିଛି।

କଲେଜରେ ପଶିଲା ଚିତାବାଘ: ଛାତ୍ର ଆହତ

ଆଲିଗଡ଼, ୨।୧୨

ଉତ୍ତରପ୍ରଦେଶର ଆଲିଗଡ଼ସ୍ଥିତ ଚୌଧୁରୀ ନିହାଲ ସିଂ ଇଣ୍ଟର କଲେଜ ଶ୍ରେଣୀଗୃହରେ ବୁଧବାର ଏକ ଚିତାବାଘ ପଶିଆସିବାରୁ ଆତଙ୍କ ଖେଳିଯାଇଥିଲା। ଚିତାବାଘ ଆକ୍ରମଣରେ ଜଣେ ଛାତ୍ର ଆହତ ହୋଇଛନ୍ତି। ସିସିଟିଭିରେ ଉତ୍ତୋଳନ ହୋଇଥିବା ଫୁଟେଜ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆଇପିଏସ୍ ଅଫିସର କଳାନିଧି ନୈଥାନି ଟୁଇଟରରେ ଶେୟାର କରିଥିବା ଉକ୍ତ ଭିଡିଓରେ ଚିତାବାଘଟି ଶ୍ରେଣୀଗୃହରେ ବୁଲୁଥିବା ଦେଖାଯାଇଛି। ଆକ୍ରମଣରେ ଆହତ ଛାତ୍ରଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଥିବା ସ୍କୁଲ ପରିଦର୍ଶକ ଧର୍ମେନ୍ଦ୍ର ଶର୍ମା କହିଛନ୍ତି। ଖବର ପାଇ ପୋଲିସ ଓ ବନ କର୍ମଚାରୀ କଲେଜରେ ପହଞ୍ଚିଥିଲେ। ସ୍ଥାନୀୟ ଖବର ଅନୁଯାୟୀ ଚିତାବାଘଟି ବୁଧବାର ସକାଳ ପ୍ରାୟ ସାଢ଼େ ୮ଟା ବେଳେ କଲେଜ କ୍ୟାମ୍ପସ୍‌ରେ ପ୍ରବେଶ କରିଥିଲା। ୧୦ଟା ବେଳକୁ ଏହା ଛାତ୍ର ଜଣଙ୍କୁ ଆକ୍ରମଣ କରିଥିଲା। ଖବର ପାଇଁ ସ୍ଥାନୀୟ ଅଞ୍ଚଳରୁ ବହୁସଂଖ୍ୟାରେ ଲୋକ ବାଘ ଦେଖିବାକୁ ଧାଇଁ ଆସିଥିଲେ। କିଛି ଘଣ୍ଟାର ଉଦ୍ୟମ ପରେ ଚିତାବାଘକୁ କାବୁ କରାଯାଇ କଲେଜ ବାହାରକୁ ନିଆଯାଇଥିଲା।

ଆଲିଗଡ଼ସ୍ଥିତ ଚୌଧୁରୀ ନିହାଲ ସିଂ ଇଣ୍ଟର କଲେଜ ଶ୍ରେଣୀଗୃହରେ ବୁଧବାର ଏକ ଚିତାବାଘ ପଶିଆସିଛି।

ଇଚ୍ଛା ମୃତ୍ୟୁ ଲାଗି ରାଷ୍ଟ୍ରପତିଙ୍କୁ ଚିଠି

ବିଞ୍ଝାରପୁର,୨।୧୨(ଡି.ଏନ.ଏ.)

ଦାରିଦ୍ର୍ୟର ତାଡ଼ନା ସାଙ୍ଗକୁ ଅସହ୍ୟ ଋଣଭାର ସହି ନ ପାରି ଜଣେ ଯୁବକ ରାଷ୍ଟ୍ରପତିଙ୍କୁ ଇଚ୍ଛାମୃତ୍ୟୁ ଲାଗି ଚିଠି ଲେଖିଛନ୍ତି। ଯାହାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଆଉଁରୀ ପଞ୍ଚାୟତର ବିଭୂତିଭୂଷଣ ଦାସଙ୍କ ପୁଅ ରାକେଶ ଦାସ(୩୬)। ରାକେଶ ଗରିବ ପରିବାରରେ ଜନ୍ମ ହୋଇଥିବା ବେଳେ ବହୁ କଷ୍ଟରେ ବି.କମ୍ ପାସ୍ କରିଛନ୍ତି। ଭାବିଥିଲେ ଉଚ୍ଚ ଶିକ୍ଷା ଲାଭକରି ପରିବାର ପାଇଁ କିଛି କରିବେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଯୋଗୁ ଗ୍ରାମ ନିକଟରେ କ୍ରିକେଟ ଖେଳୁଥିବା ବେଳେ ଆଖିରେ ଉଇକେଟ ବାଜିଥିଲା। ଚିକିତ୍ସା ଅଭାବ ଯୋଗୁ ତାଙ୍କର ଗୋଟିଏ ଆଖି ନଷ୍ଟ ହୋଇଯାଇଛି।

ପରିବାରର ଦୁଃଖ ଦେଖି ରାକେଶ ପାଠପଢ଼ା ଛାଡିବାକୁ ବାଧ୍ୟ ହୋଇଥିଲେ। ଗାଁରେ କୁକୁଡା ଚାଷକରି ଦିପଇସା ରୋଜଗାର କରିବାକୁ ଯାଇ

ରାକେଶ ଦାସ

୨୦୧୬ରେ ବିଭିନ୍ନ ସଂସ୍ଥାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କରଜ ଆଣି କୁକୁଡ଼ା ଫାର୍ମ କରିଥିଲେ। ଏହାପରେ ଗ୍ରାମର ଜଣେ ରାଜନୈତିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଉକ୍ତ ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ଫାର୍ମ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ବିଞ୍ଝାରପୁର ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ତହସିଦାରଙ୍କ

ଋଣଭାର ଅସହ୍ୟ

ନିର୍ଦ୍ଦେଶ ନ ମାନି ରାକେଶ ଫାର୍ମ କାମ କରିଚାଲିଥିଲେ। ଏହାପରେ ପୂର୍ବତନ ଉପଜିଲାପାଳ କୁକୁଡା ଫାର୍ମର ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ସେତେବେଳକୁ ରାକେଶ ବହୁ ଟଙ୍କା କରଜକରି ଖର୍ଚ୍ଚ କରିସାରିଥିଲେ। କୁକୁଡା ଫାର୍ମ ନିର୍ମାଣତ ହେଲାନି କିନ୍ତୁ, କରଜ କରିଥିବା ଟଙ୍କାର ସୁଧ ବଢିଚାଲିଛି। ଏବେ ରାକେଶଙ୍କ ମୁଣ୍ଡରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କରଜ ରହିଛି। କରଜ ଦେଇଥିବା ବ୍ୟକ୍ତି ତାଙ୍କୁ ବ୍ୟସ୍ତ କରୁଛନ୍ତି। କରଜ ଶୁଝିବେ କେମିତି ସେ ନେଇ ଚିନ୍ତାରେ ରାକେଶ। ଅନ୍ୟପଟେ ମାଗିଘର ଭାଙ୍ଗି ଗଲାଣି, ମୁଣ୍ଡ ଗୁଞ୍ଜିବେ କେଉଁଠି। କରଜ ସମସ୍ୟା ସାଙ୍ଗକୁ ବୃଦ୍ଧ ବାପାଙ୍କ ଉପରେ ବୋଝ ହୋଇ ରହିବାକୁ ସେ ଆଉ ଚାହୁନାହାନ୍ତି। ତେଣୁ ରାକେଶ ଜୀବନ ହାରିଦେବାକୁ ମନସ୍ଥ କରିଥିବା ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

୩ ନିର୍ବାହୀ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

ଭୁବନେଶ୍ୱର,୨।୧୨(ବ୍ୟୁରୋ)

- **ଜଣେ ଆର୍‌ଆଇ ବହିଷ୍କୃତ**
- **୨ ପୂର୍ବତନ ଅଧିକାରୀଙ୍କ ପେନ୍‌ସନ ବନ୍ଦ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇ ଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି।

ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଆଉ ୩ ଜଣ ଅଧିକାରୀଙ୍କୁ ଗୁରୁବାର ବାଧ୍ୟତାମୂଳକ ଅବସର ଦିଆଯାଇଛି । ଜଣେ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଏହା ସହିତ ଦୁଇ ଜଣ ଅଧିକାରୀଙ୍କ ପେନ୍‌ସନ ମଧ୍ୟ ସ୍ଥାୟୀ ଭାବରେ ବନ୍ଦ କରାଯାଇଛି।

ବାଧ୍ୟତାମୂଳକ ଅବସର ପାଇଥିବା ୩ ଜଣଙ୍କ ମଧ୍ୟରୁ ସମ୍ବଲପୁର ମହାନଗର ନିଗମର କମ୍ୟୁନିଟି ଅର୍ଗାନାଇଜର ତଥା ଜଟଣୀ ମ୍ୟୁନିସିପାଲିଟି ଓ ଛତ୍ରପୁର ଏନ୍‌ଏସିର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତା କପୁରଙ୍କ ନାମରେ ଦୁଇଟି ଦୁର୍ନୀତି ଅଭିଯୋଗ ରହିଛି। ସରକାରୀ ଅର୍ଥ ଆତ୍ମସାତ କରିବା ସହିତ ଆହୁରି ଅନେକ ଦୁର୍ନୀତି ଅଭିଯୋଗ ତାଙ୍କ ନାମରେ ରହିଛି । ବେଲପାହାଡ଼ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କୁ ମଧ୍ୟ ଅପାରଗତା ଓ ଅସାଧୁତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି ଝାରସୁଗୁଡ଼ା ମ୍ୟୁନିସିପାଲିଟିର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନଙ୍କୁ ଅପାରଗତା, ଅସାଧୁତା ଓ ଆର୍ଥିକ ଅନିୟମିତତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ପୁରୀ ଜିଲା ବେତାଳ ଆରଆଇ ସର୍କଲର ରାଜସ୍ୱ ନିରୀକ୍ଷକ ମନୋଜ କୁମାର ପରିଡ଼ାଙ୍କୁ ଦୁର୍ବ୍ୟବହାର, ବିଶୃଙ୍ଖଳା ଆଚରଣ ଓ କର୍ତ୍ତବ୍ୟରେ ଅବହେଳା ଏବଂ ଉଚ୍ଚପଦାଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ଯୋଗୁ ଚାକିରିରୁ ବହିଷ୍କୃତ କରାଯାଇଛି। ଉପରୋକ୍ତ ୪ ଜଣଙ୍କ ସମ୍ପର୍କରେ ମଧ୍ୟ ମୋ ସରକାର ଫିଡ୍‌ବ୍ୟାକ୍‌ରେ ଜନସାଧାରଣ ପ୍ରତିକୂଳ ମତାମତ ଦେଇଥିଲେ। ଏଥିସହିତ ଓଡ଼ିଶା ପୋଲିସ ସେବା ଅଧିକାରୀ ବଲାଙ୍ଗୀରର ପୂର୍ବତନ ଅତିରିକ୍ତ ଏସ୍‌ପି ତଥା ହୋମ୍‌ଗାର୍ଡର ପୂର୍ବତନ ଡିଏସ୍‌ପି ଶ୍ରୀକାନ୍ତ ମିଶ୍ର ଏବଂ ଗଞ୍ଜାମ ବେଲଗୁଣ୍ଡା ବ୍ଲକ ପୂର୍ବତନ ଏଏଫ୍‌ଓ ଏପିଲି ଉଦୟନାଥଙ୍କର ପେନ୍‌ସନକୁ ସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ସେମାନଙ୍କ ନାମରେ ଥିବା ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ଯୋଗୁ ଏହି ପଦକ୍ଷେପ ନିଆଯାଇଛି।

ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ

କୁଳିଅଣା,୨।୧୨(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅନ୍ତର୍ଗତ ଭାଲୁକି ପଞ୍ଚାୟତର ଅସନବଣୀ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୫୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ଅସନବଣୀ ଗ୍ରାମର ମୋଚିରାମ ସୋରେନ ୨୦୦୩ରେ କଳାପଥରା ପଞ୍ଚାୟତ ଅନ୍ତର୍ଗତ ଛାଡ଼କଟା ଗ୍ରାମର ରାଣୀ ସୋରେନଙ୍କୁ ବିବାହ କରିଥିଲେ। ତାଙ୍କର ୧୫ ଓ ୧୩ ବର୍ଷର ଦୁଇ ସନ୍ତାନ ଥିବା ବେଳେ ରାଣୀ ଏବେ ୮ ମାସର ଗର୍ଭବତୀ ଅଛନ୍ତି। ବିବାହ ସମୟରେ ରାଣୀ ତାଙ୍କ ବାପଘରୁ ଯାହା ସୁନାଗହଣା ଆଣିଥିଲେ ସ୍ୱାମୀ ମୋଚିରାମ ତାକୁ ବିକି ଦେଇଛନ୍ତି। ଏହାକୁ ନେଇ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା। ଉଭୟ ପରିବାର ଲୋକଙ୍କ ଉପସ୍ଥିତିରେ ପୂର୍ବରୁ ୨ ଥର ଆଲୋଚନା ମାଧ୍ୟମରେ ଝଗଡ଼ାର ସମାଧାନ ହୋଇଥିଲା। ଗତ ୨୭ତାରିଖ ସନ୍ଧ୍ୟାରେ କୌଣସି କାରଣ ନ ଥାଇ ମୋଚିରାମ ଗର୍ଭ ନଷ୍ଟ କରିବାକୁ କହିଥିଲେ। ରାଣୀ ଏଥିରେ ରାଜି ନ ହେବାରୁ ମୋଚିରାମ ତାଙ୍କ ପେଟକୁ ଗୋଇଠା ମାରିବା ସହ କୁରାଢ଼ି ଆଣି ହାଣିବାକୁ ଉଦ୍ୟମ କରିଥିଲେ। କୌଣସି ପ୍ରକାର ରାଣୀ ସେଠାରୁ ଖସି ବାପ ଘରକୁ ପଳାଇ ଆସିଥିଲେ। ପରେ ଏନେଇ ସେ କୁଳିଅଣା ଥାନାରେ ଅଭିଯୋଗ କରିଛନ୍ତି।



ଧରିତ୍ରୀର ୪୮ତମ ଜୟନ୍ତୀ ଅବସରରେ ରାଜଧାନୀ ସର୍ଭିସ ଷ୍ଟେସନ ୟୁନିଟ-୧, ଭୁବନେଶ୍ୱର ପକ୍ଷରୁ ଅଶେଷ ଅଶେଷ ଶୁଭକାମନା । ଧରିତ୍ରୀ ପୂର୍ବପରି ଲୋକଙ୍କ ସମସ୍ୟାକୁ ଆଗାମୀ ଦିନରେ ଶାଣିତ କରୁ ଏବଂ ପାଠକ ଓ ପାଠିକାଙ୍କ ନିକଟତର ହେଉ ବୋଲି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ସଞ୍ଜୟ ଲାଠ୍
ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ସମ୍ପାଦକ, ଭୁବନେଶ୍ୱର

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଅବସରରେ ବ୍ରହ୍ମଗିରି ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।

ଡ. ପ୍ରୀତିତୋଷ ମହାପାତ୍ର
ପ୍ରାଣୀ ଚିକିତ୍ସା ଅଧିକାରୀ, ବ୍ରହ୍ମଗିରି

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଅବସରରେ ବ୍ରହ୍ମଗିରିର ସମସ୍ତ କୃଷକ ଭାଇଭଉଣୀଙ୍କୁ ବ୍ରହ୍ମଗିରି କୃଷି ବିଭାଗ ତରଫରୁ ଶୁଭେଚ୍ଛା ଓ ଶୁଭକାମନା।

ସଚ୍ଚିଦାନନ୍ଦ ଦାଶ
କୃଷି ଅଧିକାରୀ ବ୍ରହ୍ମଗିରି ବ୍ଲକ

'ଧରିତ୍ରୀ'ର ୪୮ତମ ସ୍ୱନକ୍ଷତ୍ର ଅବସରରେ ଏହାର ଅଗଣିତ ପାଠକ ପାଠିକା, ଗ୍ରାହକ ବନ୍ଧୁମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ନରେଶ କୁମାର ସାହୁ
ପ୍ରୋପ୍ରାଇଟର, ଲାଇଟ୍ ଆଣ୍ଡ ପାୱାର, ଚୌଦ୍ୱାର

'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସରେ ନିଆଳି ନିର୍ବାଚନମଣ୍ଡଳୀର ସମସ୍ତ ଭାଇ, ଭଉଣୀମାନଙ୍କୁ ଶୁଭେଚ୍ଛା।

ଶୁଭେଚ୍ଛା ସହ-
ରଶ୍ମିରଞ୍ଜନ ପାତ୍ର
ବିଜେଡି ସଭାପତି, ନିଆଳି ନିର୍ବାଚନମଣ୍ଡଳୀ

'ଧରିତ୍ରୀ'ର ୪୮ତମ ଜନ୍ମଦିନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ସୁରେଶ କୁମାର ସାହୁ
ବ୍ୟବସାୟୀ ଓ ସାମାଜିକ କର୍ମୀ,
ଧର୍ମଶାଳା, ଯାଜପୁର

'ଧରିତ୍ରୀ'ର ୪୮ତମ ଜନ୍ମଦିନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ମା' ତାରିଣୀ ମେଡିସିନ ଷ୍ଟୋର
ଜେନାପୁର, ଯାଜପୁର

With best compliments from :
M/s Udaynath Bharatgas
Adaspur, Cuttack
Bharatgas Cook Food, Serve Love
Save Bpcl smart line number
1800224344 & Type Hi

ରାଜ୍ୟର ଏକ ପ୍ରମୁଖ ଓଡ଼ିଆ ଖବରକାଗଜ ଧରିତ୍ରୀର ୪୮ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ସମସ୍ତ ପାଠକ ଓ ପାଠିକା ଏବଂ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା ।

ମିହିର କୁମାର ରାଉତ (ପପୁ)
ବିଜୁ ଜନତା ଦଳ (ବିଜେଡି)ର
ଭୁବନେଶ୍ୱର ସାଙ୍ଗଠନିକ ଉପସଭାପତି

ଦେଶର ଅଗଣିତ ପାଠକ ଓ ପାଠିକାଙ୍କ ସ୍ନେହ ଓ ଭଲ ପାଇବାର ନିଚ୍ଛକ ପ୍ରଦର୍ଶନ ଯୋଗୁ ଧରିତ୍ରୀ ଆଜି ୪୮ ବର୍ଷରେ ପାଦ ଦେଇଛି। ଆଗକୁ ଏହା ଆହୁରି ଲୋକଙ୍କ ପାଇଁ କାମ କରୁ ଏବଂ ପବିତ୍ର ସ୍ୱ-ନକ୍ଷତ୍ର ଅବସରରେ ଧରିତ୍ରୀକୁ ଢେର ସାରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଇଂ. ସୁଜିତ୍ ସ୍ୱାଇଁ
ପୂର୍ବତନ କର୍ପୋରେଟର, ୱାର୍ଡ ନଂ. ୫୦,
ଭୁବନେଶ୍ୱର ମହାନଗର ନିଗମ

ଓଡ଼ିଶାର ଅଗ୍ରଣୀ ଓ ନିରପେକ୍ଷ ଖବରକାଗଜ 'ଧରିତ୍ରୀ'ର ୪୮ତମ ଜନ୍ମବାର୍ଷିକ ଅବସରରେ ଢେଙ୍କାନାଳର ବିଶିଷ୍ଟ ସାମାଜିକ କର୍ମୀ ତଥା ପରିବେଶବିତ୍ ସ୍ୱର୍ଗତ ଗଣେଶ୍ୱର ମିଶ୍ରଙ୍କ ପରିବାର ଓ ବନ୍ଧୁଜନଙ୍କ ପକ୍ଷରୁ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା ।



ୱ ଗଣେଶ୍ୱର ମିଶ୍ର
ଧରିତ୍ରୀର ଶୁଭଚିନ୍ତକ

୭ ବର୍ଷରେ ୭ ଲକ୍ଷରୁ କମ୍ ନିଯୁକ୍ତି

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଆଗ୍ରାର ଏକ ସଭାରେ ଭାଜପାର ତତ୍କାଳୀନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦି ବର୍ଷକୁ ୧ କୋଟି ଲୋକଙ୍କୁ ନିଯୁକ୍ତି ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ୨୦୧୪ ମେ'ରେ କ୍ଷମତାକୁ ଆସିବା ପରଠାରୁ ପ୍ରତିଶ୍ରୁତି ମୁତାବକ ୭ ବର୍ଷରେ ୭ କୋଟି କର୍ମଚାରୀଙ୍କୁ ନିଯୁକ୍ତି ମିଳିବା କଥା। କିନ୍ତୁ କେନ୍ଦ୍ର ପକ୍ଷରୁ ୭ ଲକ୍ଷ ଲୋକଙ୍କୁ ମଧ୍ୟ ସରକାରୀ ଚାକିରି ଦିଆଯାଇ ନାହିଁ।

ନୂଆଦିଲ୍ଲୀ,୨।୧୨

କେନ୍ଦ୍ରର ମୋଦି ସରକାର ବିଗତ ୭ ବର୍ଷ ମଧ୍ୟରେ ୭ ଲକ୍ଷରୁ କମ୍ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଅର୍ଥାତ୍ ବର୍ଷକୁ ଲକ୍ଷେ ଆଶାୟୀଙ୍କୁ ମଧ୍ୟ ଚାକିରି ମିଳିନାହିଁ। ପାର୍ଲାମେଣ୍ଟରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏହି ବିଷୟ ସ୍ୱୀକାର କରିଛନ୍ତି। ତେବେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ତୁଳନାରେ ଏହି ସଂଖ୍ୟା ଅଧିକ ବୋଲି ବାହାବା ନେବାକୁ ମଧ୍ୟ ସେ ପଛାଇନାହାନ୍ତି।

ରାଜ୍ୟ ସଭାରେ ଶୂନ୍ୟକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ଉପା ସରକାର ଅମଳରେ ଶେଷ ୭ ବର୍ଷରେ ୬.୧୯ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୦୭-୦୮ରୁ ୨୦୧୩-୧୪ ମଧ୍ୟରେ ତିନୋଟି ବଡ଼ ଏଜେନ୍ସି ଷ୍ଟାଫ୍ ସିଲେକ୍ସନ କମିଶନ, କେନ୍ଦ୍ରୀୟ ଲୋକ ସେବା ଆୟୋଗ ଏବଂ ରେଲୱେ ରିକ୍ରୁଇଟ୍‌ମେଣ୍ଟ ବୋର୍ଡ ଜରିଆରେ ୬,୧୯,୦୨୭ ଜଣ ନିଯୁକ୍ତି ପାଇଥିଲେ। ଏହା ପରେ ୨୦୧୪ରୁ ବିଭିନ୍ନ ବିଭାଗରେ ୬.୯୮ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ ସହ ନୂଆ ପଦବୀ ସୃଷ୍ଟି ପାଇଁ ମଧ୍ୟ ଉଦ୍ୟମ କରିଛନ୍ତି। ଗତ ୭ ବର୍ଷରେ ୬,୯୮,୦୧୧ ଜଣ ନିଯୁକ୍ତି ପାଇଥିବାବେଳେ ୨୦୨୦ରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୪୦,୦୪,୯୪୧କୁ ବୃଦ୍ଧି କରାଯାଇଛି। ୨୦୧୪ରେ ଏହା ୩୬,୪୫,୫୮୪ ଥିଲା ବୋଲି ଜିତେନ୍ଦ୍ର ସୂଚନା ଦେଇଛନ୍ତି। କର୍ମଚାରୀଙ୍କ ଅବସର, ଇସ୍ତଫା, ମୃତ୍ୟୁ ଓ ପଦୋନ୍ନତି ସମେତ ଅନ୍ୟ କିଛି କାରଣରୁ ଏହି ପଦବୀଗୁଡ଼ିକ ଖାଲି ପଡ଼ିଥାଏ। ଏହା ଏକ ନିରନ୍ତର ପ୍ରକ୍ରିୟା। ଖାଲି ପଦବୀରେ ନିଯୁକ୍ତି ଦିଆଯିବା ବେଳକୁ ପୁଣି କିଛି ନୂଆ ପଦବୀ ଖାଲି ହୋଇଯାଏ ବୋଲି ସେ କହିଛନ୍ତି।

ଶୀତ ଅଧିବେଶନର ଚତୁର୍ଥ ଦିନରେ ଟିଆର୍‌ଏସ୍ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

ସରକାରୀ ଚାକିରି ନାହିଁ, ଯୁବପିଢ଼ି ହତାଶ

ସରକାରୀ ନିଯୁକ୍ତିର ଅଭାବ ଯୁବପିଢ଼ିଙ୍କ ମଧ୍ୟରେ ହତାଶାଭାବ ସୃଷ୍ଟି କରିଛି। ଚାକିରି ମିଳୁ ନ ଥିବାବେଳେ କୌଣସି ସୁଯୋଗ ଆସିଲେ ବର୍ଷ ବର୍ଷ ଧରି ପରୀକ୍ଷାଫଳ ବାହାରୁ ନାହିଁ ଅଥବା ସ୍କାମ୍ ଯୋଗୁ ତାହା ରଦ୍ଦ ହୋଇଯାଉଛି। ଦୁଇବର୍ଷ ହେଲା ୧.୨୫ କୋଟିରୁ ଊର୍ଦ୍ଧ୍ୱ ଯୁବତୀଯୁବକ ରେଲୱେ ଗ୍ରୁପ୍ ଡି ଚାକିରିର ପରୀକ୍ଷାଫଳକୁ ଅନେଇ ବସିଛନ୍ତି। ସେନା ନିଯୁକ୍ତିରେ ମଧ୍ୟ ସମାନ ଅବସ୍ଥା। ଆଶାୟୀମାନେ ଆଉ କେତେଦିନ ଧୈର୍ଯ୍ୟ ଧରି ଅପେକ୍ଷା କରିବେ।

-ବରୁଣ ଗାନ୍ଧୀ, ଭାଜପା ଏମ୍‌ପି, ପିଲିଭିଟ୍

ପରିବାରର ୪ ଜଣଙ୍କୁ ହତ୍ୟା

କୋଲକାତା, ୨।୧୨(ଆଇଏଏନ୍‌ଏସ୍)

ପଶ୍ଚିମବଙ୍ଗର ହୁଗ୍‌ଲି ଜିଲା ଅନ୍ତର୍ଗତ ସିଙ୍ଗୁର ଅଞ୍ଚଳରେ ଗୋଟିଏ ପରିବାରର ୪ ଜଣଙ୍କୁ ଗୁରୁବାର ସକାଳେ ତାଙ୍କର ଜଣେ ସମ୍ପର୍କୀୟ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସମ୍ପତ୍ତି କିମ୍ବା ଟଙ୍କାକୁ ନେଇ ନନ୍ଦବଜାର ଅଞ୍ଚଳର ପଟେଲ ପରିବାରର ୪ ଜଣଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତକମାନେ ହେଲେ ଦିନେଶ ପଟେଲ(୫୦), ତାଙ୍କ ସ୍ତ୍ରୀ ଅନସୂୟା(୪୫), ଦିନେଶଙ୍କ ବାପା ମାଭଜି(୮୦) ଏବଂ ପୁଅ ଭାବିକ (୨୩)। ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ହସ୍ପିଟାଲ ନେଇଥିଲେ। ସେଠାରେ ଦିନେଶ ଓ ତାଙ୍କ ସ୍ତ୍ରୀଙ୍କୁ ମୃତ ଘୋଷଣା କରାଯାଇଥିବାବେଳେ ଏସ୍‌ଏସ୍‌କେଏମ୍‌ରେ ଚିକିତ୍ସିତ ହେଉଥିବା ଅନ୍ୟ ଦୁଇଜଣଙ୍କର ଅପରାହ୍ନରେ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ଯୋଗେଶ ଧଞ୍ଜାନୀଙ୍କୁ ଖୋଜୁଛି।

ପ୍ରିଭେସି ଲଢ଼େଇ ଜିତିଲେ ମେଘାନ

ଲଣ୍ଡନ, ୨।୧୨: ପ୍ରିଭେସି ଏବଂ କପି ରାଇଟ୍ସ ବଜାୟ ରଖିବା ନିମନ୍ତେ ଅଦାଲତରେ ଚାଲିଥିବା ଲଢ଼େଇରେ ଜିତିଛନ୍ତି ଡଚେସ୍ ଅଫ୍ ସକ୍‌ସେସ୍ ମେଘାନ ମର୍କେଲ। ମେଘାନ ତାଙ୍କ ବାପାଙ୍କ ନିକଟକୁ ଲେଖିଥିବା ଏକ ଚିଠିକୁ ପ୍ରକାଶିତ କରିବା ପ୍ରିଭେସିର ଉଲ୍ଲଂଘନ ବୋଲି କହି ଖବର ପ୍ରକାଶନ ୱେବସାଇଟ୍ 'ମେଲ୍' ପବ୍ଲିଶରଙ୍କ ବିରୋଧରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ବ୍ରିଟେନର ଏକ ଅଦାଲତ ଏହି ମାମଲାରେ ମେଘାନଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। କାହାର ବ୍ୟକ୍ତିଗତ କଥାକୁ ସାର୍ବଜନୀନ କରିବା ଠିକ୍ ନୁହେଁ ବୋଲି କହି ପୂର୍ବରୁ ମଧ୍ୟ ଏକ ହାଇକୋର୍ଟ ମେଘାନଙ୍କ ସପକ୍ଷରେ ଯାଇଥିଲେ। ତେବେ ଏହି ରାୟକୁ ସମ୍ପୃକ୍ତ ନ୍ୟୁଜ ପ୍ରକାଶନ ସଂସ୍ଥା ପକ୍ଷରୁ ଆଉ ଏକ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ୨୦୧୮ରେ ବ୍ରିଟେନ୍ ପ୍ରିନ୍ସଙ୍କୁ ବିବାହ କରିବା ପରେ ମେଘାନ ତାଙ୍କ ବାପାଙ୍କୁ ଲେଖିଥିବା ଏକ ଚିଠିର କିଛି ଅଂଶ ଉକ୍ତ ୱେବସାଇଟରେ ପ୍ରକାଶ ପାଇଥିଲା।

ବଡ଼ପୁଅଙ୍କ ସମର୍ଥନରେ କାମ୍ବୋଡିଆ ପ୍ରଧାନମନ୍ତ୍ରୀ

ହୁନ୍ ମାନେତ୍

ନମ୍‌ପେନ୍, ୨।୧୨: ଦୀର୍ଘ ୩୬ ବର୍ଷ ଧରି କାମ୍ବୋଡିଆ ପ୍ରଧାନମନ୍ତ୍ରୀ ରହିଥିବା ହୁନ୍ ସେନ୍ ତାଙ୍କ ଉତ୍ତରାଧିକାରୀ ଭାବେ ଗୁରୁବାର ବଡ଼ ପୁଅ ତଥା ସେନା କମାଣ୍ଡର ହୁନ୍ ମାନେତ୍‌ଙ୍କ ପ୍ରତି ନିଜ ସମର୍ଥନ ଘୋଷଣା କରିଛନ୍ତି। ୱେଷ୍ଟ ପଏଣ୍ଟ ଗ୍ରାଜୁଏଟ ୪୪ ବର୍ଷୀୟ ମାନେତ୍ ସେନା ମୁଖ୍ୟ ରହିବା ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟରେ ମଧ୍ୟ ଅଛନ୍ତି। ରୟାଲ କାମ୍ବୋଡିଆନ୍ ଆର୍ମଡ୍ ଫୋର୍ସେସ୍‌ର ଡେପୁଟି କମାଣ୍ଡର-ଇନ୍-ଚିଫ୍ ରହିଛନ୍ତି। ସେ ବାପା ସେନ୍‌ଙ୍କ ଇଲାଇଟ ଅଙ୍ଗରକ୍ଷୀ ୟୁନିଟ୍‌ର ଡେପୁଟି କମାଣ୍ଡର ଏବଂ ଦେଶର ଆତଙ୍କବାଦ ନିରୋଧୀ ଫୋର୍ସର ମୁଖ୍ୟ ମଧ୍ୟ ଅଛନ୍ତି।

୨୦୨୪ ସୁଦ୍ଧା ୯ ଆଣବିକ ରିଆକ୍ଟର

ନୂଆଦିଲ୍ଲୀ, ୨।୧୨: ୨୦୨୪ ସୁଦ୍ଧା ଦେଶରେ ନଅଟି ଆଣବିକ ରିଆକ୍ଟର ରହିବ। ହରିୟାଣାର ଗୋରଖପୁରରେ ଏକ ନୂତନ ଆଣବିକ ପ୍ରକଳ୍ପ କରାଯିବ ବୋଲି କେନ୍ଦ୍ର ସରକାର ଗୁରୁବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ୨୦୨୪ ସୁଦ୍ଧା ଦେଶରେ ନଅଟି ଆଣବିକ ରିଆକ୍ଟର ରହିବ। କୋଭିଡ ସମୟରେ ୧୨ ଟି ଅତିରିକ୍ତ ରିଆକ୍ଟରକୁ ଅନୁମୋଦନ କରାଯାଇଛି। ସେଗୁଡ଼ିକର କ୍ଷମତା ୯୦୦୦ ମେଗାୱାଟ ହେବ। ଏଥିନିମନ୍ତେ ଦେଶର ବିଭିନ୍ନ ସ୍ଥାନରେ ପାଞ୍ଚଟି ନୂତନ ସାଇଟ୍ ମଧ୍ୟ ଚିହ୍ନଟ କରାଯାଉଛି। ପୂର୍ବର ନ୍ୟୁକ୍ଲିଆର ପ୍ଲାଣ୍ଟ ଆନ୍ଧ୍ରପ୍ରଦେଶ, ତାମିଲନାଡୁ ପରି କିଛି ରାଜ୍ୟରେ ସୀମିତ ଥିଲା। ବର୍ତ୍ତମାନ ଉତ୍ତର ଭାଗକୁ ଏହାକୁ ବଢ଼ାଯିବାକୁ ଯୋଜନା ହୋଇଛି। ବିଦ୍ୟୁତ୍ ଚାହିଦା ବୃଦ୍ଧି ଯୋଗୁ ପରମାଣୁ ଶକ୍ତି ଏକ ଭଲ ବିକଳ୍ପ ହୋଇପାରିବ।

ପରମବୀର ସିଂ ନିଲମ୍ବିତ

ମୁମ୍ବାଇ, ୨।୧୨: ମହାରାଷ୍ଟ୍ର ସରକାର ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂଙ୍କୁ ଗୁରୁବାର ନିଲମ୍ବନ କରିଛନ୍ତି। କେତେକ ଅନିୟମିତତା ଓ ତ୍ରୁଟି ପାଇଁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ତାଙ୍କ ନିଲମ୍ବନ ନିର୍ଦ୍ଦେଶନାମାକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଅନୁମୋଦନ କରିଥିଲେ।

ପରମବୀରଙ୍କୁ ମହାରାଷ୍ଟ୍ର ହୋମ୍‌ଗାର୍ଡ ଡିଜି ନିଯୁକ୍ତ କରାଯିବା ପରେ ୬ ମାସ ହେଲା ତାଙ୍କୁ ଦେଖିବାକୁ ମିଳି ନ ଥିଲା। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ଅଗଷ୍ଟ ୨୯ ଯାଏ ଛୁଟି ଦିଆଯାଇଥିଲା। ଏହା ପରେ ସେ ଡ୍ୟୁଟିରେ ଯୋଗ ଦେଇ ନ ଥିଲେ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ପରମବୀର ରାଜ୍ୟର ତତ୍କାଳୀନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ଦେଶମୁଖ କେତେଜଣ ପୋଲିସ ଅଫିସରଙ୍କ ଜରିଆରେ ମୁମ୍ବାଇର ବିଭିନ୍ନ ବାର୍, ରେଷ୍ଟୁରାଣ୍ଟରୁ ମାସିକ ୧୦୦ କୋଟି ଟଙ୍କା ବଟି ସଂଗ୍ରହ କରୁଥିବା ଅଭିଯୋଗ କରିଥିଲେ। ଏହି ଦୁର୍ନୀତି ମାମଲାରେ ୱାରେଣ୍ଟ ଜାରି ସତ୍ତ୍ୱେ ପରମବୀର ହାଜର ନ ହେବାରୁ ସ୍ଥାନୀୟ ଏକ ଅଦାଲତ ତାଙ୍କୁ ପଳାତକ ଘୋଷଣା କରିଥିଲେ।



ସମବାୟ ସମିତି କର୍ମଚାରୀଙ୍କ ଆନ୍ଦୋଳନ ଜାରି

ଝାରସୁଗୁଡ଼ା ଅଫିସ: ୫ଦଫା ଦାବିନେଇ ପଶ୍ଚିମ ଓଡ଼ିଶା ସେବା ସମବାୟ ସମିତି କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ୧୧ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ସୋମବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଝାରସୁଗୁଡା ଜିଲାରେ ଚାଲିଥିବା ଆନ୍ଦୋଳନ ଗୁରୁବାର ୪ର୍ଥ ଦିବସରେ ପହଞ୍ଚିଛି। ଏଥିରେ ଜିଲାର ୩୨ସେବା ସମବାୟ ସମିତିର ୧୨୮ଜଣ କର୍ମଚାରୀ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଉପସଭାପତି ଅଜୟ ପଟେଲ କହିଛନ୍ତି। ଆନ୍ଦୋଳନକୁ ଜିଲା କୃଷକ ସଙ୍ଗଠନ ସଭାପତି ଦିଲାପ ବଢେଇ, ଉପସଭାପତି ଶରତ ପଟେଲ, ସାଧାରଣ ସମ୍ପାଦକ ହେମସାଗର କୁମୁରା, ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ ପ୍ରମୁଖ ସମର୍ଥନ ଜଣାଇଛନ୍ତି।

ସଂକ୍ଷେପରେ

ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ବ୍ରଜରାଜନଗର,୨।୧୨(ଡି.ଏନ.ଏ.): ବ୍ରଜରାଜନଗର ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥ ଅମଦରହ ନିକଟରେ ଥିବା ଏକ ପୋଲ ତଳୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଓରିଏଣ୍ଟ ଓ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମୃତ ବ୍ୟକ୍ତିଙ୍କ ବୟସ ୫୦ବର୍ଷ ବୋଲି ଅନୁମାନ କରାଯାଉଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ମୃତ୍ୟୁର କାରଣ ଜଣାପଡି ନାହିଁ।

ଓଏସ୍‌ଓୟୁରେ ମୋକ୍ ପାଠ୍ୟକ୍ରମ ଆରମ୍ଭ

ସମ୍ବଲପୁର,୨।୧୧(ବ୍ୟୁରୋ): ମାସିଭ ଓପନ ଅନ୍‌ଲାଇନ କୋର୍ସ (ମୋକ) ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)ରେ ଆରମ୍ଭ ହୋଇଛି। ଏହି ପାଠ୍ୟକ୍ରମରେ ଡିସେମ୍ବର ୧ତାରିଖଠାରୁ ନୂଆଦିଲ୍ଲୀର କମନୱଥ ଏଡୁକେଶନାଲ ମିଡିଆ ସେଣ୍ଟର ଫର ଏସିଆ (ସିଇଏମ୍‌ସିଏ) ସହଯୋଗ କରିଛି। ଉଦ୍‌ଘାଟନୀ ଉତ୍ସବରେ ଗୁଜରାଟ ବାବାସାହେବ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅମି ଉପାଧ୍ୟାୟ, କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଲଜିତ ସିଂ, ସିଇଏମ୍‌ସିଏ ଅଧକ୍ଷ ମଧୁ ପର୍ହାର ଅତିଥି ଭାବେ ଯୋଗଦେଇଥିଲେ । ଓଏସ୍‌ଓୟୁ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ସିଇଏମ୍‌ସିଏ ଶିକ୍ଷା ଅଧିକାରୀ ଡ. ମାନସ ପାଣିଗ୍ରାହୀ, ପ୍ରଶଂସା ଦାଶ, ରିତା ସିଂ, ଓଏସ୍‌ଓୟୁ କୁଳସଚିବ ଡ. ମାନସ ରଞ୍ଜନ ପୂଜାରୀ ଆଲୋଚନାରେ ଭାଗ ନେଇଥିଲେ। ଭର୍ଚୁଆଲରେ ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର, ଅଧାପକ ଓ ଅଧାପିକା ସାମିଲ ହୋଇଥିଲେ। ମୋକ ପାଠ୍ୟକ୍ରମ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଧାପକଙ୍କ ଲାଗି ଉପଯୋଗୀ ହୋଇପାରିବ ବୋଲି କୁହାଯାଇଛି।

ଏଡ୍‌ସ ଦିବସ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨।୧୧(ବ୍ୟୁରୋ): ସମ୍ବଲପୁର ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କନିଷ୍ଠ ମହାବିଦ୍ୟାଳୟ)ଠାରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ. ବିନୀତା ମହାପାତ୍ରଙ୍କ ପରିଚାଳନାରେ ସଭା ହୋଇଥିଲା । ରେଡକ୍ରସ କୋଅର୍ଡିନେଟର ବିଳାସିନୀ ଭୋଇ ଓ ଇଂରାଜୀ ଅଧାପକ ଅନୁପ ବାର୍ଲାଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଖେଳ ଶିକ୍ଷକ ଟଙ୍କଧର ପ୍ରଧାନଙ୍କ ପରିଚାଳନାରେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ର ସାମିଲ ହୋଇ ପଥଚାରୀଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।

ପୋଲିସର ପାତରଅନ୍ତର ନୀତି

ସମ୍ବଲପୁର,୨।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଧମା ଥାନା ପୋଲିସର ପାତରଅନ୍ତର ନୀତି ଆଲୋଚନାର ବିଷୟ ହୋଇଛି। ଜମିବାଡ଼ିକୁ ନେଇ କୀର୍ତ୍ତିପୁର ଗ୍ରାମର ଦୁଇ ପରିବାର ମାରପିଟ ଲାଗିଥିବାବେଳେ ଦୁଇପକ୍ଷର ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଗୋଟିଏ ପକ୍ଷର ଅଭିଯୋଗ ଶୁଣି ମାମଲା ରୁଜୁ କରିଛି। ଏପରି କି ଗୋଟିଏ ପରିବାରର ବୃଦ୍ଧ ମହିଳା ସରୋଜିନି ବାଗ (୫୫), ବୋହୂ ସପ୍ତେଶ୍ୱରୀଙ୍କ ସହ ୨ ବର୍ଷର ଶିଶୁକନ୍ୟା ଜେଲ ହାଜତକୁ ଯାଇଛନ୍ତି। ଏହାକୁ ନେଇ ସରୋଜିନୀଙ୍କ ସ୍ୱାମୀ ନେତ୍ର ଓ ଗ୍ରାମବାସୀ ଏସ୍‌ପି ଅଫିସ ଦ୍ୱାରସ୍ଥ ହୋଇଥିଲେ।

ନେତ୍ରଙ୍କ ଅଭିଯୋଗ କ୍ରମେ ଗତ ୨୬ ତାରିଖରେ ଘରେ ମହିଳାମାନେ ଥିବାବେଳେ ସାବିତ୍ରୀ ପାଢୀ ଓ ଅମରିଶ ପାଢୀ ଘରକୁ ଆସିଥିଲେ। ସେମାନେ କିଛି ନ ଜଣାଇ ଦାଣ୍ଡଦୁଆରେ ଗାତ ଖୋଳିଥିଲେ। ସରୋଜିନି ଓ ସପ୍ତେଶ୍ୱରୀ ବାରଣ କରିବାରୁ ସେମାନେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଆମ ଜମିରେ କାହିଁକି ଘର କରି ରହୁଛ ବୋଲି କହିଥିଲେ। ଏପରି କି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାକୁ ନେଇ ଦୁଇ ପକ୍ଷର ଲୋକଙ୍କ ମଧ୍ୟରେ ମାରପିଟ ହୋଇଥିଲା। ସେହିଦିନ ସରୋଜିନିଙ୍କ ପରିବାର ପକ୍ଷରୁ ଗୁଣ୍ଡେରପୁର ଫାଣ୍ଡିରେ ଏ ନେଇ ଅଭିଯୋଗ କରାଯାଇଥିଲା। ପରେ ୨୮ ତାରିଖରେ ପୋଲିସ ଅପରପକ୍ଷକୁ ଡାକିଥିଲା। ଆମ ଅଭିଯୋଗ ଉପରେ ପୋଲିସ ମାମଲା ରୁଜୁ ନ କରି ଅପରପକ୍ଷ ଅଭିଯୋଗରେ ମାମଲା ରୁଜୁ କରିଥିଲା। ଏହାସହ ପରିବାରର ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ କହିଛନ୍ତି, ଅଭିଯୋଗ ଉପରେ ନିଶ୍ଚିତ ଭାବରେ ମାମଲା ରୁଜୁ ହେବ ଓ ତଦନ୍ତ କରାଯିବ। ପୂର୍ବରୁ ଅଭିଯୋଗ କରି ନ ଥିଲେ ବୋଲି ଥାନା ଅଧିକାରୀ କହିଛନ୍ତି। ଜଣେ ବୃଦ୍ଧା ମହିଳାଙ୍କୁ ଆକ୍ରମଣ କରିବା ଯୋଗୁ ମୁଣ୍ଡରେ ଓ ଅଣ୍ଟାରେ ଆଘାତ ଲାଗିଥିଲା। ତେଣୁ ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷର ଅଭିଯୋଗକୁ ମଧ୍ୟ ଗୁରୁତର ସହ ନିଆଯିବ ବୋଲି କହିଥିଲେ।

ଏସ୍‌ପି ଅଫିସ ସମ୍ମୁଖରେ ପରିବାର ବର୍ଗ।

- ■ ଶାଶୁବୋହୂ ସହ ୨ବର୍ଷ ଶିଶୁକନ୍ୟା ଜେଲ ଗଲେ
- ■ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ପଞ୍ଚମୁଖୀ ହନୁମାନ ମନ୍ଦିର ରତ୍ନମୁଦ ଉତ୍ସବ

ଝାରସୁଗୁଡ଼ା ଅଫିସ,୨।୧୨

ଲଖନପୁର ବ୍ଲକ୍ ବନ୍ଧବାହାଲ ଏମ୍‌ସିଏଲ୍ କଳାହୀରା ନଗରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ସୂର୍ଯ୍ୟନାରାୟଣ ପୂଜା, ଆଦିତ୍ୟ ହୃଦୟ ପାଠ, ମଣ୍ଡପ ସଂସ୍କାର, ଘଟ ସ୍ଥାପନ, ଦେବଦେବୀ ଆବାହନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଦ୍ୱିତୀୟ ଦିନରେ ସୂର୍ଯ୍ୟପୂଜା, ବ୍ରହ୍ମାବରଣ ଯଜ୍ଞ ମଣ୍ଡପ ପୂଜା, ଇନ୍ଦ୍ର ଇନ୍ଦ୍ରାଣୀ ପୂଜନ ଆଦି ସମାପନ ହୋଇଥିଲା। ମଧ୍ୟାହ୍ନରୁ ରତ୍ନମୁଦ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରଦ୍ଧାଳୁମାନେ ଧାନ, ମୁଗ, ବିରି, ଟଙ୍କା, ଅଷ୍ଟଧାତୁ ଆଦି ମନ୍ଦିର ଧ୍ୱଜା ଗର୍ଭରେ ପକାଇଥିଲେ। ସୂର୍ଯ୍ୟାସ୍ତ ପୂର୍ବରୁ ରତ୍ନମୁଦ କରାଯାଇଥିଲା। ଏହି ଅବସରରେ ନିକଟରେ ଥିବା ପୋଖରୀ ମଝିରେ ହନୁମାନ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ଏଥିରେ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ଅନିଲ କୁମାର ସିଂହ, ମନ୍ଦିର କମିଟି ସଭାପତି ମୃତ୍ୟୁଞ୍ଜୟ ମୁଦୁଲି, ସମ୍ପାଦକ ପ୍ରାର୍ଥବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍ସବରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ: ରାସ୍ତାରୋକୋ

ଉତ୍ତ୍ୟକ୍ତ ଲୋକେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ଦେବଗଡ଼,୨।୧୨(ଡି.ଏନ.ଏ.)

ଦେବଗଡ଼ ଥାନା ଅଧୀନ ଛୁରିଆବାହାଳ ନିକଟ ୪୯ ନମ୍ବର ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟାରେ ନିର୍ମାଣକାରୀ ସଂସ୍ଥାର ଏକ ଟ୍ରକ୍ ଧକ୍କାରେ ଗୁରୁତର ଆହତ ବସାଲଇ ଗ୍ରାମର ସତ୍ୟନାରାୟଣ ସାହୁ(୫୦)ଙ୍କ ମୃତ୍ୟୁ ଘଟିଛି। ଗୁରୁବାର ମଧ୍ୟାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଛୁରିଆବାହାଳଠାରେ ଉତ୍ତ୍ୟକ୍ତ ଲୋକେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ବାରକୋଟ ତହସିଲଦାର ରୁବୀ ବେହେରା, ଏସ୍‌ଡିପିଓ ପ୍ରତ୍ୟୁଷ ମହାପାତ୍ର ଓ ଦେବଗଡ ଥାନାଧିକାରୀ ସୁରେନ୍ଦର କୁମାର ନାୟକ ପ୍ରମୁଖ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ନିର୍ମାଣକାରୀ ସଂସ୍ଥା କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ଲୋକଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରେଡକ୍ରସରୁ ମଧ୍ୟ ସତ୍ୟନାରାୟଣଙ୍କ ପରିବାରକୁ ୧୦ ହଜାର ଟଙ୍କା ଅର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ରସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯୋଗ୍ୟ ଯେ, ବୁଧବାର ସନ୍ଧ୍ୟା ପ୍ରାୟ ୬ଟାରେ ବସାଲଇ ଗ୍ରାମର ସତ୍ୟନାରାୟଣ ବାଇକ୍‌ରେ ପେଟ୍ରୋଲ ପକାଇ ବଳମପଟୁ ଘରକୁ ଫେରୁଥିଲେ। ଛୁରିଆବାହାଳ ନିକଟ ୪୯ ନମ୍ବର ଜାତୀୟ ରାଜପଥ ପୋଲ ଉପରେ ନମାଣକାରୀ ସଂସ୍ଥାର ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ୍ ଚୁରମାର ହୋଇପଡିବା ସହ ସତ୍ୟନାରାୟଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଶଙ୍କଜାପନ୍ନ ଥିବାରୁ ତାଙ୍କୁ ବୁର୍ଲାସ୍ଥିତ ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଦେବଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବାଇକ୍ ଓ ଟ୍ରକ୍ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଚଳାଇଥିଲା।

ଗାଁ ସାଥୀଙ୍କ ବିଧାନସଭା ଘେରାଉକୁ ଜିଲା ଶାଖାର ସମର୍ଥନ

ଝାରସୁଗୁଡ଼ା ଅଫିସ,୨।୧୨

୫ଦଫା ଦାବି ନେଇ ଆସନ୍ତା ୧୩ ଓ ୧୪ତାରିଖରେ ଓଡ଼ିଶା ପ୍ରଦେଶ ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ବିଧାନସଭା ଘେରାଉ ଆହ୍ୱାନ ଦେଇଛି । ଏହି ଅବସରରେ ଝାରସୁଗୁଡା ଜିଲା ଗାଁ ସାଥୀ ସଂଘ ତରଫରୁ ରାଜ୍ୟ ସଙ୍ଗଠକ ପ୍ରଫୁଲ୍ଲ ସ୍ୱାଇଁଙ୍କ ଅଧକ୍ଷତାରେ ଗୁରୁବାର ବିଟିଏମ୍ ହନୁମାନ ମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସଂଘ ସଭାପତି ନନ୍ଦିନୀ ପ୍ରଧାନ, ସମ୍ପାଦକ ପିତାମ୍ବର ରଣା, ଚେତରାମ ବାରିକ, ପ୍ରସନ୍ନ ଦାସ, ଦୁଷ୍ମନ୍ତ ପଟେଲ, ଆଶାରାମ ସା ପ୍ରମୁଖ ଯୋଗଦେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ହେବାକୁ ଥିବା ବିଧାନସଭା ଘେରାଉକୁ ସମର୍ଥନ ଜଣାଇଥିଲେ।

ଖବରଦାତା ସମ୍ମିଳନୀରେ ଗାଁ ସାଥୀ ଜିଲା ସଂଘର କର୍ମକର୍ତ୍ତା।

ପ୍ରମୁଖ ଦାବି ମଧ୍ୟରେ ପଞ୍ଚାୟତିରାଜ ବିଭାଗରେ ସ୍ଥାୟୀ ନିଯୁକ୍ତି, ମାସିକ ୮ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି, ଗାଁ ସାଥୀଙ୍କୁ କୋଭିଡ୍ ସହାୟତା ୨୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ପ୍ରଦାନ, ଜବ୍‌କାର୍ଡଧାରୀଙ୍କ ନିଶ୍ଚିତ କର୍ମଯୋଗାଣ ଦିବସ ୨ଶହ ଦିନକୁ ବୃଦ୍ଧି ସାଙ୍ଗକୁ ଦୈନିକ ମଜୁରି ୩ଶହ ଟଙ୍କାକୁ ବୃଦ୍ଧି ଅନ୍ୟତମ। ସୂଚନାଯୋଗ୍ୟ ଏହିସବୁ ଦାବିନେଇ ଅକ୍ଟୋବର ୨୫ରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସଂଘର ଆନ୍ଦୋଳନ ଜାରି ରହିଛି। ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା ସେପ୍ଟେମ୍ବର ୭ରେ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ୧୫ଦିନ ମଧ୍ୟରେ ଦାବି ପୂରଣ ହେବ ବୋଲି ସ୍ପଷ୍ଟ କରିଥିଲେ। ହେଲେ ଏହା କାର୍ଯ୍ୟକାରୀ ହୋଇନାହିଁ।

ଚାଷୀଙ୍କୁ ମିଳୁନି ଧାନ ବିକ୍ରି ପ୍ରାପ୍ୟ

ସମ୍ବଲପୁର,୨।୧୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ନଭେମ୍ବର ୨୪ ତାରିଖଠାରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ପ୍ରଥମରୁ ବିଭ୍ରାଟ ଦେଖାଦେବାରୁ ଚାଷୀମାନେ ୫ ଘଣ୍ଟା ଧରି ପ୍ରଶାସନିକ ଅଧିକାରୀଙ୍କୁ ବରେଇପାଲି ମାର୍କେଟରେ ଅଟକ ରଖିଥିଲେ। ଏହା ସତ୍ତ୍ୱେ ଚାଷୀଙ୍କୁ ଧାନବିକ୍ରି ପ୍ରାପ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ନିୟମ ଦୃଷ୍ଟିରୁ ଆଇରିସ (ଆଖି ସ୍କାନ) ହେବା ପରେ ଚାଷୀଙ୍କ ଜମାଖାତାକୁ ଟଙ୍କା ଆସିଥାଏ। ଅତି ବେଶି ହେଲେ ୨ ଦିନ ସମୟ ଲାଗିଥାଏ। ହେଲେ ନଭେମ୍ବର ୨୪ ଠାରୁ ଏପର୍ଯ୍ୟନ୍ତ ଚାଷୀଙ୍କୁ ପ୍ରାପ୍ୟ ମିଳିପାରି ନାହିଁ। ସମବାୟ ପକ୍ଷରୁ ସମସ୍ତ ଚାଷୀଙ୍କ ଆଇରିସ କରି ଦିଆଯାଇଛି। ଏପର କ ଅଧିକାଂଶ ମଲସ ଧାନ ସଂଗ୍ରହ ହୋଇଥିବା ନେଇ ଅନ୍‌ଲାଇନରେ ରିପୋର୍ଟ ଦାଖଲ କରିସାରିଛନ୍ତି। ହେଲେ ମଧ୍ୟ ଜମା ଖାତାକୁ ଟଙ୍କା ଆସୁ ନାହିଁ।

ମିଳିଥିବା ସୂଚନା ଅନୁସାରେ ସଦର ଉପଖଣ୍ଡରେ ଏପର୍ଯ୍ୟନ୍ତ ୪୮୦ ଜଣ ଚାଷୀଙ୍କ ୨୪ ହଜାର ୧୯୦ ପ୍ୟାକେଟ ଧାନ ସଂଗ୍ରହ ହୋଇଛି। ୨୯ ହଜାର ୬୪୦ କୁଇଣ୍ଟାଲ ଏହି ଧାନ ମୂଲ୍ୟ ୫କୋଟି ୮୨ଲକ୍ଷ ଟଙ୍କା ହେବ, ଯାହା ବକେୟା ରହିଛି । ଏ ସମ୍ପର୍କରେ ଯୋଗାଣ ବିଭାଗ ପକ୍ଷରୁ ମିଲର୍ସମାନେ ସ୍କାନ କରି ନ ଥିବା କୁହାଯାଉଛି। ହେଲେ ଚାଷୀମାନେ ମିଲର୍ସ ସହ ଯୋଗଯୋଗ କଲେ ଧାନ ମିଲକୁ ଆସିବା ପରେ ପରଦିନ ସ୍କାନ ହୋଇଯାଇଥିବା କହୁଛନ୍ତି। ଏ ସମ୍ପର୍କରେ ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ କହିଛନ୍ତି, ୨୪ ତାରିଖରେ ମଣ୍ଡି ଖୋଲାଯାଇଥିଲା। ହେଲେ ୨୯ ତାରିଖଠାରୁ ଧାନ ସଂଗ୍ରହ ପରିମାଣ ବୃଦ୍ଧି ପାଇଛି। ଧାନ ବିକ୍ରି ପ୍ରାପ୍ୟ ମିଳିଯିବା କଥା। କେଉଁ କାରଣରୁ ଟଙ୍କା ମିଳିନାହିଁ ସେ ନେଇ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଯୋଗଯୋଗ କରିବେ ବୋଲି କହିଥିଲେ।

କୁଚିଣ୍ଡାରେ ମାସ୍କ ଚେକିଂ କଡ଼ାକଡ଼ି

କୁଚିଣ୍ଡା,୨।୧୨(ଡି.ଏନ.ଏ.)

କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା ବେଳେ ସମ୍ଭାବ୍ୟ ତୃତୀୟ ଲହରକୁ ରୋକିବାକୁ କୁଚିଣ୍ଡାରେ ପ୍ରଶାସନ ପକ୍ଷରୁ ମାସ୍କ ଚେକିଂ କଡ଼ାକଡ଼ି କରାଯାଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଉଛି। ଗୁରୁବାର କୁଚିଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଆଇଆଇସି ଶୋଭାକର ସେଠ ଓ ମାଜିଷ୍ଟ୍ରେଟ ଭାବେ ତହସିଲଦାର ପ୍ରତିମା ପିଙ୍ଗଙ୍କ ଉପସ୍ଥିତିରେ ମାସ୍କ ଚେକିଂ କରାଯାଇଛି। ମାସ୍କ ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

ରେଳବାଇ ଷ୍ଟାଡିୟମରେ ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ

ସମ୍ବଲପୁର,୨।୧୧(ବ୍ୟୁରୋ)

ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ପକ୍ଷରୁ ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ ସମ୍ବଲପୁର ରେଳବାଇ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚ ରେଳବାଇ ସୁରକ୍ଷା ବଳ ବନାମ ଇଲେକ୍ଟ୍ରିକାଲ ଏକାଦଶ ମଧ୍ୟରେ ହୋଇଥିଲା। ଟସ୍ ଜିଣି ସୁରକ୍ଷା ବଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଜବାବରେ ଇଲେକ୍ଟ୍ରିକାଲ ଏକାଦଶ ୧୨ ଓଭରରେ ୮ ଉଇକେଟ ହରାଇ ମାତ୍ର ୪୪ ରନ ସଂଗ୍ରହ କରି ୬୧ରନ ବ୍ୟବଧାନରେ ପରାଜୟ ବରଣ କରିଥିଲା। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଶୁଭାରମ୍ଭ କରିଥିଲେ। ପୂର୍ବତଟ ମହିଳା କଲ୍ୟାଣ ସଙ୍ଗଠନ ଅଧକ୍ଷା ଈଶା ମଲ୍ଲିକ ଓ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ଅଧିକାରୀ ମନୋଜ କୁମାର ବେହେରା, ସହାୟକ କ୍ରୀଡା ଅଧିକାରୀ ଅନୁପ ଗୋରିଙ୍ଗା, କ୍ରୀଡା ସଚିବ ଆଲୋକ ରଞ୍ଜନ ପଣ୍ଡା ମ୍ୟାଚ

ଟ୍ରାକ୍ଟରରୁ ବ୍ୟାଟେରି ଚୋରି :୨ଗିରଫ

ବଡ଼ଗାଁ,(ଡି.ଏନ.ଏ.): ଏକ ଟ୍ରାକ୍ଟରରୁ ବ୍ୟାଟେରି ଚୋରି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମୁଣ୍ଡଗାଁର ପଙ୍କଜ ନାଏକ ଓ ଲଳିତ ପ୍ରଧାନ ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପଟୁଆବେଡା ଗ୍ରାମର ଦୁର୍ଗା ମାଝୀ ତାଙ୍କ ଟ୍ରାକ୍ଟରକୁ ଗାଁରେ ଥିବା ଜ୍ୱାଇଁ ବିଶନାଥ ପ୍ରଧାନଙ୍କ ଘର ଆଗରେ ରଖିଥିଲେ । ନିକଟରେ ଏହି ଟ୍ରାକ୍ଟରରୁ ବ୍ୟାଟେରି ଚୋରି ହୋଇଥିଲା । ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଟାଉନ ଥାନା ପୋଲିସ ଟ୍ରାକ୍ଟରକୁ ଉଦ୍ଧାର କରିଥିଲା।

ଧାନ ସଂଗ୍ରହ ପାଇଁ ୮ ମହିଳା ଏସ୍‌ଏଚ୍‌ଜିକୁ ତାଲିମ

ସୁନ୍ଦରଗଡ଼ ଜିଲା

ସୁନ୍ଦରଗଡ଼,୨।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ଚଳିତବର୍ଷ ଖରିଫ ଧାନ ସଂଗ୍ରହ କରିବା ପାଇଁ ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ଦାୟିତ୍ୱ ଦିଆଯାଇଛି। ସେମାନେ ପରୀକ୍ଷାମୂଳକ ଭାବେ ଜିଲାର ୭ଟି ବ୍ଲକର ୮ ପଞ୍ଚାୟତରେ ମଣ୍ଡି ଜରିଆରେ ଚାଷୀଙ୍କଠାରୁ ଧାନ କିଣିବେ। ଏଥିପାଇଁ ସୁନ୍ଦରଗଡ଼ସ୍ଥିତ ପଞ୍ଚାୟତ ସଂସାଧନ କେନ୍ଦ୍ରଠାରେ ଏସଏଚଜି ମା'ମାନଙ୍କୁ ୩ ଦିନିଆ ତାଲିମ ଦିଆଯାଇଛି। ଧାନର ମାନ ଓ ଆର୍ଦ୍ରତା ପରୀକ୍ଷା କରିବା, ଚାଷୀମାନଙ୍କୁ ଦିଆଯାଇଥିବା ପି ପାସ୍ ଏଣ୍ଟ୍ରି କରିବା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏସଏଚଜି ମା'ମାନଙ୍କୁ ଆର୍ଦ୍ରତା ମାପକ ଯନ୍ତ୍ର ଯୋଗାଇ ଦିଆଯିବ। ସୁନ୍ଦରଗଡ଼ ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କେବଳ ପାରମ୍ପରିକ ସାମଗ୍ରୀ ପ୍ରସ୍ତୁତିରେ ସୀମିତ ହୋଇ ରହି ନାହାନ୍ତି। ସେମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ଦିଆଯାଇ ଆର୍ଥିକ ଭାବେ ସଶକ୍ତ କରାଯାଉଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ବିଭାଗର ସହଯୋଗରେ ଏବେ ଏସଏଚଜି ମହିଳାମାନଙ୍କୁ ଧାନ ସଂଗ୍ରହ ପାଇଁ ଚୟନ କରାଯାଇଛି। ସରକାରୀ ମାନଦଣ୍ଡ ଅନୁଯାୟୀ ଯେଉଁ ମହିଳା ଏସଏଚଜିଙ୍କ ପାଖରେ ଧାନ ଗଚ୍ଛିତ ରଖିବା ପାଇଁ ଗୋଦାମ, ମଣ୍ଡିକୁ ଯିବା ଆସିବା ଲାଗି ରାସ୍ତା, ବିଜୁଳି, କମ୍ପ୍ୟୁଟର ସୁବିଧା ସହ ଡାଟା ଏଣ୍ଟ୍ରି ଅପରେଟର ରହିଥିବେ ସେମାନଙ୍କୁ ଧାନ ସଂଗ୍ରହ ଦାୟିତ୍ୱ ଦିଆଯାଉଛି। ଏହାକୁ ଆଧାର କରି ସୁନ୍ଦରଗଡ଼ ଜିଲାର ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମନୋନୀତ କରାଯାଇଛି।

ଖରିଫ ଧାନ ସଂଗ୍ରହ ନେଇ ତାଲିମ ଦିଆଯାଉଛି ।

ସାଧାରଣତଃ ସୁନ୍ଦରଗଡ଼ ଜିଲାରେ ବୃହତ୍ ଆଞ୍ଚଳିକ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍) ଏବଂ ଆରସିଏମଏସ୍ ଖରିଫ୍ ଓ ରବି ଧାନ ସଂଗ୍ରହ କରୁଛନ୍ତି। ଏହି ପ୍ରକ୍ରିୟାକୁ ସହଜ କରିବା ଏବଂ ମହିଳାମାନଙ୍କ ହାତକୁ କାମ ଦେଇ ସେମାନଙ୍କ ଜୀବିକା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲା ପ୍ରଶାସନ ପ୍ରଥମ କରି ମିଶନ ଶକ୍ତି ମାଆମାନଙ୍କୁ ଧାନ ସଂଗ୍ରହ ଦାୟିତ୍ୱ ଦେଇଛି। ପୂର୍ବରୁ ରାଜ୍ୟର କେତେକ ଜିଲାରେ ଏସଏଚଜିକୁ ଧାନ କିଣା ଦାୟିତ୍ୱ ଦିଆଯାଇଥିଲା। ଏବେ ସୁନ୍ଦରଗଡ଼ରେ ପ୍ରଥମ ଥର ପାଇଁ ଏହା ଲାଗୁ ହେବାକୁ ଯାଉଛି। ଜୟ ମା' ମଙ୍ଗଳା ଏସଏଚଜିକୁ ବାଲିଶଙ୍କରା ବ୍ଲକର ତୁମୁଲିଆ ପଞ୍ଚାୟତରେ ଧାନ କିଣିବା ଲାଗି ଦାୟିତ୍ୱ ଦିଆଯାଇଥିବା ବେଳେ ଶାନ୍ତି ଏସଏଚଜିକୁ ବଡ଼ଗାଁ ବ୍ଲକର ରଣଗାଁ, ମା' ତାରିଣୀ ଏସଏଚଜିକୁ ଗୁରୁଣିଆର ପଙ୍କଡିହି, ଇନ୍ଦିରା ଏସଏଚଜିକୁ କୁଆଁରମୁଣ୍ଡାର କଚାରୁ, ମା' ଠାକୁରାଣୀ ଏସଏଚଜିକୁ ଲହୁଣୀପଡ଼ାର କୁଲିପୋଷ, ମାର୍ଥା ଏସଏଚଜିକୁ ଲହୁଣୀପଡ଼ା ବ୍ଲକର ତାଳବାହଲି, ମେଘନା ଏସଏଚଜିକୁ ଲେପ୍ରିପଡ଼ାର କୁଲାବିରା ଏବଂ କାମଧେନୁ ଏସଏଚଜି ଲାଠିକଟା ବ୍ଲକର ବିର୍ଦ୍ଦା ପଞ୍ଚାୟତରେ ଖରିଫ୍ ଧାନ ସଂଗ୍ରହ କରିବେ।

ଚଳିତବର୍ଷ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଗ୍ରେଡ୍-୧ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଏଫଏକ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନର ଜିଲା ସଂଯୋଜକ ସାମୁଏଲ ଟପ୍ପୋ, ସୁନ୍ଦରଗଡ ସର୍ଗପାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବନମାଳୀ ନାଏକଙ୍କ ସହିତ ଜିଲା ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ପଞ୍ଜୀକୃତ ସମବାୟ ସମିତିର ଅଧିକାରୀମାନେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।

ଟେନ୍‌ସା ପ୍ରତିଯୋଗୀଙ୍କୁ ମିଳିଲା ୪ ପଦକ

ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା

ଟେନ୍‌ସା,୨।୧୨(ଡି.ଏନ୍.ଏ.)

ଭୁବନେଶ୍ୱରଠାରେ ଶୁକକାଇ କରାଟେ ୟୁନିୟନ ଇଣ୍ଡିଆ ଓ ଉତ୍କଳ କରାଟେ ସ୍କୁଲର ମିଳିତ ସହଯୋଗରେ ଗତ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୧୧ ତମ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ମୋଟ ୫୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶୁକକାଇ କରାଟେ ୟୁନିୟନର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ତଥା ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ସିହାନ ଡକ୍ଟର ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ମୁଖ୍ୟ ପ୍ରଶିକ୍ଷକ ତଥା ଜାତୀୟ ଓ ଅନ୍ତର୍ଜାତୀୟ ପଦକପ୍ରାପ୍ତ ସେନ୍‌ସାଇ ରାଜୀବ କୁମାର ସିଂଙ୍କ ଦ୍ୱାରା ପରିଚାଳିତ ଉତ୍କଳ କରାଟେ ସ୍କୁଲ ଟେନ୍‌ସା ଶାଖାର ପ୍ରଶିକ୍ଷକ ରଞ୍ଜନ ପାତ୍ରଙ୍କ ସହିତ ୩ଜଣ ଛାତ୍ରୀ ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ ରଞ୍ଜନ ପାତ୍ର ୧ କାଂସ୍ୟ ପଦକ ହାସଲ କରିଥିଲେ। ରାଧାରାଣୀ କରଙ୍କୁ ୧ରୌପ୍ୟ, ୧ କାଂସ୍ୟ ଏବଂ ଶୁଭଶ୍ରୀ ଶୁଭ୍ରଜ୍ୟୋତି ନାଥ ୧ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନର ଜେନେରାଲ ସେକ୍ରେଟାରୀ ସମ୍ୟରଞ୍ଜନ ପରିଡା ଏବଂ କରାଟେ ଇଣ୍ଡିଆ ଅର୍ଗାନାଇଜେଶନର ରେଫରି କାଉନସିଲର ସଭାପତି ପ୍ରେମଜିତ ସେନ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉତ୍କଳ କରାଟେ ସ୍କୁଲ ଟେନ୍‌ସା ଶାଖାର ଏହି ସଫଳତା ପାଇଁ ଟେନ୍‌ସା ଗ୍ରାମ ପଞ୍ଚାୟତର ସରପଞ୍ଚ ଅନୀତା ପୂର୍ତ୍ତି ଏବଂ ବରସୁଆ ଲୌହ ଖଣି ଟେନ୍‌ସାର ମହାପ୍ରବନ୍ଧକ ପ୍ରସନ୍ନ କୁମାର ରଥ ଏବଂ ଉପ ମହାପ୍ରବନ୍ଧକ ଜ୍ୟୋତିପ୍ରକାଶ ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି।

ପଦକ ହାସଲ କରିଥିବା କୃତୀ ପ୍ରତିଯୋଗୀ ।

ହାତୀ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ

ଲହୁଣୀପଡା,୨।୧୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବାଙ୍କୀ ବନାଞ୍ଚଳ ଅନ୍ତର୍ଗତ ବାଙ୍କୀ ପଞ୍ଚାୟତ ଜରାଟୋଲା ବସ୍ତିରେ ବୁଧବାର ହାତୀ ପଲ ଜଣେ ବୃଦ୍ଧାଙ୍କୁ ଦଳି ମାରି ଦେଇଥିବା ଖବର ମିଳିଛି । ଏହାଛଡା ବାଙ୍କି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଧାନ ଫସଲ ଖାଇବା ସହ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ବାଙ୍କୀ ବନାଞ୍ଚଳର ଜରାଟୋଲା ବସ୍ତିରେ ସ୍ୱର୍ଗତ ବାଲେ ମୁଣ୍ଡାରୀଙ୍କ ସ୍ତ୍ରୀ ସମ୍ୟାରୀ (୬୩)ଏକୁଟିଆ ରହୁଥିଲେ। ବୁଧବାର ରାତି ପ୍ରାୟ ଏଗାରଟା ପରେ ଏକ ହାତୀ ପଲ ଆସି ବାଙ୍କୀ ବନାଞ୍ଚଳରେ ପହଞ୍ଚିଥିଲେ । ଉକ୍ତ ହାତୀ ପଲରେ ପ୍ରାୟ ୧୯ ଟି ହାତୀ ଥିବା ଜଣାପଡିଛି। ସେହି ହାତୀ ପଲ ବାଙ୍କୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଧାନ ଫସଲ ଖାଇ ଦେଇଥିଲେ । ପରେ ଜରାଟୋଲା ବସ୍ତିର ସମ୍ୟାରୀ ଏକୁଟିଆ ରହୁଥିବା ମାଟି ଘରକୁ ଭାଙ୍ଗିଥିଲେ । ଜୀବନ ବିକଳରେ ଘର ଭିତରୁ ସମ୍ୟାରୀ ବାହାରକୁ ବାହାରି ଆସି ପଳାଇ ଯିବାକୁ ଉଦ୍ୟମ କରିଥିଲେ । କିନ୍ତୁ ହାତୀ ପଲ ତାଙ୍କୁ ଆକ୍ରମଣ କରିଥିଲେ । ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା । ହାତୀ ପଲର ଗର୍ଜନ ଶୁଣି ଗ୍ରାମବାସୀ ଏକାଠି ହୋଇ ସେମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ । ହାତୀପଲ ସେଠାରୁ ପଳାଇ ଯାଇ ଆଉ ଏକ ଘରକୁ ଭାଙ୍ଗି ଦେଇଥିଲେ । ଖବର ପାଇ ଫରେଷ୍ଟର ସୁମନ୍ତ ପରିଡ଼ା, ବନରକ୍ଷୀ ରଞ୍ଜନ କୁମାର ମହାକୁଳ ଓ ସ୍ୱାଡ୍ ଜରାଟୋଲାରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ହାତୀ ପଲଙ୍କୁ ଘଉଡାଇ ଥିଲେ।

ଘରେ ଶୋଇଥିବା ବେଳେ ଦଳି ମାରିଲା ଦନ୍ତା ହାତୀ

ଟେନସା,୨।୧୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୋଇଡା ବ୍ଲକରେ ହାତୀ ଆକ୍ରମଣରେ ପୁଣି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କରମ ସିଂ ମୁଣ୍ଡା (୭୦) । ଗତ କିଛି ଦିନ ହେବ କୋଇଡା ଅଞ୍ଚଳରେ ଥମୁନି ହାତୀ ଆତଙ୍କ। କୋଇଡା ବନ ବିଭାଗ ସବୁ ଜାଣି ମଧ୍ୟ ବିହିତ ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ହାତୀ ଉପଦ୍ରବ ବଢି ଚାଲିଛି। ବୁଧବାର ରାତି ପ୍ରାୟ ୮ଟା ସମୟରେ କାଳଟା ପଞ୍ଚାୟତର କୁସୁମଡିହି ଗ୍ରାମରେ କରମ ସିଂ ନିଜ ଝାଟିମାଟି ଘରେ ଶୋଇଥିଲେ। ହଠାତ୍ ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତା ଆସି କରମସିଂଙ୍କ ଘର ଭାଙ୍ଗି ଦେବା ସହ ତାଙ୍କୁ ଶୁଣ୍ଡରେ ଟେକି ନେଇ ଦଳି ଚକଟି ଦେଇଥିଲା। ଖବର ପାଇ ପୋଲିସ ଓ ବନ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଡାକ୍ତର କରମ ସିଂଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସହାୟତା ରାଶି ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ମାସକ ମଧ୍ୟରେ କୋଇଡା ଅଞ୍ଚଳରେ ହାତୀ ଆକ୍ରମଣରେ ୩ ଜଣଙ୍କ ଜୀବନ ଗଲାଣି।

ODISHA PUBLIC SERVICE COMMISSION
CUTTACK
NOTICE

No. 8753/PSC, (1R-90-21-22) (DR-V), Dt. 2.12.21

No. D-214:- It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Philosophy** pursuant to advertisement No.06 of 2021/22 shall be held on **09.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

PROGRAMME OF DOCUMENT VERIFICATION

Date	Time of Verification	PPSAN
09.12.2021	10.30 AM	00109628, 00110116, 00077282, 00086127, 00095160, 00087896, 00109766, 00110533, 00100648 & 00110670 = **10 Candidates**
	02.30 PM	00083425, 00109455, 00109651, 00099893 & 00109961 = **5 Candidates**

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
   a. All original Research Publicaitons/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0148/2122 **Sd./- Secretary**

ODISHA PUBLIC SERVICE COMMISSION
CUTTACK
NOTICE

No. 8749/PSC, (1R-88-21-22) (DR-V), Dt. 02.12.21

No. D-213:- It is for information of all concerned that, document verification of candidates having **PPSAN** mentioned below for the post of **Professor in Philosophy** pursuant to advertisement No.10 of 2021-22 shall be held on **10.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

PROGRAMME OF DOCUMENT VERIFICATION

Date	Time of Verification	PPSAN
10.12.2021	10.30 AM	00109628, 00095160, 00111208 & 00109766 = **4 Candidates**

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
   a. All original Research Publicaitons/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0150/2122 **Sd./- Secretary**

GOVERNMENT OF ODISHA No. A-686
OFFICE OF THE SUPERINTENDING ENGINEER, NABARANGPUR
IRRIGATION DIVISION, NABARANGPUR, DIST.- NABARANGPUR (ODISHA)
No. 1184 Dated: 30.11.2021
NOTICE INVITATION FOR BIDS (NIFB)
E-Procurement Notice No. SE-NID-04/2021-22 (01 - 03)

1. Nature of the work : River Bank Flood Protection work
2. Total Nos. of works : 03 (Three) Nos.
3. Tender cost of the works : From Rs.50.16 lakhs to Rs.99.97 lakhs (excluding GST)
4. Bid Security : Bid Security Declaration
5. Class of Contractor : 'B' & 'A'
6. Period of Completion : 04 (Four) months to 06 (Six) months
7. Other details as follows :

Procurement Officer	Bid Identification No.	Availability of Bid Online		Last date & time of seeking tender clarification	Date & time & place of opening of Technical Bid	Date & time of opening of Financial Bid
Superintending Engineer, Nabarangpur Irrigation Division, Nabarangpur	SE, NID-04/ 2021-22 (01-03)	04.12.2021 (10.00 A.M.)	13.12.2021 (upto 05.00 P.M.)	09.12.2021 upto 5.00 P.M.	14.12.2021 at 11.00 A.M. in the O/o. the SE, Nabarangpur Irrigation Division, Nabarangpur	To be intimated to the qualified bidders after evaluation of Technical Bid

Further details can be seen from the Government website **www.tendersodisha.gov.in**.
Sd./- Superintending Engineer, Nabarangpur Irrigation Division, Nabarangpur
OIPR-32361/11/0001/2122

Government of Odisha No. B-709
OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK
E-mail.ID-sectcrb_2006@yahoo.co.in; Tel/Fax – 0671-2301751/2302751
('e' – PROCUREMENT NOTICE)
Bid Identification No.CCE Ctc.(R&B) 26/2021-22

1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road & Building works as mentioned below.
2. No. of work :- 10 Nos.
3. Nature of work :- Road & Building works
4. Class of contractor :- 'B', 'A', Special & Super Class.
5. Tender paper cost :- Rs.10000/- **(online)**
6. Available of bid documents in the website. :- **From 10.12.2021 to 16.00 hours of 24.12.2021**
7. Date of opening of bid :- **Dt. 27.12.2021 at 11.00 hours.**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./-P.K. Pradhan, Chief Construction Engineer, Cuttack(R&B)Circle
OIPR-34012/11/0037/2122

GOVERNMENT OF ODISHA No.O-1174
OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR (MAYURBHANJ)
Email ID: eerwrairangpur@yahoo.com
Letter No. 6563 // Date- 29.11.2021
e-Procurement Notice for Building Works **Bid Identification No.: RWDRRP-21/2021-22**

1. Name of the Work : **Construction of 4 nos F type quarter under R.W. Division, Rairangpur (New Colony) for the year 2021-22**
2. Estimated Cost : From Rs. **64,88,222.00** (approximately)
3. Class of Contractor : "B" & "A" Class (of Odisha P.W.D.) or relevant Class of works license.
4. Period of Completion : **06 (Six calendar months)**
5. Tender Paper Cost : As per annexure

The details are as follows

Procurement Officer	Bid Identification No.	Availability of Tender online for bidding		Last Date & Time of seeking Tender Clarification	Date & Time of Opening of Tender in O/o Superintending Engineer, Rural Works Division, Rairangpur	
		From	To		Technical Bid	Financial Bid
1	2	3	4	5	6	7
S.E.R.W. Division, Rairangpur	RWDRRP-21/ 2021-22	04.12.2021 at 11.00 A.M.	15.12.2021 upto 5.00 P.M.	14.12.2021 up to 5.00 P. M.	16.12.2021 at 11.30 A.M.	18.12.2021 at 11.30 A.M.

Further details can be seen from the website: **www.tendersodisha.gov.in**
OIPR-25107/11/0022/2122 **Sd./- Er. D. Behera, Superintending Engineer, R.W. Division, Rairangpur**

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 28/ET/SBP/ENGG/2021-22 ତା.30.11.2021ରିଖ
(1)ଇ-ଟେଣ୍ଡର ସଂ.19-eT-DENS-SBP-21
କାର୍ଯ୍ୟର ନାମ: ରେଳବାଇ ଲାଇନ/ଖଦାନ(Land/ Quarry) ବାହାରୁ ସିଟିରୀ ଡିପୋ ଠାରେ ରେଳବାଇ ବିନିର୍ଦ୍ଦେଶ (Specification) ଅନୁଯାୟୀ ମେସିନ୍ ଦ୍ୱାରା ଭଙ୍ଗା ଯାଇ ଥିବା 50,000 ଘନ ମିଟର ବିଶିଷ୍ଟ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ରେଳବାଇ ଖୁଙ୍ଗମଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 6,21,49,000/-, କାର୍ଯ୍ୟ ଶେଷ ହେବା ଅବଧି: 12 (ବାର) ମାସ ।
(2)ଇ-ଟେଣ୍ଡର ସଂ.28-eT-DENC-SBP-21
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ବରଗଡ଼, ଲୋଇସିଙ୍ଗା, ଖରିଆର ରୋଡ଼, ନୂଆପଡ଼ା ରୋଡ଼ ଏବଂ ସମ୍ବଲପୁର ସିଟି ଠାରେ ଭଣ୍ଡାର ଗୋଦାମ (Store Godowns) ଗୁଡ଼ିକର ନିର୍ମାଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,62,89,225.33, କାର୍ଯ୍ୟ ଶେଷ ହେବା ଅବଧି: 10(ଦଶ) ମାସ ।
(3)ଇ-ଟେଣ୍ଡର ସଂ.28-eT-SDENE-SBP-21
କାର୍ଯ୍ୟର ନାମ: ଜରପଡ଼ା-ଜେରେଙ୍ଗା ସେକ୍ସନ ମଧ୍ୟରେ ଲେଭେଲ କ୍ରସିଙ୍ଗ୍ ନଂ.ST-53 ଏବଂ ST-61 ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ଦୋହରୀକରଣ ଅଂଶର ନିର୍ମାଣ ଦ୍ୱାରା ପୂର୍ବରୁ ବାଡ଼ ହୋଇଥିବା (Casted) RCC ବାକ୍ସର ପ୍ରଚଳନ ଏବଂ ଲେଭେଲ କ୍ରସିଙ୍ଗ୍ ନଂ.ST-86 ଏବଂ ST-87 ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ନିମନ୍ତେ ପ୍ରବେଶ ପଥ, ସାଇଡ୍ ଡ୍ରାଇନ ଏବଂ ଟ୍ରେନ୍‌ଗୁଡ଼ିକର ଅବଶିଷ୍ଟ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,61,12,059.44, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ

ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ

■ ଅବିଭକ୍ତ କୋରାପୁଟ ଜିଲାରେ ହାଇ ଆଲର୍ଟ

■ ଜୟପୁରରୁ ୩୫, ରାୟଗଡ଼ାରୁ ୬ ରୁଟ୍‌ରେ ସରକାରୀ ବସ୍ ବନ୍ଦ

ବିଭିନ୍ନ ରୁଟ୍ ଚଳାଚଳ ବନ୍ଦ ଥିବା ଜୟପୁର ଜୋନର ସରକାରୀ ବସ୍।

ଜୟପୁର/ରାୟଗଡ଼ା ଅଫିସ,୨।୧୨(ନି.ପ୍ର.)

ମାଓବାଦୀମାନେ ଗୁରୁବାରଠାରୁ ପିଏଲ୍‌ଜିଏ (ପିପୁଲ୍ସ ଲିବରେଶନ ଗେରିଲା ଆର୍ମି) ସପ୍ତାହ ପାଳନ କରୁଛନ୍ତି। ଏଥିଯୋଗୁ ଅବିଭକ୍ତ କୋରାପୁଟ ଜିଲାରେ ହାଇ ଆଲର୍ଟ ଜାରି କରାଯାଇଛି । ଛତିଶଗଡ଼-ଆନ୍ଧ୍ର- ଓଡ଼ିଶାରେ ସୁରକ୍ଷା କର୍ମୀ ମାଓବାଦୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିଛନ୍ତି। କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯିବା ସହ ତଲାସ ଅଭିଯାନକୁ ବ୍ୟାପକ କରାଯାଇଛି। ଏହି ସପ୍ତାହକୁ ସଫଳ କରିବା ଲାଗି ମାଓବାଦୀମାନେ କୋରାପୁଟ ମାଲକାନଗିରି, ରାୟଗଡ଼ା ଜିଲାର ସୀମାନ୍ତ ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ସୁରକ୍ଷା ଦୃଷ୍ଟିରୁ ଅବିଭକ୍ତ କୋରାପୁଟ ଜିଲାରେ ୨ରୁ ୮ ତାରିଖ ଯାଏ ବସ୍ ଚଳାଚଳ ବନ୍ଦ ରଖାଯାଇଛି। ଜୟପୁର-ମାଲକାନଗିରି ବସ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଅବିଭକ୍ତ କୋରପୁଟ ଜିଲାରେ ୩୫ରୁ ଅଧିକ ସରକାରୀ ବସ୍ ଚଳାଚଳକୁ ବନ୍ଦ କରାଯାଇଛି। ଜୟପୁର ଜୋନ୍‌ର ୧୪ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ ରହିଛି। ମାଲକାନଗିରି ଜିଲା ରୁଟ୍‌ରେ ୨୦ ସରକାରୀ ବସ୍ ଚଳାଚଳକୁ ବନ୍ଦ ରଖାଯାଇଛି। ସେହିପରି ପାରଳାଖେମୁଣ୍ଡି-ଫୁଲବାଣୀ ରୁଟ୍‌ରେ ୪ ବସ୍, ଆନ୍ଧ୍ରର ଆରକୁ ଗୋଟିଏ ବସ୍, ପାବତୀପୁରମକୁ ଗୋଟିଏ, କାଶୀପୁରକୁ ୨ , ଭଦ୍ରାଚଳମକୁ ୨, ଗୁଣପୁରକୁ ୨ ଓ ଭାୟା ରାୟଗଡ଼ା ଦେଇ ଯାଉଥିବା ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱରକୁ ଯାଉଥିବା ୮ ବସ୍ ଚଳାଚଳ ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ରାୟଗଡ଼ାରୁ ୬ ରୁଟ୍‌ରେ ସରକାରୀ ବସ୍ ଚଳାଚଳ ବନ୍ଦ କରାଯାଇଛି। ରାୟଗଡ଼ା-ବ୍ରହ୍ମପୁର, ରାୟଗଡ଼ା-ସାନ୍ଧୁବାଡ଼ି, ରାୟଗଡ଼ା-ନାରାୟଣପାଟଣା, ରାୟଗଡ଼ା-ଚନ୍ଦ୍ରପୁର, ରାୟଗଡ଼ା-କାଶୀପୁର, ରାୟଗଡ଼ା-ଡଙ୍ଗାପାଇ ରୁଟ୍‌ରେ ୮ ସରକାରୀ ବସ୍ ଚଳାଚଳ ବନ୍ଦ ରହିବ। ଆସନ୍ତା ୯ରୁ ବସ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ଜୟପୁର ଜୋନ୍ ଷ୍ଟେଶନ ମାଷ୍ଟର ନବୀନ ପତି କହିଛନ୍ତି। ପିଏଲ୍‌ଜିଏ ସପ୍ତାହ ପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୀମାନ୍ତ ଅଞ୍ଚଳକୁ ସିଲ୍ କରିବା ସହ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।

ଆଉ ଦୁଇ ଅଭିଯୁକ୍ତଙ୍କୁ ୱାଣ୍ଟେଡ୍ ଘୋଷଣା କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ଫେରାର ଥିବା ଆଉ ଦୁଇ ଅଭିଯୁକ୍ତଙ୍କୁ କ୍ରାଇବ୍ରାଞ୍ଚ ୱାଣ୍ଟେଡ୍ ଘୋଷଣା କରିଛି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏବଂ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଫ୍)ର ପୃଥକ ମାମଲାରେ ଉଭୟ ଅଭିଯୁକ୍ତ ଥିଲେ।। ଇଓଡବ୍ଲ୍ୟୁ ମାମଲାରେ ୱାଣ୍ଟେଡ୍ ହେଲେ ବରଗଡ଼ ଜିଲା ସଦର ଥାନା ଅଞ୍ଚଳର ହରପାଲ୍ ସିଂ ଓ ଏସ୍‌ଟିଫ୍ ମାମଲାରେ ୱାଣ୍ଟେଡ୍ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଜଗନ୍ନାଥପୁର ଗ୍ରାମର ଅନିଲ ପାଣ୍ଡି। ଏମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ କ୍ରାଇମବ୍ରାଞ୍ଚ ପୃଥକ ଫୋନ୍ ନମ୍ବର ଜାରି କରିଛି। ଅଭିଯୁକ୍ତ ହରପାଲ୍‌ଙ୍କ ପାଇ ୯୪୩୭୦୯୩୪୧୪ ଏବଂ ଅଭିଯୁକ୍ତ ଅନିଲଙ୍କ ପାଇଁ ୭୮୯୪୪୨୩୬୧୦ ମୋବାଇଲ ନମ୍ବରରେ ସୂଚନା ଦେବା ପାଇଁ କୁହାଯାଇଛି। ଏମାନଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ଦିଆଯିବ। ଏଥିସହ ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ସୂଚନା ଦେଲେ ମିଳିବ ପୁରସ୍କାର

ଏମ୍/ଏସ୍ ହରପାଲ ଫାର୍ମ ଏକ୍ୟୁପ୍‌ମେଣ୍ଟ୍‌ସର ମାଲିକ ହେଉଛନ୍ତି ଅଭିଯୁକ୍ତ ହରପାଲ। ସେ ନିଜ ସଂସ୍ଥା ମାଧ୍ୟମରେ ବିଭିନ୍ନ ଚାଷୀଙ୍କୁ କୃଷି ଉପକରଣ ଯୋଗାଉଥିଲେ। ୨୦୨୦ ମଧ୍ୟରେ ୨୮୧ଜଣ ଚାଷୀଙ୍କୁ ଚାଷୀ ଉପକରଣ ଦେଇଛନ୍ତି ବୋଲି ଜାଲ କାଗଜପତ୍ରରେ ଦର୍ଶାଇ ୩ କୋଟି ୫୦ ଲକ୍ଷ ଟଙ୍କା ସବ୍‌ସିଡି ଟଙ୍କା ଉଠାଇ ନେଇଥିଲେ। ଏନେଇ ଅଭିଯୋଗକ୍ରମେ ଗତ ଏପ୍ରିଲ ୨୩ରେ ଇଓଡବ୍ଲ୍ୟୁ ମାମଲା(ନଂ.୭/୨୧) ରୁଜୁ କରିଥିଲା। ଏହାପରେ ସେ ଫେରାର ହୋଇଯାଇଥିଲେ। ସେହପିର ଏସ୍‌ଟିଏଫ୍ ପାଇଁ ୱାଣ୍ଟେଡ୍ ଥିବା ଅଭିଯୁକ୍ତ ଅନିଲ ଜଣେ ନିଶା ବେପାରୀ। ସେ ବ୍ରାଉନସୁଗାର, ଗଞ୍ଜେଇ ଏବଂ ଅନ୍ୟାନ୍ୟ ନିଶା କାରବାର କରନ୍ତି। ତାଙ୍କ ନାମରେ ଏସ୍‌ଟିଫ୍ ମାମଲା (ନଂ.୨୯/୨୧) ରୁଜୁ କରିବାପରେ ସେ ଫେରାର ହୋଇଯାଇଛନ୍ତି।

ପ୍ରଥମ ପୃଷ୍ଠାରୁ...

ସମୀକ୍ଷା କଲେ ...

ସ୍ଥାନାନ୍ତର କରିବା ସହ ସ୍ୱାସ୍ଥ୍ୟ, ପିଇବା ପାଣି, ଜରୁରୀ ଔଷଧ ମହଜୁଦ, ବିକଳ୍ପ ମାଧ୍ୟମରେ ବିଦ୍ୟୁତ୍ ସେବା, ଯୋଗାଯୋଗ ଆଦି ଅତ୍ୟାବଶ୍ୟକ ସେବାର ବ୍ୟବସ୍ଥା କରିବା ନିମନ୍ତେ ଉଭୟ ରାଜ୍ୟର ପ୍ରମୁଖ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ପ୍ରଭାବିତ ହେବାକୁ ଥିବା ରାଜ୍ୟଗୁଡ଼ିକ ସହ ଯୋଗାଯୋଗରେ ଅଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ଫୋର୍ସ(ଏନ୍‌ଡିଆର୍‌ଏଫ୍)ର ୨୯ଟି ଟିମ୍‌କୁ ସମ୍ପୃକ୍ତ ରାଜ୍ୟରେ ମୁତୟନ କରାଯାଇଛି। ଆଉ ୩୩ ଟିମ୍ ଆବଶ୍ୟକସ୍ଥଳେ ନିୟୋଜନ ନିମନ୍ତେ ପ୍ରସ୍ତୁତ ଅଛନ୍ତି। ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ନୌସେନା ପକ୍ଷରୁ ଜାହାଜ ଏବଂ ହେଲିକପ୍ଟର ମୁତୟନ ହୋଇଛି। ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ବିପର୍ଯ୍ୟୟ ରିଲିଫ୍ ଏବଂ ମେଡିକାଲ ଟିମ୍ ମଧ୍ୟ ସଜାଗ ରହିଛନ୍ତି। ସେବା ନିରନ୍ତର ରଖିବାକୁ ଯୋଗାଯୋଗ, ଶକ୍ତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରିନ୍ସିପାଲ ସେକ୍ରେଟାରୀ, କ୍ୟାବିନେଟ ସଚିବ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ, ଏନ୍‌ଡିଆର୍‌ଏଫ୍ ଡିଜି, ଆଇଏମ୍‌ଡି ଡିଜି ପ୍ରମୁଖ ଉପସ୍ଥିତ ଥିଲେ।

୨୪ ଘଣ୍ଟାରେ ପ୍ରଦୂଷଣ ...

କର୍ମଚାରୀ ଘରେ ରହି ଅଫିସ୍ କାର୍ଯ୍ୟ କରୁଥିବାବେଳେ ପିଲାମାନଙ୍କୁ କ'ଣ ପାଇଁ ସ୍କୁଲ ଯିବାକୁ କୁହାଯାଉଛି ବୋଲି ଖଣ୍ଡପୀଠ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ତାଗିଦ୍ ପରେ ଦିଲ୍ଲୀ ସରକାର ପୁଣିଥରେ ସମସ୍ତ ସ୍କୁଲକୁ ବନ୍ଦ ଘୋଷଣା କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍କୁଲ୍‌ଗୁଡ଼ିକ ବନ୍ଦ ରହିବ। ତେବେ କାର୍ଯ୍ୟସୂଚୀ ଅନୁଯାୟୀ ବୋର୍ଡ ପରୀକ୍ଷା ହେବ ଏବଂ ଅନ୍‌ଲାଇନ୍ ଜରିଆରେ ପାଠପଢ଼ା ଚାଲିବ ବୋଲି ସରକାର କହିଛନ୍ତି। ଆଗକୁ ବାୟୁ ମାନରେ ଉନ୍ନତି ଆସିବ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ କ୍ରମେ ସ୍କୁଲ ଖୋଲିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ପ୍ରଦୂଷଣ ସ୍ତର ପୁଣି ଉପରମୁହାଁ ହେବାରୁ ଶୁକ୍ରବାରଠାରୁ ସ୍କୁଲ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି। ନଭେମ୍ବର ୧୩ରୁ ଦିଲ୍ଲୀରେ ସ୍କୁଲ୍ କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ପରେ ଗତ ସୋମବାରଠାରୁ ପାଠପଢ଼ା ଆରମ୍ଭ ହୋଇଥିଲା।

ସ୍କୁଲରେ ପଶି ବନ୍ଧୁକ ଦେଖାଇ ଲୁଟ୍

ବାରିପଦା ଅଫିସ,୨।୧୨- ସ୍କୁଲରେ ପଶି ବନ୍ଧୁକ ଦେଖାଇ ୨ ଶିକ୍ଷୟିତ୍ରୀଙ୍କଠାରୁ ଦୁର୍ବୃତ୍ତମାନେ ସୁନା ଗହଣା ଲୁଟି ନେବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୁରୁବାର ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ବାଉରା ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଦ୍ୱିପ୍ରହର ସମୟରେ ଶିକ୍ଷୟିତ୍ରୀ ନମିତା ମହାନ୍ତ ଓ ସ୍ୱର୍ଣ୍ଣଲତା ସୋରେନ ସ୍କୁଲରେ ବସିଥିବା ବେଳେ ହଠାତ୍ ୨ ଦୁର୍ବୃତ୍ତ ବାଇକ୍ ଯୋଗେ ସେଠାରେ ପହଞ୍ଚି ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ପରେ ଦୁଇ ଶିକ୍ଷୟିତ୍ରୀଙ୍କଠାରୁ ୨ଟି ମଙ୍ଗଳସୂତ୍ର, ୨ଟି କାନଫୁଲ ଓ ଏକ ହଳ ପଲା ଆଦି ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇ ପଳାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ODISHA PUBLIC SERVICE COMMISSION CUTTACK

NOTICE

No. 8737/PSC, (1R-87-21-22) (DR-V), Dt. 01.12.21

No. D-211:- It is for information of all concerned that, document verification of candidates having **PPSAN** mentioned below for the post of **Professor in English** pursuant to advertisement No.10 of 2021-22 shall be held on **14.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001. Candidates applied on offline mode have been allotted reference number.

PROGRAMME OF DOCUMENT VERIFICATION

Date	Time of Verification	PPSAN/Reference No.
14.12.2021	10.30 AM	PPSAN :- 00112018, 00112154, 00109566, 00110627, 00110959, 00109578, 00109092 & 00110819 = **8 Candidates**
	02.30 PM	PPSAN :- 00109679, 00111767, 00109280, 00111187 = **4 Candidates** Ref. No. :- 171 = **01 Candidate**

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
   a. All original Research Publicaitons/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0145/2122 **Sd./- Secretary**

ST & SC DEVELOPMENT DEPARTMENT
INTEGRATED TRIBAL DEVELOPMENT AGENCY, BONAI
DIST: SUNDARGARH
Ph.No.: 06626-244429, email: itdabni@nic.in
No.CAD-2100:- **Govt. of Odisha 'e' Procurement Notice**
Bid Identification No. 05/ITDA BNI of 2021-22

1	No. of work	:	7 (Seven) Nos.
2	Estimated cost	:	Rs.11.67 lakhs to Rs.161.00 lakhs
3	Period of completion	:	6 (Six) months to 8 (Eight) months [The repair, renovation and beautification works included in the bid must be completed by 15.02.2022 without fail. In case of any deviation, the entire expenditure shall be forfeited]
4	Date & time of availability of bid documents in the portal	:	02 December 2021 at 5 P.M.
5	Last date / time for receipt of bids in the portal	:	09 December 2021 upto 5 P.M.
6	Date of opening of bids	:	10 December 2021 upto 11.00 A.M.
7	Name and address of the officer inviting bid	:	Project Administrator, ITDA, Bonai

Further details can be seen from the e-procurement portal http://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only.
OIPR-26050/11/0002/2122 **Sd./- Project Administrator, I.T.D.A., Bonai**

DISTRICT MINERAL FOUNDATION TRUST, ANGUL, ODISHA
Tele: 0674-230745 / E-mail: dmfangul@gmail.com
EoI No. 1156 **Date: 30.11.2021**

Express of Interest (EoI)

No. CAD-2103: District Mineral Foundation Trust, Angul invites Expression of Interest (EoI) from reputed Non-Govt. Organization for "Conducting Survey Managing mixed method data collection for the baseline assessments of health and nutrition project of Angul district. Interested organizations are requested to download the EoI documents from the website: **www.angul.nic.in**. Queries pertaining to the EoI document can be communicated to this office in the E-mail ID: **dmfangul@gmail.com** by 8th December' 2021 (5.00 P.M.). The last date for receipt of the bid documents is 22nd Decmber' 2021 (5.00 P.M.).

Sd./- P.D., DRDA-cum-
Chief Executive, DMF, Angul
OIPR-19132/11/0005/2122

OFFICE OF THE ANGUL MUNICIPALITY, ANGUL
No.6092 Dt.29.XI.2021

QUOTATION CALL NOTICE

No.C-1445:- Sealed quotations are invited from the intending from contractor / fabricator / manufacturer / authorised dealer for **Supplying and Erection of JAGA Mission Hoarding for Branding at different places at Angul Municipality, Angul as detailed specification in schedule below in the prescribed proforma**. The quotation should reach to the undersigned by 8.12.21 upto 11.00 Noon and the same wil be opened on the same day at 12.00 Noon in the office of the undersigned in presence of the quotationers or his authorized representative. The Photo Copy of GST Registration certificate, PAN Card etc. thereof should be attached with the quotation. Tender Paper will be sold till 07.12.2021 upto 5.00 P.M. The cost of quotation Paper is Rs.1000.00 (Rupees One Thousand) (non Refundable) in shape of Cash and EMD of Rs.5000.00 in shape of D.D./ Cheque in favour of the Executive Officer, Angul Municipality, Angul or Cash in shape of Municipal Money Receipt. (The applicant should attach original Municipal Money Receipt of paper cost along with the quotation. The quotation received after due date and time shall not be entertained.

The Details of specification, terms and condition of the quotation will be available in the office of the undersigned during office hour on all working days w.e.f. from date of publication of this quotation.

The undersigned reserves the right to accept or reject any or all the quotations without assigning reasons thereof.

Sd./- Executive Officer, Angul Municipality
OIPR-13085/11/0048/2122

GOVERNMENT OF ODISHA e-PROCUREMENT NOTICE
WORKS DEPARTMENT
Bid Identification No.S.E. CBT (R&B) 19/2021-22
No.B-714 **charbatiadivision1@gmail.com**

i.	Name of the work	:	Check Dam works - 03 Nos.
	Estimated cost	:	**Rs.18,30,657/- to Rs.67,23,005/-**
ii.	Period of completion	:	03 months to 04 months (90 days to 120 days)
iii.	Date & time of availability of Bid documents in the portal: **from 10.00 AM of 01.12.2021 to 15.12.2021 up to 5.00 PM for 'online' bidding**		
iv.	Last date/time for receipt of Bids in the portal: **15.12.2021 upto 5.00 PM**		
v.	Name and address of the officer inviting Bid: **Superintending Engineer, Charbatia (R&B) Division, Choudwar**		

Further details can be seen from the e-procurement portal **http://www.tendersorissa.gov.in**. Any addendum/ cancellation of tender can also be seen in the said website.

Sd./- Superintending Engineer
OIPR-34092/11/0009/2122 **Charbatia (R&B) Division, Choudwar**

No. C-1438

BHUBANESWAR MUNICIPAL CORPORATION
E-PROCUREMENT NOTICE
No.86600 **E-Mail ID: ee2@bmc.gov.in** Dt.29.11.2021

1.	Bid Reference No.	:	BMC-EED-II-17/2021-22 Dt.....
2.	Tender Call Notice No.	:	No..... Dt. .....
3.	No. of works	:	2 Nos
4.	Bid Value	:	Rs.1,30,31,431/- to Rs.2,23,21,199/-
5.	Period of Completion	:	180 Days

Date and time Schedule

Start	End	Opening of Technical Bid
11.00 A.M. of 04.12.21	5.00 P.M. of 24.12.21	11.00 A.M. of 27.12.21

6. Tender details: Can be seen for the procurement portal **https://www.tendersodisha.gov.in**. BMC Website **https:// www.bmc.gov.in**

Sd./- City Engineer
OIPR-13002/11/0097/2122 **Bhubaneswar Municipal Corporation**

GOVT. OF ODISHA No. A-684
OFFICE OF THE ENGINEER-IN-CHIEF
WATER RESOURCES, ODISHA, BHUBANESWAR
'e' Procurement Notice No. CEMKS 12 of 2021-22

1. Name of the work : Slope Protection to Devi Right Bank from RD 71.000Km to 71.740Km. near Village Parisikhar
2. Amount put to tender : Rs.11,59,08,270.00
3. Bid Document Cost : Rs.10,000.00 (Online)
4. E.M.D. : Bid security declaration to be furnished as per Annexure - III of Section-6 of Technical Bid document
5. Class of Contractor : Special Class & Super Class
6. Period of Completion : 18 Calendar Months (548 days)
7. Other details are as follows :

Procurement Officer	Bid Identification No.	Availability of Tender Online for Bidding		Date of Opening of Technical Bid (Cover-I)
		From	To	
Chief Engineer & BM, Mahanadi Kathajodi System, Bhubaneswar	CEMKS NMPD 02 of 2021-22	04.12.2021 10.00 hrs.	20.12.2021 17.00 hrs.	21.12.2021 11.00 hrs.

8. e-mail Id: : **celmbbbsr@yahoo.co.in**

Further detail conditions can be seen from the Govt. website **www.tendersorissa.gov.in**.

Sd./- Chief Engineer & Basin Manager
Mahanadi Kathajodi System, Bhubaneswar
OIPR-32252/11/0013/2122

GOVERNMENT OF ODISHA
No. CAD-2099 **OFFICE OF THE**
PROJECT DIRECTOR, DRDA, BARGARH
E-mail: ori-dbargarh@nic.in
Tender Call Notice No. 4311 / Dt.30.11.2021 / Health Building Works

1.	Type of works	:	Health Building Works
2.	Total No. of Works	:	(06) Nos.
3.	Estimated Cost	:	Rs.18.00 lakh to Rs.20.00 lakh (approx.)
4.	Class Contractor	:	"D" & "C" Class
5.	Period of Completion	:	6 (Six) Calendar Months
6.	Date of Bidding	:	02.12.2021 at 10.00 A.M. to 13.12.2021 upto 4.00 P.M.
7.	Last date of receipt Document	:	16.12.2021 upto 4.00 P.M.
8.	Date & time of opening of tender	:	17.12.2021 at 11.00 A.M.

Bid documents consisting of specification & schedule of quantities (BOQ) and the set of terms and conditions of contract (DTCN) along with other necessary documents can be obtained/download from district NIC website **www.bargarh.nic.in** and sealed bids must be enclosed with appropriate cost in shape of a non-refundable Demand Draft of Rs.6000/- only for each work, separately issued from any scheduled bank payable at Bargarh in favour of **Project Director, DRDA, Bargarh**. Interested bidders may obtain further information at the same address.

Sd./- Project Director
DRDA, Bargarh
OIPR-19127/11/0006/2122

ଉପ-ନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟ, ବରଗଡ଼
ସଂଖ୍ୟା: ୩୪୫୧ ତା୩୦।୧୧।୨୦୨୧

ବିଜ୍ଞାପନ

No. PP-79: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ବରଗଡ଼ ନିକଟସ୍ଥ ବେହେରା ଗ୍ରାମରେ ନୂତନ ଭାବରେ ନିର୍ମିତ ବୁଣାକାର ବଜାରକୁ କାର୍ଯ୍ୟକ୍ଷମ/ଚାଲୁ କରିବା ନିମିତ୍ତ ଏଠାରେ ଉପଲବ୍ଧଥିବା ବିଭିନ୍ନ ମହଲାର ଦୋକାନ ଗୃହ/ପିଣ୍ଡି/ସ୍ଥାନକୁ ଆବଣ୍ଟନ ସକାଶେ ଇଚ୍ଛୁକ/ଆଗ୍ରହୀ ମାଷ୍ଟର ବୁଣାକାର, ବୁଣାକାର ଓ ହସ୍ତତନ୍ତ ବ୍ୟବସାୟୀଙ୍କଠାରୁ ଏଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଆବେଦନ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଦରଖାସ୍ତ ଫର୍ମ ଉପ-ନିର୍ଦ୍ଦେଶକ, ବୟନଶିଳ୍ପ, ବରଗଡ଼ଙ୍କ କାର୍ଯ୍ୟାଳୟ ସହ ବେହେରା ସାପ୍ତାହିକ ବଜାର ପ୍ରାଙ୍ଗଣ (RMC) ପରିସରରେ ବିନା ମୂଲ୍ୟରେ ଛୁଟିଦିନ ବ୍ୟତୀତ ଅଫିସ୍ ସମୟ ୧୦.୦୦ଘ.ରୁ ୫.୦୦ ମଧ୍ୟରେ ମିଳିପାରିବ। ଇଚ୍ଛୁକ ବ୍ୟକ୍ତିବିଶେଷମାନେ ଆବଶ୍ୟକୀୟ କାଗଜାତ ସହ ଆସନ୍ତା ତା୩୦।୧୧।୨୦୨୧ରିଖରୁ ତା୦୯।୧୨।୨୦୨୧ ଅଫିସ୍ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଆବେଦନ ବାକ୍ସରେ ଆବେଦନ ଫର୍ମକୁ ଦାଖଲ କରିପାରିବେ। ଉକ୍ତ ନବ ନିର୍ମିତ ବୁଣାକାର ବଜାରର ପ୍ରଥମ ମହଲାର ଦୋକାନ ପାଇଁ (10ft. × 10ft.) ପାଳି ପ୍ରତି ଟ.୨୫୦/- ଓ ତଳ ମହଲାର ଦୋକାନ (10ft. × 10ft.) ପାଇଁ ପାଳି ପ୍ରତି ଟ.୩୫୦/- ଏବଂ ପିଣ୍ଡି (4ft. × 4ft. ଆପାତତଃ) ପାଳି ପାଇଁ ପ୍ରତି ଭଡ଼ା ଟ.୨୦/-ଙ୍କା ଚୟନ କମିଟି ଦ୍ୱାରା ନିର୍ଦ୍ଧାରିତ କରାଯାଇଅଛି।

ପ୍ରକାଶ ଥାଉକି, କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ଉକ୍ତ ଦୋକାନ ଗୃହ ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କିମ୍ବା ବାତିଲ କରିପାରିବେ।

ଉପ-ନିର୍ଦ୍ଦେଶକ
ବୟନଶିଳ୍ପ, ବରଗଡ଼
OIPR-31032/11/0004/2122

ନିଲାମ ଇସ୍ତାହାର

No. MM-266: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଖୋର୍ଦ୍ଧା ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲରୁ ୨୦୨୧-୨୨ (୨୦୨୨ ବର୍ଷର) କାଜୁ ବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ

କୋଭିଡ୍ ପରିଚାଳନାରେ କେନ୍ଦ୍ରର ଭେଦଭାବ

ନୂଆଦିଲ୍ଲୀ,୨।୧୨

କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହର ବେଳେ କେନ୍ଦ୍ର ସରକାର ଏହାର ମୁକାବିଲା କ୍ଷେତ୍ରରେ ପକ୍ଷପାତ କରିଥିବା ଗୁରୁବାର ଲୋକ ସଭାରେ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଏଥିସହ ନୂଆ ଭାରିଆଣ୍ଟ ଓମିକ୍ରନ୍‌ର ଭୟାବହତାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ବିମାନ ଚଳାଚଳ ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି।

ଶୀତ ଅଧିବେଶନ ଚତୁର୍ଥ ଦିନରେ ଲୋକ ସଭା ଶୂନ୍ୟକାଳରେ ଶିବସେନା ସଦସ୍ୟ ବିନାୟକ ରାଉତ୍ କହିଥିଲେ, ମହାମାରୀ ଆସିବାର ୨୧ ମାସ ପରେ ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗିଥିବାବେଳେ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଉଛି। ଓମିକ୍ରନ୍ ଭାରିଆଣ୍ଟକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ମଧ୍ୟରେ ସମନ୍ୱୟ ରହିବା ଜରୁରୀ। କେନ୍ଦ୍ର ସରକାର ଭାଜପା ଶାସିତ ରାଜ୍ୟଗୁଡ଼ିକୁ ଅତ୍ୟଧିକ ଭାକ୍ସିନ ଯୋଗାଇ ଦେଉଥିବାବେଳେ ଅଣଭାଜପା ରାଜ୍ୟଗୁଡ଼ିକୁ ଅଣଦେଖା କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୩୦ କୋଟି ଲୋକଙ୍କୁ ଉତ୍ତରଦାୟୀ ହେବା ଉଚିତ। ମହାରାଷ୍ଟ୍ରକୁ ଉଣା କରି ଗୁଜରାଟକୁ ସାହାଯ୍ୟ କରିବା ଯୁକ୍ତିଯୁକ୍ତ ନୁହେଁ। ଉତ୍ତର ପ୍ରଦେଶରେ ନିର୍ବାଚନ ହେବାକୁ ଥିବାରୁ ସେହି ରାଜ୍ୟକୁ ସର୍ବାଧିକ ଟିକା ଦେବା

ପାର୍ଲାମେଣ୍ଟରେ ଘେରିଲେ ବିରୋଧୀ

ଅନୁଚିତ। ରାଜ୍ୟଗୁଡ଼ିକୁ ଜନସଂଖ୍ୟା ଆଧାରରେ ଟିକା ବଣ୍ଟନ କରାଯାଉ ବୋଲି ସେ ଦାବି କରିଥିଲେ। କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ କହିଥିଲେ, ଦ୍ୱିତୀୟ ଲହର ନେଇ ସତର୍କତା ସତ୍ତ୍ୱେ ସରକାର ଏହାକୁ ଅଣଦେଖା କରିଥିଲେ। ଏଥିଯୋଗୁ ହସ୍ପିଟାଲଗୁଡ଼ିକରେ ବେଡ୍, ଅକ୍ସିଜେନ୍ ଓ ଭାଣ୍ଟିଲେଟର ସଙ୍କଟ ସୃଷ୍ଟି ହୋଇଥିଲା। ଗରିବଙ୍କ ଦୁଃଖ ବହୁଗୁଣିତ ହୋଇଥିବାବେଳେ ବହୁ ଲୋକ ରୋଜଗାର ହରାଇଥିଲେ। ସରକାର ସେମାନଙ୍କୁ ସହାୟତା ଦେବା ପରିବର୍ତ୍ତେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ସିଲିଣ୍ଡର ଦାମ୍ ବଢ଼ାଉଛନ୍ତି। ସରକାର ଭିଷ୍ଟା ପ୍ରୋଜେକ୍ଟ ନିର୍ମାଣ ପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଗରିବଙ୍କ ପାଇଁ ଟଙ୍କା ନାହିଁ ବୋଲି ଗୋଗୋଇ ସମାଲୋଚନା କରିଥିଲେ। ସେହିପରି ତୃଣମଳ କଂଗ୍ରେସ, ସମାଜବାଦୀ ପାର୍ଟି ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ କୋଭିଡ୍ ପରିଚାଳନା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସେହିପରି ୧୨ ସଦସ୍ୟଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ନେଇ ରାଜ୍ୟ ସଭାରେ ବିରୋଧୀ ହଙ୍ଗାମା କରିଥିଲେ।

୭ ରାଜ୍ୟରେ ଦିଆଯିବ ଜାଇକୋଭ୍-ଡି ଟିକା

ଜାଇଡସ୍ କାଡିଲାର କରୋନା ଟିକା ଜାଇକୋଭ୍-ଡି ପ୍ରାରମ୍ଭିକ ପର୍ଯ୍ୟାୟରେ ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଞ୍ଜାବ ଓ ପଶ୍ଚିମବଙ୍ଗରେ ବ୍ୟବହାର କରାଯିବ। ଏ ପର୍ଯ୍ୟନ୍ତ କୋଭିଡ୍ ଟିକାର ସିଙ୍ଗଲ ଡୋଜ୍ ନେଇ ନ ଥିବା ବ୍ୟକ୍ତିଙ୍କ ସଂଖ୍ୟା ଯେଉଁ ଜିଲାଗୁଡ଼ିକରେ ଅଧିକ ରହିଛି ତାହାକୁ ଚିହ୍ନଟ କରିବାକୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ କୁହାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଗୁରୁବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସହ 'ହର୍ ଘର ଦସ୍ତକ' ଅଭିଯାନର ସମୀକ୍ଷା କରିବା ଅବସରରେ ଉପରୋକ୍ତ ୭ ରାଜ୍ୟଗୁଡ଼ିକୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

୧୨ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଟିକାକରଣ ନିମନ୍ତେ ଜାଇକୋଭ୍-ଡିକୁ ଭାରତର ଡ୍ରଗ୍ସ ନିୟନ୍ତ୍ରକ ମଞ୍ଜୁରୀ ଦେଇଥିଲେ। ଜାଇକୋଭ୍-ଡି ବ୍ୟବହାର ପାଇଁ ଜାତୀୟ ସ୍ତରରେ ତାଲିମ୍ ପ୍ରୋଗ୍ରାମ ଶେଷ ହୋଇଛି। ଜାଇକୋଭ୍-ଡି ଭାରତର ପ୍ରଥମ ଡିଏନ୍ଏ ପ୍ଲାଜମିଡ୍ ଭାକ୍ସିନ। ବିନା ଛୁଞ୍ଚି ବ୍ୟବହାରରେ 'ଫାର୍ମାଜେଟ୍' ଆପ୍ଲିକେଟର ଜରିଆରେ ଏହି ଟିକା ଦିଆଯିବ। ୨୮ ଦିନ ବ୍ୟବଧାନରେ ଭାକ୍ସିନର ୩ଟି ଡୋଜ୍ ନେବାକୁ ପଡ଼ିବ। ଜାଇଡସ୍ କାଡିଲା ୧ କୋଟି ଟିକା ଡୋଜ୍ ଯୋଗାଣ ପାଇଁ ଭାରତ ସରକାରଙ୍କଠାରୁ ଅର୍ଡର ନେଇଥିବା ବାବଦରେ ଗତ ନଭେମ୍ବର ୮ରେ ସୂଚନା ଦେଇଥିଲା।

ଏହାକୁ ନେଇ ଉଚ୍ଚ ସଦନ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଥିଲେ। ଗୃହରେ ଅଗଣତାନ୍ତ୍ରିକ ବ୍ୟବହାରକୁ ତିରସ୍କାର କଲେ ତାକୁ ଅଗଣତାନ୍ତ୍ରିକ ବୋଲି ନିନ୍ଦା କରାଯାଇପାରିବ ନାହିଁ। ରାଜ୍ୟ ସଭାରେ ଜଳଶକ୍ତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ପୂର୍ବରୁ ଲୋକ ସଭାରେ ଗୃହୀତ ହୋଇଥିବା ଡ୍ୟାମ୍ ସୁରକ୍ଷା ବିଲ୍, ୨୦୧୯ ଉପରେ ବକ୍ତବ୍ୟ ରଖୁଥିବାବେଳେ ଅନ୍ୟ ବିରୋଧୀ ଏହାକୁ ଅସାମ୍ବିଧାନି ଓ ରାଜ୍ୟ ଅଧିକାର ଉପରେ ହସ୍ତକ୍ଷେପ ଭାବେ ଅଭିହିତ କରି ସିଲେକ୍ଟ କମିଟିନିକଟକୁପଠାଇବାକୁଦାବିକରିଥିଲେ।

ଲକ୍ଷେ ତଳକୁ ଖସିଲା ସକ୍ରିୟ ମାମଲା

ନୂଆଦିଲ୍ଲୀ, ୨।୧୨: ଦୀର୍ଘ ୫୪୮ ଦିନ ପରେ ଭାରତରେ କୋଭିଡ୍-୧୯ ସକ୍ରିୟ ମାମଲା ସଂଖ୍ୟା ବୁଧବାର ୧ ଲକ୍ଷ ତଳକୁ ଖସିଛି। ୨୦୨୦ ଜୁନ୍ ୨ରେ ସକ୍ରିୟ ମାମଲା ସଂଖ୍ୟା ୧ ଲକ୍ଷ ଟପିଥିଲା। ସେହିବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ସଂକ୍ରମଣ ବୃଦ୍ଧି ପାଇ ସର୍ବାଧିକ ୧୦,୧୧,୧୦୪ରେ ପହଞ୍ଚିବା ପରେ ଖସିବା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ସଂକ୍ରମଣ କମିବା ପରେ କୋଭିଡ୍‌ର ଦ୍ୱିତୀୟ ଲହର ଆରମ୍ଭ ହୋଇଥିଲା ଓ ଦୈନିକ ସଂକ୍ରମଣ ୪ ଲକ୍ଷ ଟପିଯାଇଥିଲା। ମେ' ୭ ବେଳକୁ ସକ୍ରିୟ ମାମଲା ସଂଖ୍ୟା ୩୭ ଲକ୍ଷରୁ ଅଧିକ ରହିଥିଲା। ବୁଧବାର ସକ୍ରିୟ ମାମଲା ସଂଖ୍ୟା ୯୯,୦୨୩କୁ ଖସିଥିବାବେଳେ ଗୁରୁବାର ସକାଳ ସୁଦ୍ଧା ଏହା ୭୪୦ ବୃଦ୍ଧି ପାଇ ୯୯, ୭୬୩ରେ ପହଞ୍ଚିଛି।

ଦକ୍ଷିଣ ଆଫ୍ରିକାରେ ଦିନକରେ ୨ ଗୁଣା ସଂକ୍ରମଣ

ଜୋହାନ୍ସବର୍ଗ, ୨।୧୨: କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ଦକ୍ଷିଣ ଆଫ୍ରିକାରେ ବୁଧବାର ଗୋଟିଏ ଦିନରେ ଦୁଇଗୁଣ ହୋଇଥିବା ଜଣାପଡ଼ିଛି। ଗତ ସପ୍ତାହରେ ବୈଜ୍ଞାନିକମାନେ ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଏହି ଭାରିଆଣ୍ଟ ଚିହ୍ନଟ କରିଥିଲେ। ଗୋଟିଏ ଦିନରେ ସଂକ୍ରମଣ ଦୁଇଗୁଣ ହେବା ଘଟଣାରୁ ଏହାର ସଂକ୍ରମଣ ତୀବ୍ରତା ସ୍ପଷ୍ଟ ହୋଇଯାଇଛି। ସରକାରୀ ତଥ୍ୟ ଅନୁଯାୟୀ ଦିନକ ପୂର୍ବରୁ ସେଠାରେ ୪,୩୭୩ ମାମଲା ଥିବାବେଳେ ବୁଧବାର ୮,୫୪୧ରେ ପହଞ୍ଚିଛି। ଆଗାମୀ ଦିନରେ ଏହା ଆହୁରି ଦ୍ରୁତ ବେଗରେ ବ୍ୟାପିପାରେ ବୋଲି ଡବ୍ଲ୍ୟୁଏଚ୍‌ଓର ଆଞ୍ଚଳିକ ଭାଇରୋଲୋଜିଷ୍ଟ ଡ. ନିକ୍‌ସି ଗୁମେଡେ-ମୋଏଲେଟ୍‌ସି କହିଛନ୍ତି। ନଭେମ୍ବର ପ୍ରଥମ ଭାଗରେ ନୂଆ ଭାରିଆଣ୍ଟ ସଂକ୍ରମଣ ହାର ୧ ପ୍ରତିଶତ ରହିଥିବାବେଳେ ବୁଧବାର ଏହା ୧୬.୫ ପ୍ରତିଶତରେ ପହଞ୍ଚିଛି। ୬ କୋଟି ଜନସଂଖ୍ୟା ବିଶିଷ୍ଟ ଦକ୍ଷିଣ ଆଫ୍ରିକାରେ ମୋଟ କୋଭିଡ୍ ସଂକ୍ରମଣ ମାମଲା ୨୯ ଲକ୍ଷରୁ ଅଧିକ ରହିବା ସହ ୯୦ ହଜାର ଲୋକଙ୍କ ମୃତ୍ୟୁ ଘଟିଛି।



'ଧରିତ୍ରୀ'ର ୪୮ତମ ବାର୍ଷିକ ଉତ୍ସବ ଅବସରରେ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସଭ୍ୟାସଭ୍ୟ, ୱାର୍ଡ ସଦସ୍ୟ ଓ ଜନସାଧାରଣଙ୍କୁ ଆଗାମୀ ନବବର୍ଷ ପା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୩/ ୨୦୨୧ Sambalpur, Friday, December 3/ 2021

ପାଗ, ଦଳ ଚୟନ ନେଇ ଚିନ୍ତା

ମୁମ୍ବାଇ,୨।୧୨

ଭାରତ ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍। ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ କୋହଲି ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ବେଶ୍ କିଛିଦିନ ବିଶ୍ରାମ ନେବା ପରେ କୋହଲି ପୁଣି ଥରେ ଟେଷ୍ଟ ଖେଳିବେ। କାନପୁରରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ନାଟକୀୟ ଢଙ୍ଗରେ ଡ୍ର ରହିବା ଫଳରେ ଭାରତ ନିରାଶ ହୋଇଥିଲା। ତେବେ ଏହି ମ୍ୟାଚ୍ ଜିତି ଭାରତ ସିରିଜ

ଆଜିଠାରୁ ଦ୍ୱିତୀୟ ଟେଷ୍ଟ

ହାତେଇବାକୁ ପ୍ରୟାସ କରିବ।

ମ୍ୟାଚ୍‌ର ପ୍ରଥମ ଦିବସରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆଉଟ ଫିଲ୍ଡ ଓଦା ହେବା ସହିତ ପିଚ୍‌ରେ ଆର୍ଦ୍ରତା ରହିବ। ତେଣୁ ବଲ୍ ଏକ୍ସଟ୍ରା ବାଉନ୍ସ କରିବ। ଏଭଳି ସ୍ଥିତିରେ ନିଲ ୱାଗନରଙ୍କ ସମେତ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଘାତକ ସାବ୍ୟସ୍ତ ହେବେ। ପାରମ୍ପରିକ ଭାବେ ଘରୋଇ ମାଟିରେ ଭାରତ ସିରିଜ୍ ମଝିରେ ଦଳରେ ପରିବର୍ତ୍ତନ କରି ନ ଥାଏ। ତେବେ ଦଳରେ ଦୁଇଜଣ ବ୍ୟାଟର ରନ୍ ସ୍କୋର କରିବାରେ ବିଫଳ ହୋଇଛନ୍ତି। ତେଣୁ ଅଧିନାୟକ କୋହଲି ଓ ନୂଆ କୋଚ୍ ଦ୍ରାଭିଡ୍ ଏହି

ଅଭ୍ୟାସ ଅବସରରେ ଅଧିନାୟକ ବିରାଟ କୋହଲି, ଶୁବମନ ଗିଲ, କୋଚ୍ ରାହୁଲ ଦ୍ରାଭିଡ୍

ମ୍ୟାଚ୍ ପାଇଁ ଦଳ ଚୟନ ନେଇ ଚିନ୍ତିତ ଥିବେ। କାନପୁରରେ ପଦାର୍ପଣ କରି ପ୍ରଥମ ଇନିଂସରେ ୧୦୫ ଓ ଦ୍ୱିତୀୟ ଇନିଂସରେ ୬୫ ରନ କରି ରେକର୍ଡ କରିଥିବା ଶ୍ରେୟାସ ଆୟାରଙ୍କ ସ୍ଥାନ ଦଳରେ ନିଶ୍ଚିତ ନୁହଁ। ସେ ଦ୍ୱିତୀୟ ଟେଷ୍ଟ ଖେଳିବା ନିଶ୍ଚିତ ନୁହେଁ। ପୂର୍ବରୁ ମଧ୍ୟ ଏପରି ହୋଇଛି। ୨୦୧୬ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ଚେନ୍ନାଇରେ ଅନୁଷ୍ଠିତ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ କର୍ନାଟକ ବ୍ୟାଟର କରୁନ ନାୟାର ୩୦୩ ରନର ଅପରାଜିତ ତ୍ରିଶତକୀୟ ପାଳି ଖେଳିଥିଲେ ମଧ୍ୟ ପର ସିରିଜରୁ ବାଦ୍ ପଡିଥିଲେ।

୨୦୧୨ ରେ ଅଜିଙ୍କ୍ୟ ରାହାନେ କ୍ରମାଗତ ଦ୍ୱାଦଶଥର ପାଇଁ ବ୍ୟାଟିଂରେ ଫେଲ ମାରିଛନ୍ତି। ତେବେ ସେ ଗତ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଥିବାରୁ ତାଙ୍କୁ ଦୁର୍ବଳ ଫର୍ମ କାରଣରୁ ଦଳରୁ ବାଦ୍ ଦେବା ଉଚିତ ମନେ ହେଉନାହିଁ। ପୁଣି ଘରୋଇ ପିଚ୍‌ରେ ସେ ଭଲ ଖେଳିବେ ବୋଲି ଆଶା କରାଯାଉଛି। ସେହିପରି ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ମଧ୍ୟ ଖରାପ ଫର୍ମ ଦେଇ ଗତି କରୁଛନ୍ତି। କ୍ରମାଗତ ଭାବେ କେତୋଟି ସିରିଜରେ ସେ ବିଫଳ ହୋଇ ଆସୁଛନ୍ତି। ଗତ ଇଂଲଣ୍ଡ ଗସ୍ତରେ ମଧ୍ୟ ସେ ଆଶାନୁରୂପ ଖେଳିପାରି ନ ଥିଲେ। ଚଳିତ ସିରିଜରେ ଘରୋଇ ମାଟିରେ ମଧ୍ୟ ସେ ବିଫଳ ହୋଇଛନ୍ତି। ତେବେ ଆଗାମୀ ଦକ୍ଷିଣ ଆଫ୍ରିକା ଗସ୍ତରେ ପୂଜାରା ଏକମାତ୍ର ବ୍ୟାଟର ଭାବେ କାଗିସୋ ରାବାଡ଼ା ଓ ଅନରିଚ ନୋର୍ଜଙ୍କ କୋକାବୁରା ବଲ୍‌କୁ ସଫଳତାର ସହ ମୁକାବିଲା କରିବାର କ୍ଷମତା ରଖୁଛନ୍ତି ବୋଲି କୋହଲି ଜାଣିଛନ୍ତି। ତେଣୁ ପୂଜାରା ଓ ରାହାନେ ଏହି ମ୍ୟାଚ୍ ଖେଳିବା ଏକପ୍ରକାର ନିଶ୍ଚିତ। ତେବେ ଇଞ୍ଜୁରି ହେଲେ ଏମାନେ ଦଳରୁ ବାଦ୍ ପଡ଼ିପାରନ୍ତି। ଦୁଇ ବର୍ଷ ହେବ ରାହାନେ ରନ ସଂଗ୍ରହ କରିପାରୁ ନ ଥିଲେ ମଧ୍ୟ କୋହଲି ମଧ୍ୟ ଦୁଇବର୍ଷ ହେବ କୌଣସି ଫର୍ମାଟ୍‌ରେ ଶତକ ହାସଲ କରିପାରିନାହାନ୍ତି। ଏପରି ସ୍ଥଳେ ମୟଙ୍କ ଅଗ୍ରୱାଲଙ୍କୁ ଦଳରୁ ବାଦ୍ ଦିଆଯାଇପାରେ। ଓପନର ଶୁବମନ ଗିଲ କାନପୁରରେ ପ୍ରଥମ ଇନିଂସରେ ଆକ୍ରମଣାତ୍ମକ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ମୟଙ୍କ ସ୍ଥାନରେ କୋହଲି ଦଳକୁ ଫେରିବେ ବୋଲି ଆଶା କରାଯାଉଛି। ଯଦି ମୟଙ୍କ ବାଦ୍ ପଡନ୍ତି ତେବେ ଶୁବମନଙ୍କ ସହ କିଏ ଇନିଂସ ଓପନ କରିବ ସେ ନେଇ ପ୍ରଶ୍ନ ଉଠୁଛି। ତେଣୁ ପୂଜାରା କିମ୍ବା ଉଇକେଟକିପର ବ୍ୟାଟର କେ.ଏସ. ଭରତ ଏବେ ବିକଳ୍ପ ଭାବେ ଉଭା ହୋଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଭରତ ସର୍ବାଧିକ ୩୦୮ ରନ ସଂଗ୍ରହ କରିଛନ୍ତି। ରିଦ୍ଧିମାନ ଶାହାଙ୍କ ବେକରେ ବଲ୍ ବାଜିବା କାରଣରୁ ଭରତ କିଛି ସମୟ ପାଇଁ କିପିଂ କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଦଳକୁ ନିଲ ୱାଗନର ପ୍ରତ୍ୟାବର୍ତ୍ତନ କରୁଛନ୍ତି। ତେଣୁ ସ୍ପିନର ଓ ପେସରଙ୍କୁ ନେଇ ନ୍ୟୁଜିଲାଣ୍ଡ ବୋଲିଂ ବିଭାଗ ଆହୁରି ଦୃଢ ହେବ ବୋଲି ଆଶା କରାଯାଉଛି। ୱାଗନର ଦଳକୁ ଫେରିଲେ ଓ୍ୱିଲ ସମରଭିଲ ବାଦ୍ ପଡିବେ। ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା ଲୟରେ ନ ଥିବାରୁ ତାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଦଳରେ ସାମିଲ କରାଯାଇପାରେ। ଦଳରେ ୩ ସ୍ପିନର ସ୍ଥାନ ବଜାୟ ରଖିବେ। ସିରିଜ ହାତେଇବା ପାଇଁ ଉଭୟ ଦଳ ପାଖରେ ସୁଯୋଗ ଥିବାରୁ ଏହି ମ୍ୟାଚ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

ମ୍ୟାଚ୍ ଆରମ୍ଭ: ସକାଳ ୯.୩୦
ସ୍ଥାନ: ୱାଙ୍ଖଡେ, ମୁମ୍ବାଇ
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

ଅଞ୍ଜୁ ବବି 'ଓମ୍ୟାନ ଅଫ୍ ଇୟର'

ମନୋକୋ, ୨।୧୨ (ପି.ଟି.)

ଭାରତର କିମ୍ବଦନ୍ତୀ ଲଙ୍ଗ ଜମ୍ପର ଅଞ୍ଜୁ ବବି ଜର୍ଜ ୱାର୍ଲ୍ଡ ଆଥଲେଟିକ୍ସ ଦ୍ୱାରା ଦିଆଯାଉଥିବା 'ଓମ୍ୟାନ ଅଫ୍ ଇୟର'ପୁରସ୍କାର ଜିତିଛନ୍ତି। ଅଞ୍ଜୁ ଦେଶରେ ଅନେକ ନୂଆ ପ୍ରତିଭା ସୃଷ୍ଟି କରିଥିବା ବେଳେ ଲିଙ୍ଗଗତ ସମାନତା ସପକ୍ଷରେ ଯୁକ୍ତି ବାଢ଼ି ଆସୁଛନ୍ତି। ୪୪ ବର୍ଷୀୟା ଅଞ୍ଜୁ ବିଶ୍ୱ ଚାମ୍ପିୟନଶିପ୍‌ର ଏକମାତ୍ର ଭାରତୀୟ ଭାବେ ପଦକ ଜିତିଛନ୍ତି। ୨୦୦୩ ସଂସ୍କରଣରେ ସେ ଲଙ୍ଗଜମ୍ପରେ ବ୍ରୋଞ୍ଜ ପଦକ ପାଇଥିଲେ। ବୁଧବାର ଭର୍ଚୁଆଲି ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ୍ସର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ତାଙ୍କୁ 'ଓମ୍ୟାନ ଅଫ୍ ଇୟର' ଭାବେ ସମ୍ମାନିତ କରାଯାଇଛି। କ୍ରୀଡ଼ା ବିଶ୍ୱ ପରିଷଦର ବାର୍ଷିକ ପୁରସ୍କାର ଉତ୍ସବରେ ସମ୍ମାନିତ ହେବାରେ ଅଞ୍ଜୁ ପ୍ରଥମ ଭାରତୀୟ ହୋଇପାରିଛନ୍ତି। ଆଥଲେଟ୍ସ ପ୍ରତି ନିଜ ଜୀବନକୁ ସମର୍ପିତ କରିଥିବା ମହିଳାଙ୍କୁ ସ୍ୱୀକୃତି ପାଇଁ ଏହି ପୁରସ୍କାର ୨୦୧୯ରୁ ଦିଆଯାଉଛି। ଏହି ପୁରସ୍କାର ଲାଭ

ଅଞ୍ଜୁ ବବି ଜର୍ଜ

କରିବାରେ ଅଞ୍ଜୁ ହେଉଛନ୍ତି ଦ୍ୱିତୀୟ ମହିଳା। ପୂର୍ବରୁ ଇଥିଓପିଆର ଡବଲ ଅଲିମ୍ପିକ ଚାମ୍ପିୟନ ଦେରାର୍‌ଟୁ ତୁଲୁ ଏହି ପୁରସ୍କାର ପାଇଥିଲେ। ସ୍ପ୍ରିଣ୍ଟ କିମ୍ବଦନ୍ତୀ ପି.ଟି. ଉଷା ୨୦୧୯ରେ ବିଶ୍ୱ ଆଥଲେଟିକ୍ସ ପରିଷଦ ଦ୍ୱାରା ଭେଟେରାନ ପିନ୍ ପୁରସ୍କାର ପାଇଥିଲେ। କ୍ରୀଡ଼ାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ଏହିଭଳି ଦିଆଯାଉଥିବା ଏକ ପୁରସ୍କାରର ନାମ 'ଓମ୍ୟାନ ଇନ୍ ଆଥଲେଟିକ୍ସ ଆୱାର୍ଡ' ରହିଥିଲା। କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା, ଏହାର ବିକାଶ କ୍ଷେତ୍ରରେ କାର୍ଯ୍ୟକରିବା ଏବଂ କ୍ରୀଡ଼ାର ସବୁସ୍ତରରେ ବାଳିକା ଓ ମହିଳାଙ୍କୁ ଅଂଶଗ୍ରହଣ ପାଇଁ ଉତ୍ସାହିତ କରୁଥିବା ମହିଳାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଉଥିଲା। ସୂଚନାଯୋଗ୍ୟ, ଭାରତର ପୂର୍ବତନ ଅନ୍ତର୍ଜାତୀୟ ଲଙ୍ଗଜମ୍ପ ଷ୍ଟାର ଏବେ ମଧ୍ୟ କ୍ରୀଡ଼ା ସହ ସମ୍ପୃକ୍ତ ଅଛନ୍ତି। ୨୦୧୬ରେ ସେ ବାଳିକାମାନଙ୍କ ଲାଗି ଏକ ଏକାଡେମୀ ପ୍ରତିଷ୍ଠା କରିଥିଲେ। ଇତିମଧ୍ୟରେ ଏହି ଏକାଡେମୀର ଜଣେ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତି ସାରିଛନ୍ତି ବୋଲି ୱାର୍ଲ୍ଡ ଆଥଲେଟିକ୍ସ ପ୍ରକାଶ କରିଛି। ଅଞ୍ଜୁ ବର୍ତ୍ତମାନ ଭାରତୀୟ ଆଥଲେଟିକ୍ସ ଫେଡେରେଶନର ଜଣେ ସିନିୟର ଭାଇସ୍ ପ୍ରେସିଡେଣ୍ଟ ଅଛନ୍ତି। ସ୍କୁଲ ବାଳିକାମାନଙ୍କର ସେ ଜଣେ ମେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି।

ଶୁଭ୍ରାଂଶୁଙ୍କୁ ଓଡ଼ିଶାର ନେତୃତ୍ୱ

ଭୁବନେଶ୍ୱର,୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଆଗାମୀ ବିଜୟ ହଜାରେ ଟ୍ରଫି ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ରାଜ୍ୟ ଚୟନ କମିଟି ଅଧ୍ୟକ୍ଷ ପ୍ରଭଞ୍ଜନ ମଲିକ ଏକ ୨୧ ଜଣିଆ ଦଳ ଘୋଷଣା କରିଛନ୍ତି। ଶୁଭ୍ରାଂଶୁ ସେନାପତିଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ଦେଶର ଏହି ସର୍ବବୃହତ୍ ଦିନିକିଆ ଫର୍ମାଟ ଟୁର୍ନାମେଣ୍ଟ ମୁମ୍ବାଇରେ ଆୟୋଜନ ହେବ। ଆସନ୍ତା ୮ ତାରିଖରେ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଓଡ଼ିଶା ଦଳ ୩ରୁ ୫ ତାରିଖ ମଧ୍ୟରେ ସେଠାରେ କ୍ୱାରାଣ୍ଟାଇନରେ ରହିବ। ଏହାପରେ ୬ ଓ ୭ ତାରିଖରେ ଦଳ ଅଭ୍ୟାସ କରିବ। ଏଲିଟ୍ ଗ୍ରୁପ୍ ଏ'ରେ ଓଡ଼ିଶା ଆନ୍ଧ୍ର ପ୍ରଦେଶ, ଗୁଜରାଟ, ହିମାଚଳ ପ୍ରଦେଶ, ଜମ୍ମୁ କଶ୍ମୀର ଓ ବିଦର୍ଭ ବିପକ୍ଷରେ ମ୍ୟାଚ୍ ଖେଳିବ। ଓଡ଼ିଶା ୮ରେ ଆନ୍ଧ୍ର, ୯ରେ ଗୁଜରାଟ, ୧୧ରେ ବିଦର୍ଭ, ୧୨ରେ ଜମ୍ମୁ କଶ୍ମୀର ଓ ୧୪ରେ ହିମାଚଳକୁ ଭେଟିବ।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ,

ବିଜୟ ହଜାରେ ଟ୍ରଫି

ବିପ୍ଲବ ସାମନ୍ତରାୟ, ରାଜେଶ ଧୂପର (ଉଇକେଟକିପର), ସୁଜିତ ଲେଙ୍କା, ଶାନ୍ତନୁ ମିଶ୍ର, ଅଭିଷେକ ରାଉତ, ଅଭିଷେକ ଯାଦବ, ସନ୍ତୀପ ପଟ୍ଟନାୟକ, ଶୁଭଙ୍କର ବିଶ୍ୱାସ, ଦେବବ୍ରତ ପ୍ରଧାନ, ଆଶିଷ ରାୟ, ସୁନୀଲ କୁମାର ରାଉଲ, ଜୟନ୍ତ କୁମାର ବେହେରା, ପପୁ ରାୟ, ଶୁଭମ ନାୟକ, ବିକାଶ ରାଉତ, ତାରିଣୀ ଶ, ପ୍ରୟାସ ସିଂ ଠାକୁର ଓ ରାଜେଶ ମହାନ୍ତି।

ନକ୍‌ଆଉଟ୍‌ରେ ସିନ୍ଧୁ

ବାଲି, ୨।୧୨ (ପି.ଟି.): ଭାରତର ଡବଲ ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସର ନକଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ କିଡାମ୍ବି ଶ୍ରୀକାନ୍ତ ତାଙ୍କ ଦ୍ୱିତୀୟ ଗ୍ରୁପ୍ ମ୍ୟାଚ ହାରିଯିବା ପରେ ତାଙ୍କ ଭାଗ୍ୟ ଝୁଲନ୍ତା ଅବସ୍ଥାରେ ରହିଛି। ୨୬ ବର୍ଷୀୟା ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ୨୦୧୮ରେ ଏଠାରେ ସମ୍ମାଜନକ ଟାଇଟଲ ହାସଲ କରିଥିଲେ। ବର୍ଷକ ପୂର୍ବରୁ ସେ ଫାଇନାଲରେ ମଧ୍ୟ ପ୍ରବେଶ କରିଥିଲେ। ଗୁରୁବାର ସେ ତାଙ୍କ ଦ୍ୱିତୀୟ ଗ୍ରୁପ୍ ଏ' ମ୍ୟାଚରେ ଜର୍ମାନୀର ବିଶ୍ୱର ୨୩ ନମ୍ବର ମାନ୍ୟତାପ୍ରାପ୍ତ ୱାଇଭୋନ୍ ଲିଙ୍କୁ ୩୧ ମିନିଟ୍‌ରେ ୨୧-୧୦, ୨୧-୧୩ରେ ପରାସ୍ତ କରିଥିଲେ।

ଅଚ୍ୟୁତ କେନ୍ଦ୍ରୀୟ ଏସିଆ ଭଲିବଲ ସଂଘ ସଦସ୍ୟ

ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ): କନ୍ଧମାଳ ଏମପି ତଥା ଭାରତୀୟ ଭଲିବଲ ସଂଘର ସଭାପତି ଅଚ୍ୟୁତ ସାମନ୍ତ କେନ୍ଦ୍ରୀୟ ଏସିଆ ଭଲିବଲ ସଂଘର ପ୍ରଶାସନିକ ବୋର୍ଡ (କାଭା) ସଦସ୍ୟ ମନୋନୀତ ହୋଇଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ଭର୍ଚୁଆଲରେ ଅନୁଷ୍ଠିତ କାଭା କାର୍ଯ୍ୟକାରିଣୀ ବୈଠକରେ ସାମନ୍ତଙ୍କୁ ଏହାର ପ୍ରଶାସନିକ ବୋର୍ଡ ସଦସ୍ୟ ମନୋନୀତ କରାଯାଇଛି। ୧୪ଟି ଦେଶର ଭଲିବଲ ସଂଘର ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିବା ବେଳେ ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ ସଂଘର ସଭାପତି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଏସିଆ ଭଲିବଲ ସଂଘର ସଭାପତି ମହମଦ ଲଥିଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୨୨ରେ ହେବାକୁ ଥିବା କେନ୍ଦ୍ରୀୟ ଏସିଆ ମହିଳା ଭଲିବଲ ଚାମ୍ପିୟନଶିପ ଆୟୋଜନ ଅଧିକାର ଭାରତକୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ରୀୟ ଏସିଆ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ଭାରତ ସମେତ ଇରାନ, ଶ୍ରୀଲଙ୍କା, ପାକିସ୍ତାନ, କାଜାକିସ୍ତାନ ଏବଂ ଚାମ୍ପିୟନଶିପ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ୩ଟି ଦଳ ଅଂଶଗ୍ରହଣ କରିବେ।

ଧନଞ୍ଜୟଙ୍କ ଶତକ

ଗାଲେ,୨।୧୨:ଧନଞ୍ଜୟ ଡି ସିଲଭାଙ୍କ ଅପରାଜିତ ଶତକ (୧୫୩ରନ) ସହାୟତାରେ ଶ୍ରୀଲଙ୍କା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିଛି। ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ଗୁରୁବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୧୯ ଓଭରରେ ୮ ଉଇକେଟ ହରାଇ ୩୨୮ ରନ ସଂଗ୍ରହ କରିଛି। ଶ୍ରୀଲଙ୍କା ୨୭୯ ରନର ଅଗ୍ରଣୀ ହାସଲ କରିଛି।

୩୦ ଜଣିଆ ଓଡ଼ିଶା ଦଳ ଭାଗନେବ

ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସବ୍ୟୁରୋ)

ମଧ୍ୟ ପ୍ରଦେଶ ଭୋପାଳର ଭାଉରାସ୍ଥିତ ଏମ୍‌ପି ପୋଲିସ୍ ଏକାଡେମୀଠାରେ ୩୦ତମ ଜାତୀୟ ଉଷୁ ଚାମ୍ପିୟନଶିପ୍ ଆସନ୍ତା ୪ରୁ ୧୦ତାରିଖ ମଧ୍ୟରେ ଆୟୋଜନ

ଜାତୀୟ ଉଷୁ ଚାମ୍ପିୟନଶିପ୍

ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏକ ୩୦ ଜଣିଆ ଓଡ଼ିଶା ଦଳ ଭୋପାଳ ଯାତ୍ରା କରିଛି। ଏହ ଦଳରେ ୨୫ଜଣ ଖେଳାଳି ଓ ୫ ଜଣ ଅଫିସିଆଲ ସାମିଲ ହୋଇଛନ୍ତି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା

ଓଡ଼ିଶା ଉଷୁ ଦଳ

ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଦଳରେ ନେତୃତ୍ୱ ନେବେ। ଜାତୀୟ ଜଜ ଭାବେ ଅନୁରାଧା ଦୋରା ଦାୟିତ୍ୱ ନେବେ। ବିଶାଖା ପ୍ରିୟଦର୍ଶିନୀ ଟିମ ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ପଙ୍କଜ ମହନ୍ତ ସୁଜନ ରଥ ଟିମ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ଗୁରୁବାର ଦଳ ଯାତ୍ରା କରିଛି ଓ ୧୦ ତାରିଖରେ ପ୍ରତ୍ୟାବର୍ତ୍ତନ କରିବ। ଉଷୁ ଆସୋସିଏଶନ ଅଫ ଓଡ଼ିଶା ସଭାପତି ଏସ୍.ଏସ୍. ହରିଚନ୍ଦନ ଓ ଏ.ଓ.କେ.ଏ. ସାଧାରଣ ସମ୍ପାଦକ ବିଭୂତି ଭୂଷଣ ବେହେରା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଜାତୀୟ ମହିଳା ଫୁଟବଲ: କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କେରଳର କୋଝିକୋଡରେ ଚାଲିଥିବା ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଆଉ ଏକ ବିଜୟ ହାସଲ କରିଛି। କାଲିକଟ ମେଡିକାଲ କଲେଜରେ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୨-୧ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଏଥିସହି କ୍ରମାଗତ

ଦୀପା ନାୟକ

ବନ୍ୟା କବିରାଜ

୩ଟି ବିଜୟ ହାସଲ କରି ଓଡ଼ିଶା ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଓଡ଼ିଶା ପାଇଁ ବନ୍ୟା କବିରାଜ ଓ ଦୀପା ନାୟକ ଯଥାକ୍ରମେ ୭୪ ଓ ୧୯ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ହରିୟାଣା ତରଫରୁ ପରବୀନ ୩୪ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଗତ ମ୍ୟାଚ୍‌ରେ ଓଡ଼ିଶା ୭-୦ ଗୋଲରେ ଗୁଜରାଟକୁ ହରାଇଥିଲା।

ଓଡ଼ିଶା-ବିଦର୍ଭ ମ୍ୟାଚ ଡ୍ର

ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ): ପୁଣେର ଆଜାମ କ୍ୟାମ୍ପସ୍‌ରେ ଅନୁଷ୍ଠିତ ଓଡ଼ିଶା-ବିଦର୍ଭ ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଗୁରୁବାର ଚତୁର୍ଥ ଦିବସ ଓ ବୁଧବାର ତୃତୀୟ ଦିବସ ଖେଳ ବର୍ଷା ଯୋଗୁ ବାତିଲ ହେବାଫଳରେ ମ୍ୟାଚ ଡ୍ର ହୋଇଛି। ବୁଧବାର ଲଗାତର ବର୍ଷା ଓ ଓଦା ଆଉଟ ଫିଲ୍ଡ ଯୋଗୁ ଖେଳ ସମ୍ଭବ ହୋଇ ନ ଥିଲା। ଗୁରବାର ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଥିଲା। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୬ ତାରିଖରେ ଆସାମକୁ ପୁଣେରେ ଭେଟିବ। କ୍ରମାଗତ ଦୁଇ ଦିନ ବର୍ଷା ଯୋଗୁ ଖେଳ ଧୋଇଯାଇଛି। ଟସ୍ ହାରି ବିଦର୍ଭ ପ୍ରଥମ ଇନିଂସରେ ୭୬.୨ ଓଭରରେ ୩୫୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଓଡ଼ିଶା ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୫ ଓଭରରେ ୭ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କ

ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଭବାନୀପାଟଣା,(ସ୍ୱ.ପ୍ର.): ଭବାନୀପାଟଣା ସଦର ଥାନା ଅଧୀନ ମେଦିନୀପୁର ଗ୍ରାମରେ ଜଣେ ମହିଳାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ହେଲେ ରାଜେଶ୍ୱରୀ ସାହୁ। ଘଟଣାସ୍ଥଳରେ ଭବାନୀପାଟଣା ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି । ତେବେ କାହିଁକି କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା ତାହା ଜଣାପଡି ନ ଥିବା ବେଳେ ଏହା ହତ୍ୟା ନାଁ ଆତ୍ମହତ୍ୟା ମୃତଦେହ ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଡାକ୍ତରଖାନା ସମସ୍ୟା ନେଇ ତାତିଲା କଂଗ୍ରେସ

ଟିଟିଲାଗଡ଼,୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଛି ସ୍ଥାନୀୟ କଂଗ୍ରେସ। ଗୁରୁବାର ଦଳର ଜିଲା ଉପସଭାପତି କ୍ଷୀରସାଗର ବର୍ମାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ଏକ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଅନୁଷ୍ଠିତ ଧାରଣା ସଭାରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ମୁକେଶ ଜୈନ ଟିଟିଲାଗଡ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରିଥିଲେ। ଡାକ୍ତରଖାନାରେ ଆବଶ୍ୟକଠାରୁ ମାତ୍ର କମ ସଂଖ୍ୟକ ଡାକ୍ତର ରହିଥିବା, ଅନେକ ବିଶେଷଜ୍ଞ ପଦ ଖାଲି ରହିଥିବା, ଚିକିତ୍ସା ଉପକରଣ, ପରୀକ୍ଷା ପାଇଁ ବିଶେଷଜ୍ଞଙ୍କ ଅଭାବ, ଗରିବ ଲୋକେ ବାଧ୍ୟ ହୋଇ ଘରୋଇ ପାଥୋଲ୍ୟାବକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା, ଘରୋଇ ନର୍ସିଂ ହୋମ ଏବଂ ଔଷଧ ଦୋକାନର ଦଲାଲ ଡାକ୍ତରଖାନାରେ ଆଡ୍ଡା ଜମାଇ ଗରିବଙ୍କୁ ଶୋଷଣ କରାଯାଉଛି। ପ୍ରସୂତୀମାନଙ୍କୁ ଏଠାରେ ଅସ୍ତ୍ରୋପଚାର ନ କରି ଏକ ନିର୍ଦ୍ଦିଷ୍ଟ ଘରୋଇ ନର୍ସିଂହୋମକୁ ଯିବା ପାଇଁ ବାଧ୍ୟ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ସରକାର ଏନେଇ ଯଥୋଚିତ ପଦକ୍ଷେପ ଗ୍ରହଣ ନକଲେ ଦଳ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବାଲକିଷନ ଦୀପ, କୃଷ୍ଣ ସରାଫ, ଜିଲା ଯୁବ କଂଗ୍ରେସ ଉପସଭାପତି ମହେଶ ରାଓ, କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳି ଯୁବ ସଭାପତି ନେହେରୁଲାଲ ପୁଟେଲ, ଟିଟିଲାଗଡ ସେବାଦଳ ସଭାପତି ବିବେକାନନ୍ଦ ଜୈନ, ଲୁକ୍ରର ଅଲ୍ଲୀ, ତାଜୁ ଖାନ, ତୀର୍ଥ ଲୁହା ପ୍ରମୁଖ ଯୋଗଦେଇଥିଲେ। ପରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସହାୟକ ଜିଲାପାଳ ଡ. ଲଲିତ ବାଗଙ୍କୁ ପ୍ରଦାନ କରାଯାଇଥିଲା।

କଂଗ୍ରେସ ଦଳ ପକ୍ଷରୁ ସହାୟକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

୭ ଦିନ ଗଡ଼ିବନି ସରକାରୀ ବସ୍

ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନ

ନୂଆପଡ଼ା ଅଫିସ,୨।୧୨

ଡିସେମ୍ବର ୧ରୁ ମାଓବାଦୀଙ୍କ ଶହୀଦ ସପ୍ତାହ ଆରମ୍ଭ ହୋଇଥିବାରୁ ନୂଆପଡ଼ାରେ ଗୋଟିଏ ସପ୍ତାହ ସରକାରୀ ବସ ଚଳାଚଳ କରିବ ନାହିଁ। ଏହିପ୍ରେକ୍ଷୀରେ ଛତିଶଗଡ ସୀମାବର୍ତ୍ତୀ ଅଞ୍ଚଳରେ ମାଓବାଦୀ ପୋଷ୍ଟର ଦେଖିବାକୁ ମିଳିଥିଲେ ହେଁ ଜିଲାରେ କୌଣସି ସ୍ଥାନରେ ଦେଖିବାକୁ ମିଳିନାହିଁ। ତେବେ ସତର୍କତା ଦୃଷ୍ଟିରୁ ନୂଆପଡା ସଦର ମହକୁମାଠାରୁ ଦୁଇଟି ସରକାରୀ ବସ ଖରିଆର ରୋଡଠାରୁ ଭଇଁଷାଦାନି ଓ ନୂଆପଡାଠାରୁ ନଙ୍ଗଲବୋର୍ଡ ମଧ୍ୟରେ ଚଳାଚଳ କରୁଥିବା ସରକାରୀ ବସ ସେବା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଓଡିଶା ସଡକ ପରିବହନ ନିଗମ ସୂତ୍ରରୁ ପ୍ରକାଶ।

ସଂକ୍ଷେପରେ

ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଭବାନୀପାଟଣା,୨।୧୨(ଡି.ଏନ.ଏ.): ଅବସରପ୍ରାପ୍ତ ଶିକ୍ଷକଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିବା ମାମଲାର ଶୁଣାଣି କରି ଚିଫ୍ ଜୁଡିସିଆଲ୍ କୋର୍ଟ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଥାଉକି, କଳାହାଣ୍ଡି ଜିଲା ସଦର ଥାନା ଅନ୍ତର୍ଗତ ସରଲାଞ୍ଜି ଗ୍ରାମର ଗିରିଧାରୀ ସାହୁ ଗତ ୨୦୧୯ ଜୁଲାଇ ୫ ତାରିଖ ଭୋରୁରେ ସ୍ତ୍ରୀଙ୍କ ସହିତ ମର୍ଣ୍ଣିଂ ୱାକ୍‌ରେ ଯାଉଥିଲେ। ଏହି ସମୟରେ ଗ୍ରାମର ହାଡୁ ପୁଟେଲ ତାଙ୍କୁ ଅଟକାଇ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏ ନେଇ ଜିଲା ସଦର ପୋଲିସ ଏକ ମାମଲା ରୁଜୁ କରି ହାଡୁଙ୍କୁ କୋର୍ଟ ଚାଲାଣ କରିଥିଲା। ୩୦ ତାରିଖରେ ଭବାନୀପାଟଣା ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଡ. କିରଣ କୁମାର ପ୍ରଧାନ ଏହି ମାମଲାର ଶୁଣାଣି କରି ଦୋଷୀଙ୍କୁ ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୪୧, ୩୨୬, ୩୦୭, ୫୦୬ରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ଜରିମାନା ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ରାଜ କମଲ ଆଚାର୍ଯ୍ୟ ଏହି ମାମଲା ପରିଚାଳନା କରୁଥିଲେ।

ରେଣ୍ଡୋ ମାଝିଙ୍କ ଶହୀଦ ଦିବସ ପାଳନ ପ୍ରସ୍ତୁତି

ଭବାନୀପାଟଣା,୨।୧୨(ଡି.ଏନ.ଏ.): ସ୍ଥାନୀୟ ହଲିଆପଡାଠାରେ କଳାହାଣ୍ଡି ଜିଲା ଆଦିବାସୀ ସଂଘ ପକ୍ଷରୁ ଶହୀଦ ରେଣ୍ଡୋ ମାଝିଙ୍କ ଶହୀଦ ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି ବେଣୁଧର ମାଝିଙ୍କ ଅଧକ୍ଷତାରେ ମାର୍ଗଦର୍ଶକ ସମ୍ରାଟ ମାଝିପରିଚାଳନା କରିଥିଲେ। ଜିଲାରେ ଶହୀଦ ରେଣ୍ଡୋ ମାଝିଙ୍କ ଭିନ୍ନ ଭିନ୍ନ ବିକୃତ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୮ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୦ ତାରିଖରେ ଶହୀଦ ରେଣ୍ଡୋ ମାଝିଙ୍କ ସହିତ ଦିବସ ଦିନ କେବଳ ନିରବ ପ୍ରାର୍ଥନା କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ସଂଘ ସାଧାରଣ ସମ୍ପାଦକ ମହେଶ୍ୱର ମାଝି, କୋଷାଧକ୍ଷ ଜଗଦୀଶ ଶବର, ପବନ ମାଝି, ଧନସିଂ ମଝି, ଦାଶରଥି ମାଝି, ବଳଭଦ୍ର ମାଝି, କୁମୁଦିନୀ ମାଝି, ଭାନୁମତୀ ମାଝି, କୁନି ମାଝି ପ୍ରମୁଖ ଯୋଗଦେଇଥିଲେ। ସଂଘ ସହସମ୍ପାଦକ ନବୀନ ମାଝି ଧନ୍ୟବାଦ ଦେଇଥିଲେ।

ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ଲୋକେ ଗାଡି ଜାଳିଦେଲେ

ବଲାଙ୍ଗୀର ଅଫିସ, ୨।୧୨: ବୁଧବାର ବିଳମ୍ବିତ ରାତିରେ ବଲାଙ୍ଗୀର ସହରର ଦୁର୍ଗାମନ୍ଦିର ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ସୁଦପଡା ଟଁଟିଆପଡା ଗଲିର ନିର୍ମଳ ଚନ୍ଦ୍ର ସାହୁ (୩୨)। ଘରକୁ ବାଇକରେ ଫେରୁଥିବାବେଳେ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା କପା ବୋଝେଇ ଟ୍ରକ୍‌ରେ ନିଆଁ ଲଗାଇ ଦେଇଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଟାଉନ୍ ଥାନା ପୋଲିସ ଯୁବକଙ୍କ ମୃତଦେହକୁ ଭାମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

୬୪ଖଣ୍ଡ ଶାଗୁଆନ ପଛା ଜବତ, ଜଣେ ଗିରଫ

ସଇଁତଳା, ୨।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଞ୍ଜ ଅନ୍ତର୍ଗତ ଫପସୀ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବଡ଼ମାଳ ବନ ବିଭାଗ ଚଢ଼ାଉ କରିଥିଲା। ୬୪ ଖଣ୍ଡ ଶାଗୁଆନ କାଠ ସହ ଇବ୍ରାହିମ ଖାନଙ୍କୁ ଗିରଫ କରାଯାଇଛି। ବଡ଼ମାଳ ବନବିଭାଗ ଅଧିକାରୀ ପ୍ରିୟଙ୍କା ପୋଡ଼ଙ୍କ ସୂତ୍ରରୁ ପ୍ରକାଶ ଯେ, କୌଣସି ସୂତ୍ରରୁ ଖବର ପାଇ ବଡ଼ମାଳ ଫରେଷ୍ଟ ଡ଼ିଭିଜନ ଓ ବଡ଼ମାଳ ଫାଣ୍ଡି ଅଧିକାରୀ ସର୍ବେଶ୍ୱର ସାହୁ ଫପସୀ ଗ୍ରାମର ଇବ୍ରାହିମଙ୍କ ଘରେ ଚଢ଼ାଉ କରିଥିଲେ। ଜବତ କାଠପଟାର ମୂଲ୍ୟ ୬ଠହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ।

ବ୍ଲକ ଓଷ୍ଟା ଶାଖାର ବୈଠକ

ବ୍ଲକ ଓଷ୍ଟା ସଂଘ ବୈଠକରେ ଉପସ୍ଥିତ ଅତିଥିମାନେ।

ଲୋଇସିଂହା,୨୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଓଷ୍ଟା ଶାଖାର ଏକ ସମ୍ମିଳନୀ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଉପସଭାପତି ଶ୍ରୀବତ୍ସ ଭୋଇ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ସଂଘୀୟ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହାପରେ ଶିକ୍ଷକ, କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବିଶେଷ କରି ୧୭୭ ବର୍ଗ ହାଇସ୍କୁଲକୁ ଅନୁଦାନ ପ୍ରଦାନ, ସପ୍ତମ ବେତନ କମିଶନ ଅନୁସାରେ ଚାକିରି ସର୍ତ୍ତବଳୀ ନୂତନ ଜିଆଇଏ ସ୍କୁଲକୁ ଲାଗୁ କରିବା, ୬୧୦ ସ୍କିମ ସ୍କୁଲ ପ୍ରଧାନଶିକ୍ଷକ ପଦବୀ ପୂରଣ ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ଏ ସମସ୍ତ ଦାବି ସରକାର ପୂରଣ ନ କଲେ ଶିକ୍ଷକ ସଂଘ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛି। ବୈଠକରେ ସ୍ଥାନୀୟ ଶାଖା ସମ୍ପାଦକ ସାରଥି ସାହୁ, କାର୍ଯ୍ୟକାରୀ ସଭାପତି ବେଣୁଧର ଭୋଇ, ଭକ୍ତଚରଣ ନାଏକ, ଭବାନୀଶଙ୍କର ରଣା, ଅଶୋକ ମେହେର, ଗଣନାଥ ସାହୁ, ପରାଶର ଖମାରୀଙ୍କ ସହ ବହୁ ଶିକ୍ଷକ ଯୋଗଦାନ କରିଥିଲେ।

ପ୍ରଦାନ କରାଯାଉନି ଜମି ଉନ୍ନତୀକରଣ ପ୍ରାପ୍ୟ

ଲାଠୋର,୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅନ୍ତର୍ଗତ ସାନଗୁର୍ଜିଭଟା ଗ୍ରାମର ଦୁଇଜଣ ହିତାଧିକାରୀଙ୍କୁ ସେମାନଙ୍କ ଜମି ଉନ୍ନତିକରଣ କାମର ପ୍ରାପ୍ୟ ମିଳିନାହିଁ। ପ୍ରାପ୍ୟରୁ ବଞ୍ଚିତ ଦୁଇ ହିତାଧିକାରୀ ଗୋବର୍ଦ୍ଧନ କୁମ୍ଭାର ଓ ଟିକୁନୁ ନାଗ ଏନେଇ ଅଭିଯୋଗ କରିଛନ୍ତି। ୨୦୨୦-୨୧ ଅର୍ଥିକ ବର୍ଷରେ କରୁଆଝର ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଜମି ଉନ୍ନତିକରଣ ପାଇଁ ଗୋବର୍ଦ୍ଧନଙ୍କୁ ୫୦ହଜାର ଓ ଟିକୁନୁଙ୍କୁ ୭୦ ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉଭୟ ହିତାଧିକାରୀ ୨୫ଜଣ ଶ୍ରମିକଙ୍କୁ ନିୟୋଜିତ କରି ପ୍ରଥମ ପର୍ଯ୍ୟାୟ କାମ ଆରମ୍ଭ କରିଥିଲେ। କନିଷ୍ଠ ଯନ୍ତ୍ରୀ ରାଜ କିଶୋର ନାଏକ ମାଟି ମାପ କରି ପ୍ରଥମ ପର୍ଯ୍ୟାୟରେ ଗୋବର୍ଦ୍ଧନଙ୍କ ନାମରେ ୨୨ହଜାର ୬୭୬ ଟଙ୍କା ଓ ଟିକୁନୁଙ୍କ ନାମରେ ୩୦ ହଜାର ୩୭୧ ଟଙ୍କାର ବିଲ୍ କରିଛନ୍ତି। ହେଲେ କୌଣସି କରଣ ନ ଦର୍ଶାଇ ପଞ୍ଚାୟତ କର୍ତ୍ତୃପକ୍ଷ ପ୍ରାପ୍ୟ ପ୍ରଦାନ କରୁ ନାହାନ୍ତି। ହିତାଧିକାରୀମାନେ ସରପଞ୍ଚ ବିଜୟଲକ୍ଷ୍ମୀ ବାଗଙ୍କୁ ସାକ୍ଷାତ କରି ପ୍ରାପ୍ୟ ପ୍ରଦାନ ପାଇଁ କହିଲେ ଡିଏସସି (ଡିଜିଟାଲ ସିଗନେଚର ସାର୍ଟିଫିକେଟ) ଦେବାପାଇଁ ବିଡିଓ ମନା କରିଛନ୍ତି ବୋଲି କହି ଫେରାଇ ଦେଉଛନ୍ତି। ବିଡିଓଙ୍କୁ ସାକ୍ଷାତ କଲେ ସରପଞ୍ଚ ସମସ୍ୟାର ସମାଧାନ କରିବେ କହି ହିତାଧିକାରୀଙ୍କୁ ଫେରାଇ ଦେଉଛନ୍ତି। ଜିଲା ପ୍ରଶାସନ ଏହାର ତଦନ୍ତ କରି ପ୍ରାପ୍ୟ ପ୍ରଦାନ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

ବିଭିନ୍ନ ଯୋଜନାର ସମୀକ୍ଷା କଲେ ଉପଜିଲାପାଳ

ଖପ୍ରାଖୋଲ,୨।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା କରଛନ୍ତି ପାଟଣାଗଡ ଉପଜିଲାପାଳ ବିଜୟାନନ୍ଦ ସେଠୀ। ଗୁରୁବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ବୈଠକରେ ସାମାଜିକ ସୁରକ୍ଷା, ଅନୁସୂଚିତ ଜାତି, ଜନଜାତିଙ୍କ ପାଇଁ ଆସୁଥିବା ପ୍ରକଳ୍ପର କାର୍ଯ୍ୟକାରିତା ଓ ଅନ୍ୟାନ୍ୟ ଯୋଜନାର ସମୀକ୍ଷା କରିଥିଲେ। ଯୋଜନାର ସୁଫଳ ଯେପରି ଗରିବ ଲୋକଙ୍କ ପାଖରେ ପହଞ୍ଚେ ସେଥିନେଇ କାର୍ଯ୍ୟ କରିବାକୁ ସେ କ୍ଷେତ୍ର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଉପଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦିପ୍ତୀ ରଞ୍ଜନ ଭୋଇ, ଉପ ଜିଲା ପଞ୍ଚାୟତ ଅଧିକାରୀ ସରୋଜ କୁମାର ମେହେର, ଉପଜିଲାସାମାଜିକ ସୁରକ୍ଷା ଅଧିକାରୀ ରୋହିତମଣି ଦରୁଆ, ତହସିଲଦାର ଆଦିତ୍ୟ ମିଶ୍ର, ଜିପିଇଓ ସୁଶାନ୍ତ କୁମାର ପାଣି, ପିଏ ଅଶୋକ ପାଣିଗ୍ରାହୀ, ବିପିଏମ ମନୋଜ କେର୍କେଟାଙ୍କ ସମେତ ବ୍ଲକ ସ୍ତରୀୟ ଅଧିକାରୀ, ପିଇଓମାନେ ଉପସ୍ଥିତ ଥିଲେ।

ପଦୋନ୍ନତି, ପଦବୀ ପୂରଣ ଉପରେ ଗୁରୁତ୍ୱ

ଲୋଇସିଂହା,୨।୧୨(ଡି.ଏନ.ଏ)

ମିଳିତ ପ୍ରାଥମିକ ଶିକ୍ଷକ ସଂଘ ବୈଠକ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ସ୍ଥାନୀୟ ଆଦିବାସୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି କରୁଣାକର ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କିରାଣିଙ୍କ ମନମାନୀକୁ ନେଇ ଶିକ୍ଷକମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। କୋଭିଡ ସମୟରେ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଅଭିବୃଦ୍ଧି ପ୍ରସ୍ତାବ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିକ୍ଷକମାନଙ୍କ ପଦୋନ୍ନତି, ଆବଶ୍ୟକ ସଂଖ୍ୟକ ପଦବୀ ପୂରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବ୍ଲକ ପରିସରରେ ପ୍ରାଥମିକ ଶିକ୍ଷକ ଭବନ ପାଇଁ ସ୍ଥାନ ନିରୂପଣ ପାଇଁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ବହୁ ଶିକ୍ଷକଙ୍କ ସର୍ଭିସ ବହି ଅପଡେଟ ହୋଇନାହିଁ। କ୍ଲଷ୍ଟରସ୍ତରରେ ଶିବିର ଆୟୋଜନ କରି ଏହାକୁ ଅପଡେଟ କରିବା, ଉଚ୍ଚ ବିଦ୍ୟାଳୟମାନଙ୍କୁ ପ୍ରାଥମିକ ଶିକ୍ଷକମାନଙ୍କୁ ଦିଆ ଯାଇଥିବା ଡେପୁଟେଶନ ବାତିଲ, ଆରସିଏମ, ଏଫଏ ଓ ବିଭିନ୍ନ ଆର୍ଥିକ ସୁବିଧା ସୁଯୋଗଗୁଡିକୁ ସାର୍ବଜନୀନ କରିବା, ପ୍ରତିମାସ ଗ୍ରୀଭେନସ ଡେ କରି ଏଠାକୁ ସଂଘ ସଭାପତି ଓ ସମ୍ପାଦକକୁ ଅମନ୍ତ୍ରଣ କରିବା ଆଦି ପ୍ରସ୍ତାବକୁ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କୁ ଜଣାଇବା ପାଇଁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି।

ପେନ୍‌ସନରୁ ବଞ୍ଚିତ ବୃଦ୍ଧାବୃଦ୍ଧ।

ପେନ୍‌ସନରୁ ବଞ୍ଚିତ ଯୋଗ୍ୟ ୧୩ ବୃଦ୍ଧାବୃଦ୍ଧ

କର୍ଲାମୁଣ୍ଡା,୨।୧୨(ଡି.ଏନ.ଏ.)

ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ତଥା ବିଧବା ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନାରେ ପେନସନ ଦେବା ନିୟମ କରିଥିଲେ ହେଁ ଯୋଗ୍ୟ ବ୍ୟକ୍ତିମାନେ ଏହି ଯୋଜନା ସୁଫଳ ପାଇପାରୁ ନ ଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟି ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗାଁର ଘନଶ୍ୟାମ ମାଝି, ଜୟଦେବ ବଗର୍ତ୍ତି, ଗଣେଶ୍ୱର ବାଗ, ବିଶାଖା ଦୀପ, ଦେବକୀ ଦୀପ, ବିଷ୍ଣୁ ହରିଜନ, ବୃନ୍ଦା ଦୀପ, ଜଗଲସାଏ ଦୀପ, ଆଲଚନୀ ଦୀପ, ହରିଲାଲ ଦୀପ, କମଳା କୁମାର, ଜନ୍ଦୁ ଦୀପ, ବାଲମତି ଦୀପ ପ୍ରମୁଖ ପେନସନ ପାଇବାକୁ ଯୋଗ୍ୟ ହୋଇଥିଲେ ସୁଦ୍ଧା ପେନସନ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ତେବେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଅନେକ ଥର ଆବେଦନ କରିଥିଲେ ମଧ୍ୟ ପେନସନ ପାଇପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏହି ଗ୍ରାମ ବ୍ଲକ ସଦର ମହକୁମାଠାରୁ ୧୨ କିଲୋମିଟର ଦୂରରେ ଅବସ୍ଥିତ। ଗାଁର ମୋଟ ୧୪୮ ପରିବାର ରହୁଥିବା ବେଳେ ଜନସଂଖ୍ୟା ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ବସବାସ କରନ୍ତି।

କ୍ୱାଲିଟି ଆନାଲିସିସ୍ ଆସିଷ୍ଟାଣ୍ଟ ନିଯୁକ୍ତି ଦାବି

ଲୋଇସିଂହା,୨।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଧାନକ୍ରୟ କମିଟି ପକ୍ଷରୁ ନଭେମ୍ବର ୨୯ରୁ ଧାନ କିଣିବା ନିଷ୍ପତ୍ତି ନିଆଯାଇଛି। ହେଲେ ଆରଏମସି ପକ୍ଷରୁ ପ୍ୟାକ୍ସ ମାନଙ୍କରେ ଧାନ କ୍ରୟ ସମୟରେ ନିଯୁକ୍ତ ହେଉଥିବା କ୍ୱାଲିଟି ଆନାଲିସିସ୍ ଆସିଷ୍ଟାଣ୍ଟ ଚଳିତ ବର୍ଷ ନିଯୁକ୍ତି ଦିଆଯାଇନାହିଁ। ନ

ଅଞ୍ଚଳ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

ପଦ୍ମପୁର,(ଡି.ଏନ.ଏ.): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ବିଶ ଏଡ଼ସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ଼.ଲଲିତେନ୍ଦୁ ନାୟକ, ଯୁବ ରେଡକ୍ରସ ପରାମର୍ଶଦାତା ପ୍ରାଧାପକ ବିଦ୍ୟାଧର ଦାଶ, ଅଧାପିକା ତାପିନୀ ପଣ୍ଡା ଓ ଅଧାପକ ପ୍ରମୋଦ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଚେତନ ଶୋଭାଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ପରେ ଅନୁଷ୍ଠିତ ସଭାରେ ଅଧକ୍ଷ ଡ. ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ପ୍ରାଧାପକ ଲଳିତ ମୋହନ ପଣ୍ଡା, ପ୍ରାଧାପିକା ତାପିନୀ ପଣ୍ଡା, ପ୍ରାଧାପକ ବିଦ୍ୟାଧର ଦାଶ ଏଡ଼ସ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଅଧାପିକା ଶର୍ମିଲା ପଣ୍ଡା ଓ ପ୍ରାଧାପକ ଲଳିତ ମୋହନ ପଣ୍ଡାଙ୍କ ସଂଯୋଜନାରେ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା।

ସଂକ୍ଷେପରେ

ପ୍ରାଣୀ ଚିକିତ୍ସା ଶିବିର

ବାଉଁଶୁଣୀ,୨।୧୨(ଡି.ଏନ.ଏ.): ବୌଦ୍ଧ ଜିଲା ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟ ଅଧୀନ ମନୁପାଲି ପଞ୍ଚାୟତ ମହୁଲି ଗ୍ରାମରେ ଏକ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପରେ ଚାଷୀଙ୍କୁ ନେଇ ଏକ ସଚେତନତା ସଭା ହୋଇଥିଲା। ଏଥିରେ ଡା. ବେହେରା ଗୋପାଳନ, ରୋଗ ନିୟନ୍ତ୍ରଣ, ଘାସ ଚାଷ, ଗୋ ପ୍ରଜନନ ଜନିତ ସମସ୍ୟା ଓ ବୀମାକରଣ ଆଦି ବିଷୟରେ ଚାଷୀମାନଙ୍କୁ ସଚେତନ କରିଥିଲେ। ସଚିଦାନନ୍ଦ ଖମାରୀ ପ୍ରାଣୀଧନ ନିରୀକ୍ଷକ ଦହ୍ୟା, ସୌଭାଗ୍ୟ ପ୍ରଧାନ ପ୍ରାଣୀଧନ ନିରୀକ୍ଷକ ମୁଣ୍ଡାପଡ଼ା, ରଞ୍ଜନ ବାଘ ପ୍ରାଣୀଧନ ନିରୀକ୍ଷକ ସାହାଜପାଲ ଓ ପୀତାମ୍ବର ଲୌରିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

୪⌈ଘଣ୍ଟା ପରେ ପୋଲିସ ହାତ ଖାଲି

ସୁରେଶ୍ୱରୀ ମନ୍ଦିରରୁ ଚୋରି ଘଟଣା

- ମନେପଡିଲା ସିସିଟିଭି ପୁନଃସ୍ଥାପନ କଥା

ସୋନପୁର,୨।୧୨(ନି.ପ୍ର.): ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀ ମନ୍ଦିରରେ ଚୋରି ହେବା ୪⌈ଘଣ୍ଟା ବିତିଲାଣି। କିନ୍ତୁ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ପାରିନି। ଚୋରି ସାମଗ୍ରୀ ବି ଉଦ୍ଧାର ହୋଇପାରିନି। ତେଣୁ ପୋଲିସ ଓ ଦେବୋତ୍ତର ବିଭାଗର କାର୍ଯ୍ୟକୁ ନେଇ ଜିଲାବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସୁରେଶ୍ୱରୀ ମନ୍ଦିରର ମୁଖ୍ୟ ଫାଟକ ଓ ଗମ୍ଭୀରା ଫାଟକ ତାଲାଭାଙ୍ଗି ମା'ଙ୍କ ୨୦ ଭରି ଓଜନର ରୁପା ମୁକୁଟ ଓ ୨ଟି ରୁପା ଛତ୍ର ଚୋରି କରି ନେଇଥିଲେ। ସେହିପରି ସୁବର୍ଣ୍ଣମେରୁ ମନ୍ଦିର ପରିସରସ୍ଥିତ କାଳୀ ମନ୍ଦିର ତାଲା ଭାଙ୍ଗି ମା'ଙ୍କ ସୁନା ନୁଥ ଚୋରି କରିଥିଲେ। ସେହିଦିନ ରାତିରେ ଭଗବତୀପ୍ଲଟ ସ୍ଥିତ ଗଣେଶ ମନ୍ଦିର ଦାନ ବାକ୍ସରୁ ଟଙ୍କା ଚୋରି ହେବା ସହିତ ଓଁକାର ମନ୍ଦିର ଓ ଅଘୋରୀ ବାବାଙ୍କ ଆଶ୍ରମରେ ତାଲା ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା। ଏହି ଘଟଣାରେ ମଙ୍ଗଳବାରଠାରୁ ପୋଲିସ ଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି। ଏସ୍‌ପି ଏହି ଘଟଣାରେ ସମ୍ପୃକ୍ତ ଅଞ୍ଚଳରେ ରାତ୍ରୀକାଳୀନ ପାଟ୍ରୋଲିଂ ଡ୍ୟୁଟିରେ ଥିବା ଜଣେ କନେଷ୍ଟବଳ ଓ ୨ ଗୃହରକ୍ଷୀଙ୍କୁ ନିଲମ୍ବନ କରିଛନ୍ତି। ତେବେ ଜିଲା ସଦର ମହକୁମାରେ ଚୋରି, ଛିନ୍‌ତାଇ ଓ ବାଇକ୍ ଚୋରି ଭଳି ଘଟଣା ବୃଦ୍ଧ ପାଇଛି। ପୋଲିସ ପାଟ୍ରୋଲିଂ କଡାକଡି ହେଉ ନ ଥିବାରୁ ବିଭିନ୍ନ ଛକ ସ୍ଥାନରେ ନିଶାସକ୍ତଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବା ପାଇଁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ କୌଣସି ଉଦ୍ୟମ ହେଉନି। ଗତ ଦୁଇ ମାସ ପୂର୍ବରୁ ସୁରେଶ୍ୱରୀ ମନ୍ଦିର ପରିସରରୁ ପାଣି ପାଇପ୍ ଓ ଟ୍ୟାପ୍ ଚୋରି ହୋଇଥିଲା। ଥାନାରେ ଅଭିଯୋଗ କରେ ସିସିଟିଭି ଫୁଟେଜ୍ ଦେଖିବା ପାଇଁ ମନ୍ଦିର ସିସିଟିଭିର ଡିଭିଆର(ଡିସପ୍ଲେ ଭିଡିଓ ରେକର୍ଡିଂ) ନିଆଯାଇଥିଲା। ସେହିପରି ସିସିଟିଭି ଓ କ୍ୟାମେରା ସଜାଡିବା ପାଇଁ ମେକାନିକ୍‌ଙ୍କୁ ଦିଆଯାଇଥିଲା। ମାତ୍ର ପୋଲିସ ଓ ଦୋବୋତ୍ତର ବିଭାଗ ଅବହେଳା ପାଇଁ ସିସିଟିଭି ପୁନଃ ସ୍ଥାପନ ହୋଇ ନ ଥିଲା। ଚୋର ପରେ ସିସିଟିଭିର ଆବଶ୍ୟକତା ଏବେ ମନେ ପଡିଲା। ଗୁରୁବାର ଦେବୋତ୍ତର କମିଟିର ସଭ୍ୟମାନେ ମେକାନିକ ଡାକି ମନ୍ଦିରରେ ସିସିଟିଭି ଇନଷ୍ଟଲ କରିଛନ୍ତି।

କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ

ବରଗଡ଼ ଅଫିସ୍,୨।୧୨

ନୃସିଂହନାଥରେ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀଙ୍କ ସହିତ ପୂର୍ବତନ ବିଧାୟକଙ୍କ ଆଲୋଚନା।

ନୃସିଂହନାଥ ମନ୍ଦିର

- କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀଙ୍କ ତଥ୍ୟ ସଂଗ୍ରହ
- ଅଧିକାରୀଙ୍କ ସହିତ ପୂର୍ବତନ ବିଧାୟକଙ୍କ ଆଲୋଚନା
- ଦୀର୍ଘଦିନରୁ ହୋଇଥିଲା ମନ୍ଦିର ରକ୍ଷଣାବେକ୍ଷଣ ଦାବି

ପଶ୍ଚିମଓଡ଼ିଶାର ପ୍ରାଚୀନ କୀର୍ତ୍ତି ବରଗଡ଼ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ନୃସିଂହନାଥ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ଭୁବନେଶ୍ୱର କାର୍ଯ୍ୟାଳୟର ଅତିରିକ୍ତ ଅଧୀକ୍ଷକ ପ୍ରତାପ କୁମାର ନାୟକ, ଅତିରିକ୍ତ ପ୍ରତ୍ନତତ୍ତ୍ୱବିତ୍ ଡା. ଅନୁରିମା ପତି, ଫଟୋଗ୍ରାଫର ସୁଶ୍ରୀ ପ୍ରିୟଦର୍ଶନୀ କର ନୃସିଂହନାଥରେ ଅବସ୍ଥାନ କରି ମନ୍ଦିର ତଦାରଖ କରିବା ସହିତ ସମସ୍ତ ତଥ୍ୟ, ଫଟୋଗ୍ରାଫ ସଂଗ୍ରହ କରୁଛନ୍ତି। ନୃସିଂହନାଥ ଏକ ପ୍ରାଚୀନ କୀର୍ତ୍ତି ହୋଇଥିବା ଯୋଗୁ ଏହାର ରକ୍ଷଣାବେକ୍ଷଣ ଆବଶ୍ୟକତା ଦୃଷ୍ଟିରୁ ମନ୍ଦିର ଦାୟିତ୍ୱ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ଏ ନେଇ ପୂର୍ବରୁ ତତ୍କାଳୀନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ।

ଇତିମଧ୍ୟରେ ରାଜ୍ୟ ସରକାର ନୃସିଂହନାଥ ମନ୍ଦିରକୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଲିଖିତ ପ୍ରସ୍ତାବ ଦେବା ପରେ କେନ୍ଦ୍ର ସରକାର ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଗୁରୁବାର କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗରୁ ଆସିଥିବା ଏହି ଅଧିକାରୀବୃନ୍ଦଙ୍କ ସହିତ ପୂର୍ବତନ ବିଧାୟକ ପୁରୋହିତ, ଭାଜପା ଜିଲା ଉପସଭାପତି ସରୋଜ ସାମଲ, ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ସତ୍ୟନାରାୟଣ ବେହେରା, ରାଜେନ୍ଦ୍ର ସେଠ ଆଲୋଚନା କରିଥିଲେ। ଆଲୋଚନା ସମୟରେ ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଖୁବ୍ କମ୍‌ଦିନ ମଧ୍ୟରେ ନୃସିଂହନାଥ ମନ୍ଦିରର ସମସ୍ତ ତଥ୍ୟ ନୂଆଦିଲ୍ଲୀସ୍ଥିତ ଏରୋଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଏଏସଆଇ)କୁ ପ୍ରଦାନ କରାଯିବ ବୋଲି ପ୍ରତ୍ନତତ୍ତ୍ୱ ବିଭାଗର ଅତିରିକ୍ତ ଅଧିକ୍ଷକ ସାମଲ ସୂଚନା ଦେଇଥିଲେ।

ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ, ଲୋକେ ଗାଡ଼ି ଜାଳିଦେଲେ

ବଲାଙ୍ଗୀର ଅଫିସ, ୨।୧୨

ବୁଧବାର ବିଳମ୍ବିତ ରାତିରେ ବଲାଙ୍ଗୀର ସହରର ଦୁର୍ଗାମନ୍ଦିର ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ସୁଦପଡା ଚଁଟିଆପଡା ଗଳିର ନିର୍ମଳ ଚନ୍ଦ୍ର ସାହୁ (୩୨)। ଘରକୁ ବାଇକରେ ଫେରୁଥିବାବେଳେ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା କପା ବୋଝେଇ ଟ୍ରକ୍‌ରେ ନିଆଁ ଲଗାଇ ଦେଇଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଟାଉନ୍ ଥାନା ପୋଲିସ ଯୁବକଙ୍କ ମୃତଦେହକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

କାନପୁର କ୍ରିକେଟ କପ: ପଣ୍ଡିଆପାଲି ଚାମ୍ପିୟନ

ଚାମ୍ପିୟନ ପଣ୍ଡିଆପାଲି ଦଳକୁ ପୁରସ୍କୃତ କରାଯାଉଛି।

ଅମରପାଲି,୨।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କାନପୁରରେ ଚାଲିଥିବା ପ୍ରଥମ କାନପୁର କ୍ରିକେଟ କପର ଫାଇନାଲରେ କେନ୍ଦୁପାଲିକୁ ହରାଇ ପଣ୍ଡିଆପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ କେନ୍ଦୁପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭୨ ରନ କରିଥିଲା। ଜବାବରେ ପଣ୍ଡିଆପାଲି ଦଳ ୭ ଓଭରରେ ୪ ଉଇକେଟ ହରାଇ ୭୩ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ କେନ୍ଦୁପାଲି ୩୯ ରନ କରିଥିବା ବେଳେ ପଣ୍ଡିଆପାଲି ଦଳ ଆବଶ୍ୟକୀ ରନକୁ ୪.୩ ଓଭରରେ ସଂଗ୍ରହ କରି ନେଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ପଣ୍ଡିଆପାଲି ଦଳ ଚାମ୍ପିୟନ ହୋଇଥିଲା। ମଳୟ ଅମାତଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ ମୁଖ୍ୟ ଅତିଥି, କ୍ରୀଡାବିତ ଦିଲୀପ ପଧାନ, ମୀନକେତନ ମହାକୁର, ଶୈଳରଞ୍ଜନ ବାଦୀ, ବଶିଷ୍ଠ ଖମାରୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ସହିତ ନଗଦ ଅର୍ଥରାଶି ପୁରସ୍କୃତ କରିଥିଲେ। ଫାଇନାଲ ଖେଳକୁ ପ୍ରେମା ପାଢୀ ଓ ସୁନୀଲ ସେଠୀ ପରିଚାଳନା କରିଥିଲେ।

ବୀମା କମ୍ପାନୀ ବିରୋଧରେ ତେଜୁଛି ଅସନ୍ତୋଷ

ବରଗଡ଼ ଅଫିସ୍,୨।୧୨

ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ।

ବିପର୍ଯ୍ୟୟରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କରାଯାଇଛି। ହେଲେ ଏହି ଯୋଜନାକୁ ସମ୍ପୂର୍ଣ୍ଣଭାବେ ଘରୋଇ କମ୍ପାନୀକୁ ହସ୍ତାନ୍ତର କରିବା ଯୋଗୁ ଯୋଜନାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଅନ୍ୟପକ୍ଷେ ବୀମା କମ୍ପାନୀର ମନମୁଖୀ କାର୍ଯ୍ୟ ଯୋଗୁ ବୀମା ପ୍ରିମିୟମ ଭରିଥିବା ସତ୍ତ୍ୱେ କେତେବେଳେ ଚାଷୀଙ୍କୁ ବୀମାରାଶି ମିଳୁ ନଥିବାବେଳେ ଆଉକେବେ ଆବେଦନକୁ ଆଗ୍ରାହ୍ୟ କରିଦେଇ ସମ୍ପୃକ୍ତ ବୀମା କମ୍ପାନୀ ଚାଷୀ ଭରିଥିବା ବୀମା ପ୍ରିମିୟମ ରାଶିକୁ ମଧ୍ୟ ଫେରାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଗୁରୁବାର ବରଗଡ଼ର ଚାଷୀ ସଂଗଠନ ଜୟ କିଶାନ ଆନ୍ଦୋଳନ, ସୋହେଲା ଶାଖାର ଏକ ପ୍ରତିନିଧି ଦଳ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ ରହିଛି ଜିଲାର ରଣୀ, ଅଣରଣୀ ଚାଷୀମାନେ ଆବଶ୍ୟକ ସମସ୍ତ କାଗଜପତ୍ର ସହିତ ନିର୍ଦ୍ଧାରୀତ ସମୟରେ କମ୍ପାନୀଠାରେ ବୀମା ପ୍ରିମିୟମ ରାଶି ଭରିଥିଲେ। କିନ୍ତୁ ବୀମା କମ୍ପାନୀ ବିଭିନ୍ନ ଆଳ ଦେଖାଇ ନଭେମ୍ବର ମାସ ଶେଷ ସପ୍ତାହରେ ଶହଶହ ଚାଷୀଙ୍କ ଆବେଦନକୁ କମ୍ପାନୀ ଆଗ୍ରାହ୍ୟ କରି ଦେଇଛି। ଯଦି କୌଣସି ଚାଷୀଙ୍କ କ୍ଷେତ୍ରରେ କିଛି ତ୍ରୁଟି ଦେଖାଯାଏ ତେବେ ଆଗ୍ରାହ୍ୟ କରିବା ସମୟସୀମା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ରହିଛି, ମାତ୍ର ନଭେମ୍ବର ଶେଷ ସପ୍ତାହରେ ଚାଷୀଙ୍କ ଆବେଦନକୁ ଆଳ ଦେଖାଇ ନଭେମ୍ବର ଶେଷ ସପ୍ତାହରେ ସମ୍ପୃକ୍ତ କମ୍ପାନୀ ବୀମା ତାଲିକାରୁ ବାଦ୍ ଦେଇଛି ଏହାର ସମାଧାନ ଦିଗରେ ତ୍ୱରନ୍ତ ପଦକ୍ଷେପ ନିଆ ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଜୟ କିଶାନ ଆନ୍ଦୋଳନର ସମ୍ପାଦକ ହର ବଣିଆଁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ରମେଶ ମହାପାତ୍ର, ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ରହି ଏ ନେଇ ଜିଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଗତବର୍ଷ ବୀମା କମ୍ପାନୀ ଏଭଳି ଅନେକ ଚାଷୀଙ୍କୁ ଆଗ୍ରାହ୍ୟ କରି ଦେଇଥିଲା ଏବଂ ସମ୍ପୃକ୍ତ ଚାଷୀମାନେ ଏପର୍ଯ୍ୟନ୍ତ ବୀମା ପ୍ରିମିୟମ ବାବଦରେ କମ୍ପାନୀକୁ ଦେଇଥିବା କୋଟିକୋଟି ଟଙ୍କା ପାଇ ପାରି ନାହାନ୍ତି ବୋଲି ଜୟ କିଶାନ ଆନ୍ଦୋଳନ ପକ୍ଷରୁ ସୂଚନା ଦିଆଯାଇଛି।

ଦକ୍ଷତାର ଶ୍ରେଷ୍ଠତା ପ୍ରଦର୍ଶନ କର

ଅମରପାଲି,୨।୧୨(ଡି.ଏନ.ଏ.)

ଅତିଥିଙ୍କ ସହିତ କୃତୀ ଛାତ୍ରୀଛାତ୍ର।

କୁଞ୍ଜାପାଲି ଆଶ୍ରମ ସ୍କୁଲରେ ସରଗୀଫୁଲ ମହୋତ୍ସବ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତେଲା ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାପାଲି ଆଶ୍ରମ ସ୍କୁଲ ପରିସରରେ ସରଗୀଫୁଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଡିଡବ୍ଲ୍ୟୁଓ ପାଲକା ରବୀନ୍ଦ୍ର ମୁଖ୍ୟ ଅତିଥି, ଏଡିଡବ୍ଲ୍ୟୁଓ ଶରତ ଚନ୍ଦ୍ର ସାହୁ ଓ ସ୍କୁଲ ପରିଚାଳନା କମିଟି ଅଧକ୍ଷ ନାରାୟଣ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଭବିଷ୍ୟତରେ ସୁନାଗରିକ ହେବା ସହିତ ପ୍ରତ୍ୟେକ ନିଜ ଦକ୍ଷତାର ଶ୍ରେଷ୍ଠତା ପ୍ରଦର୍ଶନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଗିରିଧାରୀ ନାଏକ କାର୍ଯ୍ୟକ୍ରମ ସଂଯୋଜନା ଓ ମାନସ ରଞ୍ଜନ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରୁଷୋତ୍ତମ ମେଣ୍ଡିଲି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲିଳାବତୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରତି ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ସରଗୀଫୁଲ ମହୋତ୍ସବ ପାଇଁ ଚୟନ କରାଯାଇଥିଲା। ରଙ୍ଗୋଲିରେ କବିତା ମୁଣ୍ଡା, ସଙ୍ଗୀତରେ ମୁନକି ମୁଣ୍ଡା, ଜୁନିୟର ବର୍ଗ ବକୃତାରେ ମହିମା ମିର୍ଦ୍ଧା, ସିନିୟର ବକୃତାରେ କବିତା ମୁଣ୍ଡା, ପେଣ୍ଟିଂରେ ଚମ୍ପେଶ୍ୱରୀ ଭୋଇ, ସୃଜନ ଲିଖନରେ ସୁନିତା ମୁଣ୍ଡା ଓ ସ୍ଲୋଗାନରେ ମୋହନ ମୁଣ୍ଡା ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ସରଗୀଫୁଲ ମହୋତ୍ସବ ପାଇଁ ଚୟନ ହୋଇଛନ୍ତି।ସମସ୍ତ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇ ଥିଲା। ଶେଷରେ ଆଶ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

ରାଶନ କାର୍ଡ ପାଇଁ ବିଡ଼ିଓଙ୍କ ଦ୍ୱାରସ୍ଥ ଦମ୍ପତି

ବାଉଁଶୁଣୀ,୨।୧୨(ଡି.ଏନ.ଏ.): କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଗୌରୀବେଙ୍କେଶ ଗ୍ରାମର ଉଷା ଓ ତାଙ୍କ ସ୍ୱାମୀ ଅଡୁର ନାଏକ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହି ପରିବାର ରାଶନ କାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ରାଶନ କାର୍ଡ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ପରେ ବି ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ବୁଧବାର ଉଷା ଓ ଅଡୁର କଣ୍ଟାମାଳ ଆସି ବିଡ଼ିଓଙ୍କ ନିକଟରେ ରାଶନ କାର୍ଡ ପାଇ ନ ଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ ଯଦି ପ୍ରଶାସନ ବିହିତ ପଦକ୍ଷେପ ନ ନିଏ ତେବେ ଏହି ଦମ୍ପତି ବ୍ଲକ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରକାଶଥାଉ କି, କିଛି ଦିନ ତଳେ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଲୋକପଡା ଗ୍ରାମର ପ୍ରକାଶ ପ୍ରଧାନ ରାଶନ କାର୍ଡ ପାଇ ନ ଥିବାରୁ କଣ୍ଟାମାଳ ବ୍ଲକକୁ ଆସି ଯୋଗାଣ ଅଧିକାରୀ ଦେବକାନ୍ତ ମହନ୍ତଙ୍କୁ ଭେଟି ଅଭିଯୋଗ କରିଥିଲେ । ଏନେଇ କଣ୍ଟାମାଳ ବିଡ଼ିଓ କଳାକୃଷ୍ଣ ପ୍ରଧାନଙ୍କୁ ପଚାରିବାରେ ରାଶନ କାର୍ଡ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପଡିବ ବୋଲି କହିଛନ୍ତି ।

କୃତ୍ରିମ ଛେଳି ପ୍ରଜନନ ପ୍ରଶିକ୍ଷଣ ଶିବିର

ଡୁଙ୍ଗୁରିପାଲି,୨।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ କାର୍ଯ୍ୟାଳ

ଜୁନାଗଡ଼ ଏନ୍‌ଏସି ଇଓଙ୍କ ନାଁରେ ନକଲି ଫେସବୁକ ଆକାଉଣ୍ଟ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସି ଇଓ (କାର୍ଯ୍ୟ ନିର୍ବାହୀ ଅଧିକାରୀ) ବିଶ୍ୱମ୍ଭର ମିଶ୍ରଙ୍କ ନାମରେ କେହି ଜଣେ ସାଇବର ଠକ ନକଲି ଫେସବୁକ ଆକାଉଣ୍ଟ ଖୋଲି ସମସ୍ତଙ୍କୁ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ଏପରିକି ଏହାର ଶିକାରରେ ପଡି ଏନଏସିର ଜଣେ କର୍ମଚାରୀଙ୍କଠାରୁ ସାଇବର ଠକ ୧୨ ହଜାର ଟଙ୍କା ଠକି ନେଇଥିବା ଜଣାପଡିଛି। ଏ ନେଇ ସ୍ଥାନୀୟ ଏନ୍‌ଏସି ଇଓ ମିଶ୍ର ଜୁନାଗଡ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୪୧୩/୨୧) ରୁଜୁ ହୋଇଛି।

ଓଡ଼ିଶାକୁ ଆବଣ୍ଟନଠାରୁ ଅନୁଦାନ କମ୍

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଣ୍ଠି

ବଲାଙ୍ଗୀର ଅଫିସ, ୨।୧୨

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ରାଜ୍ୟଗୁଡ଼ିକୁ ଅର୍ଥ ଆବଣ୍ଟନ ଓ ଅର୍ଥ ପ୍ରଦାନ ତଥ୍ୟକୁ ଅନୁଧ୍ୟାନ କଲେ କେନ୍ଦ୍ର ସରକାରଙ୍କ ରାଜନୈତିକ ଅଭିସନ୍ଧି ଜଳଜଳ ହୋଇ ଦିଶୁଛି। ଓଡ଼ିଶାକୁ ୫ ବର୍ଷରେ ଆବଣ୍ଟନ ଅନୁପାତ ତୁଳନାରେ ଅନୁଦାନ ରାଶି କମ୍ ରହିଛି। ଦେଶବ୍ୟାପୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ସ୍ଥିତି ଓ ପରିବୃଦ୍ଧି ସମ୍ବନ୍ଧରେ ସୂଚନା ଅଧିକାର ଆଇନ ବଳରେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ମଗାଯାଇଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି।

ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନା ସମ୍ବନ୍ଧୀୟ ତଥ୍ୟ ମାଗିଥିଲେ। ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡିଛି ଯେ, ଗତ ୫ ବର୍ଷରେ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୪ ହଜାର ୫୧୫ କୋଟି ୪୧ ଲକ୍ଷ ୩୧ ହଜାର ୨୬୦ ଟଙ୍କା ଆବଣ୍ଟନ କରାଯାଇଥିଲା। ଏଥିରୁ ରିଲିଜ କରାଯାଇଥିବା ଅର୍ଥର ପରିମାଣ ମାତ୍ର ୧୩ ହଜାର ୫୬୦ କୋଟି ୭୩ ଲକ୍ଷ ୪୪ ହଜାର ୯ ଶହ ଟଙ୍କା। ଏଥିରୁ ରାଜ୍ୟକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଅବହେଳା କରୁଥିବା ସ୍ପଷ୍ଟ ହୋଇଛି ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି। ୨୦୧୭-୨୦୧୮ ଓ ୨୦୧୮-୨୦୧୯ ମସିହାରେ ଆବଣ୍ଟନ ତୁଳନାରେ ଓଡ଼ିଶାକୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ୨୦୧୭-୨୦୧୮ ମସିହାରେ ୨ ହଜାର ୬୯୧ କୋଟି ୬୪ ଲକ୍ଷ ୩ହଜାର ୧୩୦ଟଙ୍କା ଓ ୨୦୧୮-୨୦୧୯ରେ ୨ ହଜାର ୨୩ କୋଟି ୩୫ ଲକ୍ଷ ୬ ହଜାର ୨୫୦ ଟଙ୍କା ଆବଣ୍ଟନ କରଯାଇଥିବାବେଳେ ଯଥାକ୍ରମେ ୩ ହଜାର ୧୨୪ କୋଟି ୫ଲକ୍ଷ ୯୦ ହଜାର ୩ ଶହ ଟଙ୍କା ଓ ୩ ହଜାର ୨୯୦ କୋଟି ୩୨ ଲକ୍ଷ ୪୨ ହଜାର ୭ ଶହ ଟଙ୍କା ରିଲିଜ କରାଯାଇଛି। ଓଡ଼ିଶା ବିଧାନସଭା ନିର୍ବାଚନ ହୋଇଥିବା ଆର୍ଥିକ ବର୍ଷ ଓ ପୂର୍ବବର୍ଷରେ ତଥା ୨୦୧୭-୨୦୧୮ ଓ ୨୦୧୮-୨୦୧୯ ବର୍ଷରେ ରାଜ୍ୟ ପାଇଁ ଆବଣ୍ଟିତ ପରିମାଣଠାରୁ ସର୍ବାଧିକ ଅର୍ଥ ରିଲିଜ କରାଯାଇଥିବା ତଥ୍ୟରୁ ଜଣାପଡିଛି । ଏହି ଦୁଇବର୍ଷ ବ୍ୟତୀତ ଅନ୍ୟ ବର୍ଷଗୁଡ଼ିକରେ ଅର୍ଥ ଆବଣ୍ଟନ ତୁଳନାରେ କମ୍ ଅର୍ଥ ପ୍ରଦାନ କରାଯାଇଛି । ଠିକ୍ ସେହିପରି ପଶ୍ଚିମବଙ୍ଗ ରାଜ୍ୟ ପାଇଁ ମଧ୍ୟ ୨୦୨୦-୨୦୨୧ ମସିହାରେ ଆବଣ୍ଟିତ ଅର୍ଥ ରାଶି ପରିମାଣଠାରୁ ଅଧିକ ଅର୍ଥ ପ୍ରଦାନ କରାଯାଇଛି। ଚଳିତବର୍ଷ ପଶ୍ଚିମବଙ୍ଗରେ ନିର୍ବାଚନ ହୋଇଛି। ଅନ୍ୟ କେତେକ ରାଜ୍ୟରେ ମଧ୍ୟ ଏଭଳି କରାଯାଇଛି। ଦଳୀୟ ରାଜନୈତିକ ସ୍ୱାର୍ଥକୁ ଆଧାର କରି ଗରିବଙ୍କ ସହାୟତା ପାଇଁ ଉଦ୍ଦିଷ୍ଟ ଯୋଜନାରେ କେନ୍ଦ୍ର ସରକାର ଅର୍ଥ ପ୍ରଦାନ କରିବା ଏକ ମାରାତ୍ମକ ଘଟଣା ବୋଲି ସେ କହିଛନ୍ତି । ଏହାକୁ ନେଇ ସୂଚନା ଅଧିକାର କର୍ମୀ ପଣ୍ଡା ପ୍ରଧାନମନ୍ତ୍ରୀଙ୍କଠାରେ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

ଅଟଳ ବିହାରୀ ପଣ୍ଡାଙ୍କ ଜୟନ୍ତୀ ସମାରୋହ

ବଲାଙ୍ଗୀର ଅଫିସ, ୨।୧୨

ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବଲାଙ୍ଗୀର ପିପି ଏକାଡେମୀ ସମ୍ମିଳନୀ କକ୍ଷରେ ବିଶିଷ୍ଟ ନାଟ୍ୟକାର, ସିନେ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ସମାରୋହକୁ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ ଉଦ୍‌ଘାଟନ କରିଥିଲେ। ଅଟଳ ସ୍ମୃତି କମିଟି ପକ୍ଷରୁ କମିଟି ସଭାପତି ଡ ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ମନୋରଞ୍ଜନ ଯୋଷୀ ଅତିଥିଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ରସ୍ତୁତ ୧୦ ଜଣ ଖ୍ୟତନାମା କଣ୍ଠଶିଳ୍ପୀଙ୍କ କଣ୍ଠରେ ନିର୍ମିତ ଭିଡିଓ ଆଲବମ୍, ସ୍ୱର୍ଗତ ଅଟଳ ପଣ୍ଡାଙ୍କ ଲିଖିତ ପୁସ୍ତକ ବାନ୍ଧୁଉବାଚ-୨କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଏହି ସମାରୋହରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟଭୂଷଣ ଜଗଦାନନ୍ଦଙ୍କୁ ପ୍ରଥମ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହ ସମାରୋହରେ ଗୋରେଖନାଥ ସାହୁଙ୍କ ପ୍ରଜ୍ଞାଲୋକ ପୁସ୍ତକ ମଧ୍ୟ ଉନ୍ମୋଚିତ କରାଯାଇଥିଲା। ସମାରୋହରେ ଅଟଳ ପଣ୍ଡାଙ୍କ ନିଖୁଣ ଅଭିନୟ, କୋଶଲୀ ଭାଷା, କଳା ସଂସ୍କୃତିର ସୁରକ୍ଷା ଦିଗରେ ମହତ୍ତର ଦାନ ସହ ନାଟକ କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନ ଉପରେ ମୁଖ୍ୟଅତିଥି ସବ୍ୟସାଚୀ ମହାପାତ୍ର କହିଥିଲେ। ଶଲାବୁଢ଼ା, ଆଦିମ ବିଚାର ଓ ଶଲବୁଢ଼ାର ବଦ୍‌ଲା ଚଳଚ୍ଚିତ୍ରରେ ଅଟଳଙ୍କ ଅଭିନୟର ଯାଦୁ ଉପରେ ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟି ପକ୍ଷରୁ ସଙ୍ଗୀତା ଦାଶ, ଜୟକୃଷ୍ଣ ମିଶ୍ର, ସୌମ୍ୟ ପୂଜାରୀ, ପ୍ରଶାନ୍ତ ମହାକୁର ସହଯୋଗ କରିଥିଲେ। ସଭାରେ ଭିଡିଓ ଆଲବମ୍‌ର ବିଭୂତି ପଟ୍ଟନାୟକ, ବ୍ୟାସଦେବ ପୁରୋହିତ, ନୁର ବେଗମ, ପ୍ରତିଭାରାଣୀ ଭୁଏ, ପ୍ରୀତନନ୍ଦ ମିଶ୍ର, ପଦ୍ମିନୀ ଦୋରା, ସର୍ବେଶ୍ୱର ଭୋଇ, ଶତ୍ରୁଘ୍ନ ଲୁହା, ତୁଳାରାମ କଲେତ, ବିରଞ୍ଚି ନାରାୟଣ ମେହେର, ଘନଶ୍ୟାମ ମେହେର, ଯତିନ୍ଦ୍ର ପ୍ରଧାନ, ମନ ମେହେର, ରତନ ପୂଜାରୀ ଶାଶ୍ୱତ ତ୍ରିପାଠୀ, ଅଶ୍ୱିନୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ତ୍ରିନାଥ ମନ୍ଦିର ପ୍ରତିଷ୍ଠା

ଭବାନୀପାଟଣା,୨।୧୨(ସ୍ୱ.ପ୍ର.)

ଭବାନୀପାଟଣା ନିୟୁ ଇରିଗେସନ କଲୋନୀରେ ଏକ ତ୍ରିନାଥ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ତିନିଦିନ ଧରି ଆୟୋଜିତ ପ୍ରତିଷ୍ଠା କର୍ମରେ ସୋମବାର ଅପରାହ୍ନରେ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ପିପଲ ନାଲାରୁ ଜଳାଧିବାସ ପରେ ମୁଣ୍ଡରେ କଳସ ଧରି ମନ୍ଦିରକୁ ଆସିଥିଲେ। ମଙ୍ଗଳବାର ମନ୍ଦିରରେ ରତ୍ନମୁଦ ଦିଆଯାଇଥିଲା। ବୁଧବାର ମନ୍ଦିରରେ ବିଗ୍ରହ ପ୍ରବେଶ ସହ ପୂର୍ଣ୍ଣାହୁତି କରାଯାଇଥିଲା। ପ୍ରତିଷ୍ଠା କର୍ମରେ ପ୍ରଚାରକ ଦାୟିତ୍ୱ ନିରଞ୍ଜନ ଦାଶ ତୁଲାଇଥିବା ବେଳେ ଶରତ କୁମାର ମିଶ୍ର ବ୍ରହ୍ମା, ଶ୍ରୀଧର ତ୍ରିପାଠୀ ଆଚାର୍ଯ୍ୟ, ରଙ୍ଗାଧର ତ୍ରିପାଠୀ ଚରୁ ଓ ମନୋରଞ୍ଜନ ଦାଶ ସମୀଧ ଦାୟିତ୍ୱ ସମ୍ପାଦନ କରିଥିଲେ। ଶିବରାମ ପଣ୍ଡା ଓ କମଳା ପଣ୍ଡା ମନ୍ଦିର ପ୍ରତିଷ୍ଠା କର୍ମର କର୍ତ୍ତା ହେଇଥିଲେ।

୨୦ ଦିନ ଅନ୍ଧାରରେ କାଦୋପଡ଼ା

ବୋଡେନ,୨।୧୨(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବ୍ଲକ ସୁନାପୁର ପଞ୍ଚାୟତ କାଦୋପଡା ଗାଁ ଆଜକୁ ପ୍ରାୟ ୨୦ ଦିନ ହେବ ଅନ୍ଧାରରେ ରହିଛି। ଟ୍ରାନ୍ସଫର୍ମର ଅଚଳ ଯୋଗୁ ପଡାବାସୀ ଅନ୍ଧାରରେ ରହିଛନ୍ତି। ଏପରିକି ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଉକ୍ତ ପଡାରେ ୨୦ଟି ପରିବାର ଲୋକେ ବାସ କରନ୍ତି। ସୂଚନା ମତେ ପଡାରେ ଥିବା ଟ୍ରାନ୍ସଫର୍ମର ଅଚଳ ହୋଇପଡିଥିବାରୁ ପଡାବାସୀ ଡିବରି ଆଲୁଅରେ ରାତି ବିତାଉଛନ୍ତି। ଖବର ନେବାରୁ ଜଣାଜାଇଛି ଯେ ବିଦ୍ୟୁତ୍ ବିଭାଗ କେତେକ କର୍ମଚାରୀ ପଡାକୁ ଆସି ବିଲ ପୈଠ କଲେ ବିଜଳି ଯୋଗାଇ ଦିଆଯିବ ବୋଲି ଜଣାପଡିଛି। ଯୁଦ୍ଧକାଳିନ ଭିତ୍ତିରେ ଟ୍ରାନ୍ସଫର୍ମର ମରାମତି କରି ପଡାକୁ ବିଦ୍ୟୁତ୍ ଯୋଗାଇଦେବା ପାଇଁ ପଡାବାସୀଙ୍କ ଦାବି କରିଛନ୍ତି।

ବାତ୍ୟା 'ଜୱାଦ'ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ଭବାନୀପାଟଣା,୨।୧୨(ସ୍ୱ.ପ୍ର.): ସମ୍ଭାବ୍ୟ ବାତ୍ୟା 'ଜୱାଦ' ମୁକାବିଲା ଲାଗି ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ମୁଖ୍ୟ ଶାସନ ସଚିବ ବୁଧବାର ନିର୍ଦ୍ଦେଶ ଦେଇଥିଲେ। ଏହା ପରେ 'ଜୱାଦ' ମୁକାବିଲା ପାଇଁ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲାର ସମସ୍ତ ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ସମ୍ଭାବ୍ୟ ବାତ୍ୟା ସହ ବର୍ଷାର ମୁକାବିଲା ପାଇଁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କ ଅମଳ ଯୋଗ୍ୟ ଧାନ ଫସଲ ତୁରନ୍ତ ନିରାପଦ ସ୍ଥାନକୁ ନେବା ତଥା ଖଳାରେ ଥିବା ଧାନକୁ ପଲିଥିନ ଘଡେଇ ରଖିବାକୁ ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ଜିଲା ମୁଖ୍ୟ କୃଷି ଅଧିକାରୀ, ଆରଏମସି, ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଥିବା ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ପ୍ରସ୍ତୁତ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ହେବା ସୂଚନାମାତ୍ରେ, ଗର୍ଭବତୀ, ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନଙ୍କୁ ଆଶ୍ରୟସ୍ଥଳୀରେ ସ୍ଥାନାନ୍ତରିତ ପାଇଁ ବ୍ୟବସ୍ଥା, ଜିଲା ନିୟନ୍ତ୍ରଣ କକ୍ଷ ଖୋଲା ସହ କଚ୍ଚା ଘରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର କରିବା ଉପରେ ଆଲୋଚନା ହୋଇଥିଲା। ସେହିପରି ଆଶ୍ରୟ ସ୍ଥଳୀରେ ବିଦ୍ୟୁତ୍, ପାନୀୟ ଜଳ, ଖାଦ୍ୟ, ଶୌଚାଳୟ ବ୍ୟବସ୍ଥା, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଗଛ କଟା ମେଶିନ, ଜେସିବି, ଟ୍ରାକ୍ଟର ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପଦକ୍ଷେପ, ସରପଞ୍ଚ ଜନପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରିବା ସହ ଏଥିପ୍ରତି କର୍ମଚାରୀମାନେ ସଜାଗ ରହିବାକୁ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ପିଡିଡିଆରଡିଏ ସୋମେଶ ଉପାଧ୍ୟାୟ, ସିଡିଏମଓ ଡାକ୍ତର ପ୍ରତାପ ବେହେରା, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଡିଆଇପିଆରଓ ମନୋଜ କୁମାର ବେହେରା, ସିଡିଭିଓ, ଜରୁରୀକାଳୀନ ଅଧିକାରୀ, ବିଡିଓ, ତହସିଲଦାର, ଅଗ୍ନିଶମ ଅଧିକାରୀ, ଡିଏସଡବ୍ଲୁ, ବିଦ୍ୟୁତ ବିଭାଗ ପ୍ରମୁଖ ଭାଗ ନେଇଥିଲେ।

ODISHA PUBLIC SERVICE COMMISSION
CUTTACK
NOTICE

No. 8753/PSC, (1R-90-21-22) (DR-V), **Dt. 2.12.21**

No. D-214:- It is for information of all concerned that, document verification of candidates having **PPSAN** mentioned below for the post of **Associate Professor in Philosophy** pursuant to advertisement No.06 of 2021/22 shall be held on **09.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

PROGRAMME OF DOCUMENT VERIFICATION

Date	Time of Verification	PPSAN
09.12.2021	10.30 AM	00109628, 00110116, 00077282, 00086127, 00095160, 00087896, 00109766, 00110533, 00100648 & 00110670 = **10 Candidates**
	02.30 PM	00083425, 00109455, 00109651, 00099893 & 00109961 = **5 Candidates**

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. P.G. Degree mark sheet in support of percentage of mark.
6. Ph. D. Thesis.
7. Certificate of teaching experience.
8. Following documents in Original (as per table-2 of Appendix-II of UGC regulation-2018)
   a. All original Research Publicaitons/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0148/2122 **Sd./- Secretary**

ODISHA PUBLIC SERVICE COMMISSION
CUTTACK
NOTICE

No. 8749/PSC, (1R-88-21-22) (DR-V), **Dt. 02.12.21**

No. D-213:- It is for information of all concerned that, document verification of candidates having **PPSAN** mentioned below for the post of **Professor in Philosophy** pursuant to advertisement No.10 of 2021-22 shall be held on **10.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

PROGRAMME OF DOCUMENT VERIFICATION

Date	Time of Verification	PPSAN
10.12.2021	10.30 AM	00109628, 00095160, 00111208 & 00109766 = **4 Candidates**

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**. (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
   a. All original Research Publicaitons/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-
i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0150/2122 **Sd./- Secretary**

GOVERNMENT OF ODISHA No. A-686
OFFICE OF THE SUPERINTENDING ENGINEER, NABARANGPUR IRRIGATION DIVISION, NABARANGPUR, DIST.- NABARANGPUR (ODISHA)
No. 1184 Dated: 30.11.2021
NOTICE INVITATION FOR BIDS (NIFB)
E-Procurement Notice No. SE-NID-04/2021-22 (01 - 03)

1. Nature of the work : River Bank Flood Protection work
2. Total Nos. of works : 03 (Three) Nos.
3. Tender cost of the works : From Rs.50.16 lakhs to Rs.99.97 lakhs (excluding GST)
4. Bid Security : Bid Security Declaration
5. Class of Contractor : 'B' & 'A'
6. Period of Completion : 04 (Four) months to 06 (Six) months
7. Other details as follows :

Procurement Officer	Bid Identification No.	Availability of Bid Online		Last date & time of seeking tender clarification	Date & time & place of opening of Technical Bid	Date & time of opening of Financial Bid
Superintending Engineer, Nabarangpur Irrigation Division, Nabarangpur	SE, NID-04/ 2021-22 (01-03)	04.12.2021 (10.00 A.M.)	13.12.2021 (upto 05.00 P.M.)	09.12.2021 upto 5.00 P.M.	14.12.2021 at 11.00 A.M. in the O/o. the SE, Nabarangpur Irrigation Division, Nabarangpur	To be intimated to the qualified bidders after evaluation of Technical Bid

Further details can be seen from the Government website **www.tendersodisha.gov.in**.
Sd./- Superintending Engineer, Nabarangpur Irrigation Division, Nabarangpur
OIPR-32361/11/0001/2122

GOVERNMENT OF ODISHA No. O-1174
OFFICE OF THE SUPERINTENDING ENGINEER
RURAL WORKS DIVISION, RAIRANGPUR (MAYURBHANJ)
Email ID: eerwrairangpur@yahoo.com
Letter No. 6563 // Date- 29.11.2021
e-Procurement Notice for Building Works **Bid Identification No.: RWDRRP-21/2021-22**

1. Name of the Work : **Construction of 4 nos F type quarter under R.W. Division, Rairangpur (New Colony) for the year 2021-22**
2. Estimated Cost : From Rs. **64,88,222.00** (approximately)
3. Class of Contractor : "B" & "A" Class (of Odisha P.W.D.) or relevant Class of works license.
4. Period of Completion : **06 (Six calendar months)**
5. Tender Paper Cost : As per annexure

The details are as follows

Procurement Officer	Bid Identification No.	Availability of Tender online for bidding		Last Date & Time of seeking Tender Clarification	Date & Time of Opening of Tender in O/o Superintending Engineer, Rural Works Division, Rairangpur	
		From	To		Technical Bid	Financial Bid
1	2	3	4	5	6	7
S.E.R.W. Division, Rairangpur	RWDRRP-21/ 2021-22	04.12.2021 at 11.00 A.M.	15.12.2021 upto 5.00 P.M.	14.12.2021 up to 5.00 P. M.	16.12.2021 at 11.30 A.M.	18.12.2021 at 11.30 A.M.

Further details can be seen from the website: **www.tendersodisha.gov.in**
OIPR-25107/11/0022/2122 **Sd./- Er. D. Behera, Superintending Engineer, R.W. Division, Rairangpur**

Government of Odisha No. B-709
OFFICE OF THE CHIEF CONSTRUCTION ENGINEER
CUTTACK (R&B) CIRCLE, CUTTACK
E-mail.ID-sectcrb_2006@yahoo.co.in; Tel/Fax – 0671-2301751/2302751
('e' – PROCUREMENT NOTICE)
Bid Identification No.CCE Ctc.(R&B) 26/2021-22

1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road & Building works as mentioned below.
2. No. of work :- 10 Nos.
3. Nature of work :- Road & Building works
4. Class of contractor :- 'B', 'A', Special & Super Class.
5. Tender paper cost :- Rs.10000/- **(online)**
6. Available of bid documents in the website. :- **From 10.12.2021 to 16.00 hours of 24.12.2021**
7. Date of opening of bid :- **Dt. 27.12.2021 at 11.00 hours.**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./-P.K. Pradhan, Chief Construction Engineer, Cuttack(R&B)Circle
OIPR-34012/11/0037/2122

GOVERNMENT OF ODISHA No.O-1096
OFFICE OF THE SUPERINTENDING ENGINEER
RURAL WORKS DIVISION, KENDRAPARA
eerw_kpd@yahoo.com
INVITATION FOR BIDS (SHORT NOTICE)
'E' PROCUREMENT NOTICE NO. RWD/KPD-06/2021-22, DT.25.11.2021

1. Name of work : Repair of Road work in the District of Kendrapara for the year 2021-22
2. Total No. of Work : 17 Numbers of Road work.
3. Estimated Cost : Rs.1.96 Lac to Rs.42.85 Lac approximately
4. Period of Completion : As Specified in the Annexure
5. Class of contractors : As Specified in the Annexure
6. Cost of tender paper : Cost of tender paper is to be remitted ONLINE as specified in Column-5 of the Annexure.
7. Detail projects : As Specified in the Annexure.

Other details as follows:
a) Procurement officer : Superintending Engineer, Rural Works Division, Kendrapara
b) Availability of tender online : 03.12.2021 at 11.00 AM to 13.12.2021 upto 5.00 P.M.
c) Last date & time of seeking of tender clarification : 10.12.2021 up to 5:00 PM
d) Opening of Tender : 14.12.2021 at 11.00 AM
e) Decision to conduct Lottery : If required, to decide the agency, transparent Lottery shall be conducted on dt.17.12.2021 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in
Sd./- A.K. Sahu, Superintending Engineer, Rural Works Division, Kendrapara
OIPR-25064/11/0012/2122

GOVERNMENT OF ODISHA No.O-1123
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL
E-Mail - sencrwangul@yahoo.co.in; Phone: 06764 - 236404
No. 2691 / Dt.25.11.2021
"e" Procurement Notice for MMSY Road Works in Odisha

1. Name of the work :- Road Works
2. Total No. of work :- 21 Nos.
3. Estimated Cost :- Rs.88.38 Lakhs to Rs.504.52 Lakhs
4. Class of Contractor :- As per annexure
5. Period of Completion :- As per annexure
6. Other details

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender clarification.	Date & time of Opening of Tender	
		From	To		Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Angul	MMSY Online - AGL-16/ 2021-22